ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ବାଲେଶ୍ୱର ■ ଗୁରୁବାର ୨୭ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 27 AUGUST 2020

Vol.No. 30 ■ No. 216■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


# ବର୍ଷା ବିପ୍ରାତ ଜାରି : ୧୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ



ଭୁବନେଶ୍ୱର,୨୬।୮ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ୱେଲ ମାର୍କଡ୍ ଲେଷା ପ୍ରେସ୍‌ର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ। ଆସନ୍ତା ୨୪ ଘଂଟା ମଧ୍ୟରେ ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ,ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ ଓ ମୟୁରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ରେଡ ଆଲର୍ଟ ଜାରି କରାଯାଇଛି । ସେହିପରି ଆଉ କେତେକ ଜିଲ୍ଲା ଯେପରିକି ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମାଲକାନଗିରି, କୋରାପୁଟ, କନ୍ଧମାଳ, ନୂଆପଡ଼ା ଓ ଜଗତସିଂହପୁରରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଅବଶିଷ୍ଟ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ପ୍ରଣବ ମୁଖାର୍ଜୀ ଗଭୀର କୋମାରେ, ଜୀବନ ରକ୍ଷକ ପ୍ରଣାଳୀ ଜାରୀ: ହସପିଟାଲ



ନୂଆଦିଲ୍ଲୀ,୨୬।୮ (ନି.ପ୍ର): କରୋନା ସଂକ୍ରମଣ କାରଣରୁ ହସପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନାହିଁ । ସେ ଗଭୀର କୋମାରେ ଅଛନ୍ତି । ସେ ଅନେକ ଦିନ ହେଲା ଜୀବନ ରକ୍ଷକ ପ୍ରଣାଳୀରେ ଅଛନ୍ତି । ସେନାର ରିସର୍ଚ୍ଚ ଏଣ୍ଡ ରେଫରାଲ (ଆରଏଣ୍ଡଆର) ହସପିଟାଲ ଦ୍ୱାରା ବୁଧବାର ଦିନ ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟ ବୁଲେଟିନ ଜାରୀ କରି କହିଛି ଯେ ସେ ଗତ ୧୬ ଦିନ ଧରି ହସପିଟାଲରେ ଭର୍ତ୍ତି ହୋଇଛନ୍ତି । ବ୍ରେନ ସର୍ଜରୀ ପରେ ସେ ଗୁରୁତର ସ୍ଥିତିରେ ଅଛନ୍ତି । ପ୍ରଣବ ମୁଖାର୍ଜୀଙ୍କର ଫୁସଫୁସରେ ସଂକ୍ରମଣର ଚିକିତ୍ସା ଚାଲିଛି । ତାଙ୍କର କିଡନିର ସ୍ଥିତି ମଧ୍ୟ ଠିକ ନାହିଁ । ତାଙ୍କର ଗୁରୁତ୍ୱପୂର୍ଣ୍ଣ ପାରାମିଟର ସ୍ଥିର ରହିଛି ତଥା ଏବେ ବି ସେ ଜୀବନ ରକ୍ଷକ ପ୍ରଣାଳୀରେ ଅଛନ୍ତି ।

## ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏଁ କମିବ ୩୦ ପ୍ରତିଶତ ସିଲାବସ୍

ଭୁବନେଶ୍ୱର,୨୬।୮ (ନି.ପ୍ର): କରୋନା କାରଣରୁ ପାଠ ପଢା ପ୍ରଭାବିତ ହେଉଥିବାରୁ ରାଜ୍ୟ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ୨୦୨୦-୨୧ର ସିଲାବସକୁ ୩୦ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତି ଗ୍ରହଣ କରିଛନ୍ତି । ରାଜ୍ୟର ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏ ସମ୍ପର୍କରେ ତିନୋଟି କମିଟିର ସୁପାରିଶ କ୍ରମେ ଏହି ନିଷ୍ପତି ନିଆ ଯାଇଛି । ସେ କହିଛନ୍ତି ଯେ ନୂଆ ସିଲାବସ ମାଧ୍ୟମିକ ଶିକ୍ଷା ପରିଷଦ, ସିଏଚଏସଇ ଓ ଏସସିଇଆରଟିର ୱେବସାଇଟରେ ଦିଆ ଯିବ । ସ୍କୁଲ ଖୋଲା ଯିବା ସମ୍ପର୍କରେ ଏକ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ କେନ୍ଦ୍ର ସରକାର ଦ୍ୱାରା ନୂଆ ଗାଇଡଲାଇନ ଜାରୀ କରିବା ପରେ ଏ ସମ୍ପର୍କରେ ନିଷ୍ପତି ନିଆ ଯିବ ।

# ରାଜ୍ୟରେ ଆଉ ୧୩ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୪୧ ହେଲା



ଭୁବନେଶ୍ୱର,୨୬।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୪୧ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଓ ସମ୍ବଲପୁର ଜିଲ୍ଲାରୁ ୩-୩ ଜଣ ହୋଇଥିବା ବେଳେ ଗଂଜାମ ଓ କଟକ ଜିଲ୍ଲାରୁ ୨-୨ ଜଣ ଅଛନ୍ତି । ସେହିପରି ଖୋର୍ଧା, କେନ୍ଦୁଝର ଓ ପୁରୀ ଜିଲ୍ଲାରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୪୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ହିଁ ଅନ୍ୟ ଜଣେ ୩୨ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କର ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୪୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ଓ ମଧୁମେହରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କର ମୃତ୍ୟୁ ଘଟିଛି । ସେ ଡାଇବେଟିଜ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ପୁରୀ ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି ସମ୍ବଲପୁର ଜିଲ୍ଲାର ଜଣେ ଜଣେ ୪୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସମ୍ବଲପୁର ଜିଲ୍ଲାର ଜଣେ ୫୮ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ହିଁ ଅନ୍ୟ ଜଣେ ୫୦ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ସେହିପରି ଏହି ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଛି। ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

# କରୋନାରୁ ସୁସ୍ଥ ହେଲେଣି ୬୨,୮୧୩ : ଗୋଟିଏ ଦିନରେ ୩୩୪୩ ସୁସ୍ଥ

ଭୁବନେଶ୍ୱର,୨୬।୮ (ନି.ପ୍ର): ରାଜ୍ୟର ୩୦ଟି ଜିଲ୍ଲାରୁ ବୁଧବାର ରେକର୍ଡ ସଂଖ୍ୟକ ୩୩୪୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏଥିସହ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୬୨ ହଜାର ୮୧୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ସର୍ବାଧିକ ୭୩୨ ଜଣ ସୁସ୍ଥ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୬୧ ଜଣ, ଭଦ୍ରକରୁ ୨୪୫ ଜଣ, ଗଂଜାମରୁ ୨୩୮ ଜଣ, ରାୟଗଡ଼ାରୁ ୨୧୭ ଜଣ, କଟକରୁ ୧୮୧ ଜଣ, ବାଲେଶ୍ୱରରୁ ୧୫୫ ଜଣ, ସମ୍ବଲପୁରରୁ ୧୨୭ ଜଣ, କୋରାପୁଟରୁ ୧୧୯ ଜଣ, ମୟୂରଭଂଜରୁ ୧୧୨ ଜଣ ଓ ସୋନପୁରରୁ ୧୦୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାରୁ ୮୪ ଜଣ, ବରଗଡ଼ରୁ ୭୮ ଜଣ, କନ୍ଧମାଳରୁ ୬୮ ଜଣ, ବଲାଙ୍ଗୀରରୁ ୬୫ ଜଣ, ନୟାଗଡ଼ରୁ ୬୦ ଜଣ, କଳାହାଣ୍ଡିରୁ ୫୬ ଜଣ, ମାଲକାନଗିରିରୁ ୫୪ ଜଣ, ଢେଙ୍କାନାଳ ୪୯ ଜଣ, ନବରଙ୍ଗପୁରରୁ ୩୬, କେନ୍ଦୁଝରରୁ ୩୪ ଜଣ, ଯାଜପୁରରୁ ୩୨ ଜଣ, ଗଜପତିରୁ ୨୭ ଜଣ, ଅନୁଗୁଳରୁ ୨୨ ଜଣ, ଝାରସୁଗୁଡ଼ାରୁ ୨୦ ଜଣ, କେନ୍ଦ୍ରାପଡ଼ାରୁ ୧୯ ଜଣ, ଜଗତସିଂହପୁରରୁ ୧୬ ଜଣ, ନୂଆପଡ଼ାରୁ ୧୧ ଜଣ ଓ ଦେବଗଡ଼ରୁ ଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ପଶ୍ଚିମବଙ୍ଗରେ ଲକ୍ ଡାଉନ ପାଇଁ ଟ୍ରେନ ସେବା ପ୍ରଭାବିତ : ୩ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୬ ଅଗଷ୍ଟ - ପଶ୍ଚିମବଙ୍ଗ ରାଜ୍ୟରେ ଆସନ୍ତାକାଲି (ଗୁରୁବାର) ସମ୍ପୂର୍ଣ୍ଣ ଲକ୍ ଡାଉନ ହେଉଥିବାରୁ ଟ୍ରେନ ସେବା ପ୍ରଭାବିତ ହେବ । ଲକ୍ ଡାଉନ୍ ପାଇଁ ଭୁବନେଶ୍ୱର ଓ ପଶ୍ଚିମବଙ୍ଗ ମଧ୍ୟରେ ୩ ଟି ଟ୍ରେନ୍ ବାତିଲ ହେବାକୁ ଥିବା ବେଳେ ୨ ଟି ଟ୍ରେନ୍ ଆଂଶିକ ବାତିଲ ଓ ୨ ଟି ଟ୍ରେନ୍ ର ରହଣୀ ବାତିଲ କରାଯାଇଥିବା ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ସିଆଲଦାରୁ ଛାଡୁଥିବା ୦୨୨୦୧ ସିଆଲଦା -ଭୁବନେଶ୍ୱର ଦୁରନ୍ତ ସ୍ପେସିଆଲକୁ ୨୮ ଓ ୩୧ ଅଗଷ୍ଟ ଦିନ ବାତିଲ କରାଯିବ । ସେହିପରି ଭୁବନେଶ୍ୱରରୁ ଛାଡୁଥିବା ୦୨୨୦୨ ଭୁବନେଶ୍ୱର - ସିଆଲଦା ଦୁରନ୍ତ ସ୍ପେସିଆଲକୁ ୨୯ ଅଗଷ୍ଟ ଏବଂ ସେପ୍ଟେମ୍ବର ପହିଲା ଏବଂ ୦୨୦୭୪/୦୨୦୭୩ ଭୁବନେଶ୍ୱର -ହାଓଡ଼ା -ଭୁବନେଶ୍ୱର ଜନ ଶତାବ୍ଦୀ ସ୍ପେସିଆଲକୁ ୨୭ ଅଗଷ୍ଟ ଦିନ ଉଭୟ ଭୁବନେଶ୍ୱର ଓ ହାଓଡ଼ା ଦିଗରୁ ବାତିଲ କରାଯିବ । ଅପରପକ୍ଷରେ ବୁଧବାର ଦିନ ସିକନ୍ଦରାବାଦରୁ ଛାଡୁଥିବା ୦୨୭୦୪ ସିକନ୍ଦରାବାଦ -ହାଓଡ଼ା ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ହାଓଡ଼ା ପର୍ଯ୍ୟନ୍ତ ନଯାଇ ଭୁବନେଶ୍ୱର ଠାରେ ଶେଷ ହୋଇଥିଲା ।

## ମୋଦି ସରକାରଙ୍କ ବନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା ପଦକ୍ଷେପ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

# ଭାରତ ସରକାରଙ୍କ ଉଦ୍ୟମ ଓଡ଼ିଶାରେ ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରିବ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ ଭୁବନେଶ୍ୱର,୨୬।୮ (ନି.ପ୍ର): ଓଡ଼ିଶା ରାଜ୍ୟ ବିଭିନ୍ନ ପ୍ରକାରର ଜୈବ ବିବିଧତା ସହ ଦେଶରେ ପରିବେଶ ପର୍ଯ୍ୟଟନର ପେଣ୍ଠସ୍ଥଳି ହେବାର କ୍ଷମତା ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ସଂରକ୍ଷଣ ପାଇଁ ଉଦ୍ୟମ ଏବଂ ଜୈବ-ବିବିଧତାକୁ ସଶକ୍ତ କରିବାର ପ୍ରଚେଷ୍ଟା ରାଜ୍ୟରେ ପର୍ଯ୍ୟଟନକୁ ବ୍ୟାପକ ଓ ବିକଶିତ କରିବାରେ ସହାୟକ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାର ବନ୍ୟଜନ୍ତୁ ସଂରକ୍ଷଣ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ବନ୍ୟଜନ୍ତୁ ସଂରକ୍ଷଣ ଏବଂ ସହାବସ୍ଥାନ ଭାରତର ସାଂସ୍କୃତିକ ବୈଶିଷ୍ଟ୍ୟର ଏକ ଅଙ୍ଗ ଭାବେ ରହିଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଜୈବ ବିବିଧତା ସଂରକ୍ଷଣ ପ୍ରତି ଅଧିକ ସମ୍ବେଦନଶୀଳ ଏବଂ ଏହାର ପ୍ରୋତ୍ସାହନ ଓ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ଉଦ୍ଭିଦ ଓ ଜୀବଜନ୍ତୁଙ୍କ ସମ୍ଭାରରେ ପରିପୂର୍ଣ୍ଣ ଭାରତ ବିଶ୍ୱର ଜୈବ-ବିବିଧତାର ପ୍ରାୟ ୭ ରୁ ୮ ପ୍ରତିଶତ ଅଟେ। ବନ୍ୟଜନ୍ତୁ ଓ ଜୈବ ବିବିଧତାର ସଂରକ୍ଷଣ, ପରିଚାଳନା ତଥା ସୁରକ୍ଷା ସମ୍ବନ୍ଧରେ ଭାରତ ଅନେକ ପ୍ରମୁଖ ଆନ୍ତର୍ଜାତୀୟ ସମ୍ମିଳନୀରେ ଚୁକ୍ତିସ୍ୱାକ୍ଷର କରିଛି । ଶ୍ରୀ ପ୍ରଧାନ କହିଛନ୍ତି ଅପାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଓଡ଼ିଶା ପୂର୍ବ ଭାରତର ଜୈବ-ବିବିଧତା ହଟସ୍ପଟ୍ ମଧ୍ୟରୁ ଅନ୍ୟତମ । ଶିମିଳିପାଳ ଅଭୟାରଣ୍ୟ, ଗନ୍ଧମାର୍ଦ୍ଦନ ପର୍ବତ, ଚିଲିକା, ଭିତରକନିକା ଏବଂ ଦେଓମାଳ ପର୍ବତରେ ୨୭୦୦ରୁ ଅଧିକ ପ୍ରଜାତିର ପ୍ରାଣୀ ବାସ କରନ୍ତି । ସେ କହିଛନ୍ତି ନଦୀକୂଳ ଅଂଚଳର ଇକୋସିଷ୍ଟମ ବା ପରିସଂସ୍ଥାନ ପରିବେଶ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରେ । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଡଲଫିନ୍ ପ୍ରକଳ୍ପ ସାମୁଦ୍ରିକ ପରିସଂସ୍ଥାନ ସଂରକ୍ଷଣର ଉଦ୍ୟମକୁ ପୁନଃଉଦ୍ଧାର କରିବା ସହ ଓଡ଼ିଶାର ଇରାୱାଡ଼ି ଡଲଫିନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ପାଇଁ ବରଦାନ ସଦୃଶ ହେବ । ଉତ୍ସର୍ଗୀକୃତ ବୃକ୍ଷରୋପଣ କାର୍ଯ୍ୟ ଯୋଗୁଁ ଓଡ଼ିଶାରେ ଦ୍ରୁତ ଗତିରେ ଜଙ୍ଗଲ ସଂଖ୍ୟା ବୃଦ୍ଧି ପାଇଛି । ଓଡ଼ିଶାରେ ସବୁଜବଳୟକୁ ବୃଦ୍ଧି କରିବା ପାଇଁ ଭାରତ ସରକାର ଅଭୁତପୂର୍ବ ସମର୍ଥନ ଦେଇଛନ୍ତି । ଗତ ଥର କାମ୍ପା ପାଣ୍ଠି ଅଧୀନରେ କେନ୍ଦ୍ର ସରକାର ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାକୁ ୫୯୩୩.୯୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସଂରକ୍ଷଣ, ସ୍ଥାୟୀ ଜୀବନଶୈଳି, ସବୁଜ ଅର୍ଥନୀତି ମଡ଼େଲ୍ ନିର୍ମାଣର ମୂଲ୍ୟ ଆଧାରରେ ଭାରତ ଜଳବାୟୁ କ୍ରିୟାରେ କୃତିତ୍ୱ ହାସଲ କରିଛି । ପରିବେଶକୁ କ୍ଷତି ନପହଂଚାଇ ସ୍ଥିର ବିକାଶ ଓ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଦିଗରେ ମୋଦି ସରକାର ବିଶ୍ୱାସ କରନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

# ପୂଜା ଛୁଟି ପର୍ଯ୍ୟନ୍ତ ସ୍କୁଲ କଲେଜ ବନ୍ଦ

## ମହାମାରୀ ଲଢେଇରେ ଆତ୍ମସନ୍ତୋଷ ସବୁଠାରୁ ବଡ ଶତ୍ରୁ ,ସବୁବେଳେ ସତର୍କ ରୁହନ୍ତୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୬।୮ (ନି.ପ୍ର): ଆସନ୍ତା ପୂଜା ଛୁଟି ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ କଲେଜ ବନ୍ଦ ରହିବ । ବର୍ତ୍ତମାନର ପରିସ୍ଥିତିରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ସ୍କୁଲ କଲେଜ ପୂଜା ଛୁଟି ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ବୁଧବାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ରାଜ୍ୟରେ କୋଭିଡ ପରିଚାଳନା ସଂପର୍କରେ ସମୀକ୍ଷା କରିବା ବେଳେ ଏହି ଘୋଷଣା କରିଥିଲେ । ସେହିପରି ଗ୍ରାମ୍ୟ ଅର୍ଥନୀତିର ପୁନଃରୁଦ୍ଧାର ପାଇଁ ଅଧିକ ଋଣ ସହାୟତା, ଏମଏସଏମଇ, କୃଷି, ମତ୍ସ୍ୟ ଓ ପଶୁପାଳନ ଏବଂ ଏସଏଚଜି ଉପରେ ଅଧିକ ଫୋକସ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କୋଭିଡ ପରିସ୍ଥିତି ଯୋଗୁ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀମାନେ ଯେପରି ଓଡିଶାରେ ରୋଜଗାର ପାଇପାରିବେ, ସେଥିପାଇଁ ସେମାନଙ୍କୁ ଛୋଟ ଛୋଟ ବ୍ୟବସାୟ ପାଇଁ ରିହାତିରେ ଋଣ ଯୋଗାଇ ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ନିର୍ମାଣ ଶ୍ରମିକ ଯୋଜନାରେ ସେମାନଙ୍କର ଦକ୍ଷତା ନିରୂପଣ ଓ ପଞ୍ଜିକରଣ ସୁବିଧାରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଛେଳି, କୁକୁଡା ପାଳନ, ମତ୍ସ୍ୟ ଚାଷ ଆଦି ବିଭିନ୍ନ ଜୀବିକା କାର୍ଯ୍ୟକ୍ରମ ଲୋକଙ୍କୁ ରୋଜଗାର ଦେବାରେ ବିଶେଷ ସଫଳ ହେଉଥିବାରୁ, ଏହାକୁ ଅଧିକ ବ୍ୟାପକ କରିବା ଏବଂ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମାସ୍କ ତିଆରିରେ ନିୟୋଜିତ ଥିବା ଏସଏଚଜିର ମହିଳାମାନଙ୍କ ରୋଜଗାର ପାଇଁ ବିଧାୟକ ଆଂଚଳିକ ବିକାଶ ପାଣ୍ଠି ଅର୍ଥରେ ଏସଏଚଜିରୁ ମାସ୍କ କିଣାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏସଏଚଜି ମାନେ ଯେପରି ସୁବିଧାରେ ଋଣ ପାଇପାରିବେ, ସେଥିପାଇଁ ଦୃଷ୍ଟି ରଖିବା ସହିତ ବ୍ୟାଙ୍କ ମାନଙ୍କ ସହିତ ଯୋଗାଯୋଗରେ ରହିବା ପାଇଁ ପରାମର୍ଶ ଦେଇଥିଲେ । ଗ୍ରାମାଂଚଳରେ ନିର୍ମାଣ କାର୍ଯ୍ୟ ବିଶେଷ କରି ଗୃହ ନିର୍ମାଣ କାମ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏତଦ୍ ବ୍ୟତୀତ ଚାଷୀ ମାନଙ୍କୁ ସୁବିଧାରେ ଏବଂ ଶୀଘ୍ର କୃଷି ଋଣ ଯୋଗାଣ ଏବଂ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପର ପୁନରୁଦ୍ଧାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସହାୟତା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କୋଭିଡ ପରିଚାଳନା ସଂପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାମାରୀ ସମୟରେ ଆତ୍ମସନ୍ତୋଷ ହିଁ ସବୁଠାରୁ ବଡ ଶତ୍ରୁ । ତେଣୁ ସାଧାରଣ ଲୋକ ହୁଅନ୍ତୁ, ବା ସରକାରୀ କର୍ମଚାରୀ ସମସ୍ତେ ଏଥିପ୍ରତି ସତର୍କ ରହି କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜ୍ୟରେ ଅଧିକ ଟେଷ୍ଟିଂ କରାଯାଉଥିବା ସହିତ ପଜିଟିଭ୍ ହାର କମିଥିବା ଏବଂ ମୃତ୍ୟୁ ହାର ମଧ କମି ଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ହଟସ୍ପଟ୍ ଜିଲ୍ଲା ମାନଙ୍କରେ ଯେଉଁ ଅଂଚଳଭିତିକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି, ତାକୁ କଡାକଡି ଭାବରେ ପାଳନ କରିବା ସହିତ ଆଗାମୀ ସପ୍ତାହ ବେଳକୁ ଯେଭଳି ପରିସ୍ଥିତିରେ ଆଖିଦୃଶିଆ ଉନ୍ନତି ଆସିପାରିବ, ସେ ଦିଗରେ କାମ କରିବା ପାଇଁ ଜିଲ୍ଲା ପର୍ଯ୍ୟବେକ୍ଷକ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

# ଭିସୁଟ୍‌ରେ ଖୋଲିବ ମହାକାଶ ଗବେଷଣା ଶାଖା କେନ୍ଦ୍ର : ଇସ୍ରୋ ଓ ଭିସୁଟ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୬।୮ (ନି.ପ୍ର): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ପକ୍ଷରୁ ଏକ ଶାଖା କେନ୍ଦ୍ର ଖୋଲିବା ପାଇଁ ଭିସୁଟ୍ ଓ ଇସ୍ରୋ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଇସ୍ରୋ ଅଧ୍ୟକ୍ଷ ତଥା ବିଶିଷ୍ଟ ମହାକାଶ ବିଜ୍ଞାନୀ ଡ. କେ.ଶିବାନ ବାଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟ ଓ ଭିସୁଟ୍ ର କୁଳପତି ପ୍ରଫେସର ଅଟଳ ଚୌଧୁରୀ ବୁର୍ଲା ଠାରେ ଉପସ୍ଥିତ ରହି 'ଜିଟ୍ସି ମିଟ୍' ଆପ ଜରିଆରେ ଏମଓୟୁ ସ୍ୱାକ୍ଷର କରିଥିଲେ । ଉଭ ୟ ପକ୍ଷ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ଅନୁସାରେ ଏହି କେନ୍ଦ୍ର ସ୍ଥାପନ ପାଇଁ ଇସ୍ରୋ ସବୁ ପ୍ରକାର ବୈଷୟିକ ପରାମର୍ଶ ସହିତ ମହାକାଶ ଗବେଷଣା ସୁବିଧାଥିବା ଏକ ବିଜ୍ଞାନଗାର ବିକଶିତ କରିବା ପାଇଁ ସହାୟତା କରିବ । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଅତିଥି ତଥା ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବାନ କହିଲେ ଯେ, ମହାକାଶ ଗବେଷଣା କ୍ଷେତ୍ରରେ ଭିସୁଟ୍ ଛାତ୍ରଛାତ୍ରୀମାନଙ୍କ ଆଗ୍ରହ, ଗବେଷଣାରେ ରୁଚି ତଥା ସଫଳତା ଉଲ୍ଲେଖନୀୟ। ଇସ୍ରୋ ନିଜର ବୈଷୟିକ ଜ୍ଞାନ କୌଶଳ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦେବା ଫଳରେ ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ଏହି ଜ୍ଞାନ କୌଶଳର ଉପଯୁକ୍ତ ବିନିଯୋଗରେ ଭବିଷ୍ୟତରେ ସଫଳତା ଅର୍ଜନ କରିପାରିବେ । କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ କହିଲେ ଯେ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଯୁବ ବୈଜ୍ଞାନିକମାନେ ମାର୍ଗଦର୍ଶନ ପାଇବା ସହ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ। ଦେଶର ଗ୍ରାମାଂଚଳ ଓ ଛୋଟ ସହରରେ ବହୁ ଯୁବ ପ୍ରତିଭା ରହିଛନ୍ତି । ସଠିକ୍ ସୁଯୋଗ ମିଳିଲେ ସେହି ଲୁକ୍କାୟିତ ପ୍ରତିଭାମାନେ ଲୋକଲୋଚନକୁ ଆସିପାରିବ। ଇସ୍ରୋର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ.ପି.ଭି ଭେଙ୍କିଟାକ୍ରିଷ୍ଣନ୍ ମହାକାଶ ଗବେଷଣା କ୍ଷେତ୍ରରେ ଭିସୁଟ୍ ର ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂଶା କରି କହିଲେ ଯେ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗବେଷଣାମନସ୍କ ହେବା ପାଇଁ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହେବା ଦରକାର। ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୃଦ୍ଧି ଦିଗରେ ଆମକୁ ଦୃଷ୍ଟି ଦେବାକୁ ହେବ ଫଳରେ ଛାତ୍ରଛାତ୍ରୀମାନେ ଉଚ୍ଚତର ଗବେଷଣା କ୍ଷେତ୍ରରେ ମନୋନିବେଶ କରିବେ । ଏବେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଭିସୁଟ୍ ସହ ମିଶି ଏହାର ଇ-ଲର୍ଣ୍ଣିଂ ସେଂଟରଠାରେ ଏକ ସମ୍ମିଳିତ ଗବେଷଣା କେନ୍ଦ୍ର ଖୋଲିବାକୁ ଯାଉଛି । ଏଠାରେ ମହାକାଶ ଗବେଷଣା ନେଇ ଉଭୟ ଅନୁଷ୍ଠାନ ମଧ୍ୟରେ ବିସ୍ତୃତ ଭାବେ ଆଲୋଚନା ଏବଂ ପର୍ଯ୍ୟାଲୋଚନା ହେବ। ଭିସୁଟ୍ ଛାତ୍ରଛାତ୍ରୀଙ୍କର ଗବେଷଣାକୁ ନେଇ ଇସ୍ରୋ ତାହା ଉପରେ କାମ କରିବ ଏବଂ ଭବିଷ୍ୟତରେ ମହାକାଶ ଗବେଷଣା କ୍ଷେତ୍ରରେ ଭିସୁଟର ଅବଦାନକୁ ଅଧିକରୁ ଅଧିକ କରିବା ନେଇ ଉଦ୍ୟମ କରାଯିବ ବୋଲି ଭିସୁଟ୍ ର କୁଳପତି ଅଟଳ ଚୌଧୁରୀ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, କୃତ୍ରିମ ରକେଟ ଓ ଉପଗ୍ରହ ମଡେଲ ତିଆରି ପାଇଁ ଆବଶ୍ୟକୀୟ ଜ୍ଞାନକୌଶଳ ଇସ୍ରୋ ଯୋଗାଇ ଦେବ । ଭିସୁଟ୍ ରେ ବିକଶିତ ରକେଟର କାର୍ଯ୍ୟକାରୀତା ପରୀକ୍ଷଣ ପାଇଁ ଥୁମ୍ବା, ଶ୍ରୀହରିକୋଟା, ବାଲେଶ୍ୱର ଉତକ୍ଷେପଣ କେନ୍ଦ୍ରରେ ଉପଲବ୍ଧ ସୁବିଧାସୁଯୋଗଗୁଡ଼ିକ ଯୋଗାଇ ଦିଆଯିବ। ଇସ୍ରୋରେ ଉପଲବ୍ଧ ହାଇ-ଟେକ ପରୀକ୍ଷଣର ସୀମିତ ସୁଯୋଗ ମଧ ଭିସୁଟକୁ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପଗୁଡିକ ବିକଶିତ କରିବାରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକଙ୍କୁ ଇସ୍ରୋ ନିଃଶୁଳ୍କ ରେ ଆବଶ୍ୟକ ପ୍ରଶିକ୍ଷଣ ଯୋଗାଇ ଦେବ। ଏହି ଏମଓୟୁ ସ୍ୱାକ୍ଷରିତ ହେଲା ପରେ ଭିସୁଟ୍ ଇସ୍ରୋଠାରୁ ମହାକାଶ ଗବେଷଣା ଓ ରକେଟ ତିଆରି କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଆହରଣ କରିବାର ସୁଯୋଗ ପାଇପାରିବ । ରକେଟ ତିଆରି ପାଇଁ ଭିସୁଟ ଏହାର ସିଭିଲ୍, କେମିକାଲ, ମେକାନିକାଲ , ଇଲେକି ଫ_କାଲ ଇଂଜିନିୟରିଂ ଆଦି ସମସ୍ତ ବିଭାଗୀୟ ବିଜ୍ଞାନାଗାରକୁ ମଧ ବିନିଯୋଗ କରିବ ।

## ଭାସ୍କର୍ଯ୍ୟ ଶିଳ୍ପୀ ବିପ୍ରଚରଣ ମହାନ୍ତିଙ୍କ ଏକାଦଶତମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନେଶ୍ୱର,୨୬।୮ (ନି.ପ୍ର): ଓଡ଼ିଶାରେ ବ୍ରୋଞ୍ଜ ପ୍ରତିମୂର୍ତି ନିର୍ମାଣର ଜନକ ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସ୍ୱର୍ଗତ ବିପ୍ରଚରଣ ମହାନ୍ତିଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବିପ୍ରଚରଣ ମହାନ୍ତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶାସ୍ତ୍ରୀନଗରସ୍ଥିତ ଶିଳ୍ପୀଙ୍କର ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଧଉଳି ଗ୍ରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ଫଂଚାନନ ସାମଲ ଓ ବିପ୍ରଚରଣ ମହାନ୍ତିଙ୍କ ସୁପୁତ୍ର କ୍ୟାପଟେନ୍ ଡ଼ି.କେ. ମହାନ୍ତି ପ୍ରମୁଖ ପ୍ରତିମୂର୍ତିରେ ପୁଷ୍ପାର୍ପଣ କରି ଶିଳ୍ପୀଙ୍କ ପ୍ରତି ସମ୍ମାନ ଜଣାଇଥିଲେ।

# ଟ୍ରାକ ନିରୀକ୍ଷଣ , ଜରୁରୀ ମରାମତି ପାଇଁ ଖୋର୍ଦ୍ଧା ରୋଡ ପକ୍ଷରୁ ରେଳ ସାଇକଲ ଆରମ୍ଭ

ଭୁବନେଶ୍ୱର,୨୬।୮ (ନି.ପ୍ର): ରେଲୱେ ଟ୍ରାକ କୁ ନିରୀକ୍ଷଣ, ଯାଂଚ ଓ ମରାମତି କରିବା ପାଇଁ ଭାରତୀୟ ରେଳପଥ ଦ୍ୱାରା ଅଭିନବ ରେଳ ସାଇକଲର ପରିକଳ୍ପନା କରାଯାଇଛି, ଯାହା ଡିଉଟିରେ ଥିବା ରେଳ କର୍ମଚାରୀ ମାନଙ୍କୁ ରେଳ ଟ୍ରାକ ଦୈନିକ ଯାଂଚ କାର୍ଯ୍ୟରେ ସହାୟକ ହେବ ।ଏହି ରେଳ ସାଇକଲ ଗୁଡିକ ସାଇକଲସ୍ତ ବାଲାନ୍ସିଂ ନିମନ୍ତେ ଥିବା ଡୋଲୀ ହୁଇଲ ବ୍ୟବହାର କରାଯାଇ ଖୋର୍ଦ୍ଧା ରୋଡ ମଣ୍ଡଳର ପରମାନେଂଟ ୱେ ୟୁନିଟ ଦ୍ୱାରା ଇନହାଉସ ପ୍ରସ୍ତୁତି ଦ୍ୱାରା ସମ୍ପନ୍ନ ହୋଇଛି, ଯାହାର ବ୍ୟବହାର ଭ୍ରାମ୍ୟମାଣ ପାଟ୍ରୋଲିଂରେ କରାଯିବ । ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନ୍ତର୍ଗତ ୧୮ ଟି ପି ୱେ ୟୁନିଟ ମଧ୍ୟରୁ ୮ ଟି ୟୁନିଟ ଯଥା ବ୍ରହ୍ମପୁର, ସୋମପେଟା, ଖୋର୍ଦ୍ଧା ରୋଡ଼, ଗୋରଖନାଥ, କଟକ, ଭଦ୍ରକ, ଯାଜପୁର କେଉଁଝର ରୋଡ଼ ଓ ଢେଙ୍କାନାଳ ୟୁନିଟ ଏହି ସାଇକଲ ଗୁଡିକୁ ପ୍ରସ୍ତୁତ କରିଛନ୍ତି । ଏହି ସାଇକଲ ଗୁଡିକ ରେଳ କର୍ମଚାରୀ ମାନଙ୍କୁ ସବୁ ଋତୁରେ ସହାୟକ ହେବ । ବର୍ଷା ଋତୁରେ ଅନିଚ୍ଛାକୃତ ଭାବେ ଟ୍ରେନ ସେବାରେ ବିଳମ୍ବ ଘଟି ବେଳେ ବେଳେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇଯାଇଥାଏ । ଭୀଷଣ ବର୍ଷାପାତ ପରେ ପୋଲ ଆପ୍ରୋଚ ସ୍ଥାନ ଏବଂ ଅନ୍ୟାନ୍ୟ ଦୁର୍ବଳ ସ୍ଥାନ ମାନଙ୍କରେ ଏହି ସାଇକଲ ଦ୍ୱାରା ଅତି କମ ସମୟ ମଧ୍ୟରେ ସହଜରେ କର୍ମଚାରୀ ମାନେ ନିରୀକ୍ଷଣ ପାଇଁ ପହଂଚି ପାରିବେ । ଅପାତକାଳୀନ ସ୍ଥିତି ରେ, ଏହି ସାଇକଲ ଗ୍ରୀଷ୍ମ ଋତୁ ସମୟରେ ମଧ ପାଟ୍ରୋଲିଙ୍ଗ ରେ ସହାୟକ ହୋଇପାରିବ । ଏହି ରେଳ ସାଇକଲ ଗୁଡିକ ର ହାରାହାରି ଘଂଟା ପ୍ରତି ୧୦ରୁ୧୫ କିମି ବେଗରେ ଗତି କରିପାରେ। ଏହାର ଓଜନ ୩୦କେଜି ଓ ଏହା ଅତି ସହଜ ରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଉଠାଇ ହେବ , ଯୋଡ଼ା ଯାଇ ପାରିବ ଓ ଖଣ୍ଡ ଖଣ୍ଡ କରି ଅଲଗା କରାଯାଇ ପାରିବ। କୋଭିଡ ୧୯ ବିଶ୍ୱ ମହାମାରୀ ପ୍ରକୋପ ଜାରି ରହି ଥିବା କାରଣ ରୁ , ମଣ୍ଡଳର କେତେକ ସେକ୍ସନରେ ଯାତାୟତ ବନ୍ଦ ରହିଛି। ଏହି ସେକ୍ସନ ଗୁଡିକରେ ରେଳ ସାଇକଲ ଗୁଡିକୁ ପାଟ୍ରୋଲିଙ୍ଗ, ସୁରକ୍ଷା ଓ ନିରାପତା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ।

# ପଟ୍ଟାମୁଣ୍ଡାଇ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଆଶଙ୍କାରେ ଅଂଚଳବାସୀ ; ପ୍ରଶାସନ କଠୋର ହେଉ

ପଟ୍ଟାମୁଣ୍ଡାଇ,୨୬।୮ (ନି.ପ୍ର): କରୋନା ମୁକାବିଲା କ୍ଷେତ୍ରରେ ସମଗ୍ର କେନ୍ଦ୍ରାପଡା ଜିଲ୍ଲା ସାରା ରାଜ୍ୟରେ ଉଦାହରଣ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ସଂପର୍କିତ ସମୀକ୍ଷା ବୈଠକରେ ପ୍ରକାଶ କରିବା ପରେ ଜିଲ୍ଲାବାସୀ ଆଶ୍ୱସ୍ତ ହୋଇଥିଲେ । ମାତ୍ର ସଂପ୍ରତି ସଙ୍ଗରୋଧ କେନ୍ଦ୍ର ବ୍ୟତୀତ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପଟ୍ଟାମୁଣ୍ଡାଇ ଅଂଚଳବାସୀଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି କରିଛି । କରୋନା ମୁକାବିଲା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶରେ ସମସ୍ତ ବ୍ଲକ ପ୍ରଶାସନ ଅନେକ କଠୋର ପଦକ୍ଷେପ ଗ୍ରହଣ କରି କରୋନା ସଂକ୍ରମଣ ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ଅନେକାଂଶରେ କମାଇବାରେ ସଫଳ ହୋଇଥିଲେ । ମାତ୍ର ଗତ କିଛି ଦିନ ହେଲା ପ୍ରଶାସନ ଢିଲା ହେବା କାରଣରୁ ଅମାନିଆ ଲୋକଙ୍କ ପାଇଁ କରୋନା ସଂକ୍ରମଣ ବୃଦ୍ଧି ପାଇବା ସାଙ୍ଗକୁ ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପ୍ରଶାସନ ଓ ଅଂଚଳବାସୀଙ୍କ ଚିନ୍ତା ବଢାଇ ଦେଇଛି । ପଟ୍ଟାମୁଣ୍ଡାଇ ଅଂଚଳରେ କରୋନା କଟକଣାରୁ ଲୋକମାନେ ଠିକ ଭାବେ ମାନୁନାହାନ୍ତି । ବଜାର, ହାଟ ଆଦି ବିଭିନ୍ନ ଜାଗାରେ ସାମାଜିକ ଦୂରତା ପ୍ରହସନରେ ପରିଣତ ହୋଇଛି । ପ୍ରତ୍ୟେକ ଜାଗାରେ ଅଯଥା ଲୋକମାନେ ଗହଳି କରିବା ଦେଖାଯାଉଛି । ଜନଗହଳି ଏଡାଇବା ପାଇଁ ପ୍ରଶାସନର ସମସ୍ତ ଉଦ୍ୟମ ବିଫଳ ହୋଇଛି । ପଟ୍ଟାମୁଣ୍ଡାଇ ବଜାର ମଧ୍ୟରେ ଥିବା ଦୋକାନ ସମ୍ମୁଖରେ ସାମାଜିକ ଦୂରତା ପାଇଁ ହୋଇଥିବା ବୃତ ଗୁଡିକ ଲିଭି ଯାଇଥିବାରୁ ପୁନଃରାୟ ଦୋକାନ ଗୁଡିକ ସମ୍ମୁଖରେ ଅଯଥା ଗହଳି ଦେଖିବାକୁ ମିଳିଛି । ପଟ୍ଟାମୁଣ୍ଡାଇ ଡାକ୍ତରଖାନା, ଏସଡିପିଓ ଅଫିସ କର୍ମଚାରୀ ସମେତ ବିଭିନ୍ନ ପଚାଂୟତରେ ସ୍ଥାନୀୟ ସଂକ୍ରମଣ ଦେଖିବାକୁ ମିଳୁଛି । ଏହାଛଡା ପୌରାଂଚଳରେ ମଧ ସ୍ଥାନୀୟ ସଂକ୍ରମଣ ଦେଖିବାକୁ ମିଳିଛି । ଆଜି ପଟ୍ଟାମୁଣ୍ଡାଇବ୍ଲକର ବଡପଡା ୧୩, ଓଉପଦା ୫ ଓ ପଟ୍ଟାମୁଣ୍ଡାଇ ପୌରାଂଚଳରୁ ୩ ମିଶାଇ ସମୁଦାୟ ୨୧ଜଣରୁ ସ୍ଥାନୀୟ ସଂକ୍ରମଣ ୧୮ଜଣ ବୋଲି ଜଣାପଡିଛି । ଏବେ ଠାରୁ କରୋନା କଟକଣାକୁ କଠୋର ଭାବେ ଲାଗୁ କରି ସ୍ଥାନୀୟ ସଂକ୍ରମଣ ନରୋକିଲେ ପରିସ୍ଥିତି ଅଣାୟତ ହୋଇପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ବିଦ୍ୟୁତ କର୍ମଚାରୀ ସଂଘର ମିଶ୍ରଣ ପର୍ବ ଅନୁଷ୍ଠିତ



ବାରିପଦା,୨୬।୮ (ନି.ପ୍ର): ପାୱାର ଏମ୍ପ୍ଲୋଇଜ ୟୁନିୟନର ନେସକୋ ଜୋନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ବାସଗୃହ ରେ ସଂଘର ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭ ଜିଲ୍ଲାର ରାଇରଙ୍ଗପୁର, ବେତନଟୀ, ବଡସାହି, ଓ ଉଦଳା ଆଦି ଅଂଚଳରୁ ବିଦ୍ୟୁତ କର୍ମଚାରୀ ମାନେ ସଂଘର ନୂତନ ସଦଶ୍ୟତା ଗ୍ରହଣ କରିଥିବାର ଜଣାଯାଇଛି । ଅନ୍ୟ ସଂଗଠନରୁ ଆସିଥିବା କର୍ମଚାରୀ ମାନେ ପାୱାର ଏମ୍ପ୍ଲୋଇଜ ୟୁନିୟନର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗଠନରେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ପଟ୍ଟନାୟକ ନୂତନ ସଦଶ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇବା ସହିତ ଏହି ନୂତନ ସଦଶ୍ୟ ମାନଙ୍କର ଯୋଗଦାନ ଫଳରେ ସଂଘ ଆହୁରି ବଳିଷ୍ଠ ହେବ ବୋଲି କହିଥିଲେ । ନୂତନ ସଦଶ୍ୟ ମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ସାମଲ, ମନୋଜ କୁମାର ଧଳ, ଉପେନ୍ଦ୍ର ପାତ୍ର, ପ୍ରମୋଦ କୁମାର ଭୂୟାଁ, ଶ୍ରୀମନ୍ତ ଘୋଷ, ହରେକୃଷ୍ଣ ପାତ୍ର ପ୍ରମୁଖ ରହିଥିବା ବେଳେ ଏହି ମିଶ୍ରଣ ପର୍ବରେ ଜ୍ଞାନ ରନ ପରିଡା, ଚନ୍ଦନ ଜେନା, ଶୁଭକାନ୍ତ ବିଶ୍ୱାଳ, ଜ୍ୟୋତି ପ୍ରକାଶ ମହାପାତ୍ର, ଉଦୟଭାନୁ ବେହେରା, ସତ୍ୟରନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ : ଦୁଇ ଗୁରୁତର

ବାରିପଦା,୨୬।୮ (ନି.ପ୍ର): ମୟୁରଭଂଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଂଚଳ ଥାନା ଅନ୍ତର୍ଗତ ରାଇରଙ୍ଗପୁର-ଗୋରୁ ମହିଷାଣୀ ରାସ୍ତାର ପଳାଶବଣି ନିକଟରେ ଅଗଷ୍ଟ ୨୫ ମଙ୍ଗଳବାର ପୂର୍ବାହ୍ନ ଏଗାରଟା ପାଖାପାଖି ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣେ ମୃତ ଏବଂ ଦୁଇ ଗୁରୁତର ହୋଇଛନ୍ତି । ଅଗ୍ନିଶମ ବିଭାଗ ପହଂଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରିଥିଲା । ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଭେଲୁଡିହି ଗ୍ରାମର ସେକ୍ ନାସିର ବାଇକ୍ ଯୋଗେ ଗୋରୁମହିଷାଣୀରୁ ରାଇରଙ୍ଗପୁର ଅଭିମୁଖେ ଆସୁଥିଲେ । ଏହି ସମୟରେ ବିଶୋଇ ଥାନା ଅନ୍ତର୍ଗତ ଭାତଛତର ଗ୍ରାମର ମୂରଲି ମହାକୁଡ଼ ଏବଂ ଗୋବିନ୍ଦ ମହାକୁଡ଼ ବିଶୋଇରୁ ଗୋରୁମହିଷାଣୀ ନିଜର ସମ୍ପର୍କୀୟ ଘରକୁ ଯାଉଥିବା ବେଳେ ଉଭୟ ବାଇକ୍ ଦୁର୍ଘଟଣାରେ ଶିକାର ହୋଇଥିଲେ । ରାଇରଙ୍ଗପୁର ହସ୍ପିଟାଲରେ ଅବଦୁଲ ମଜିଦଙ୍କ ପୁଅ ଅବଦୁଲ ନସିମ (୪୦)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ । ପୋଲିସ ଦୁଇଟି ବାଇକକୁ ଜବତ କରି ତଦନ୍ତ ଚଳାଇଇଛି ।

# ବନ୍ୟା କ୍ଷୟକ୍ଷତି ଅଂଚଳ ପରିଦର୍ଶନ କଲେ ମାଲକାନଗିରି ବିଧାୟକ

ମାଲକାନଗିର,୨୬।୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହୋଇଥିବା ବନ୍ୟାର କ୍ଷୟକ୍ଷତିର ଆକଳନ କରିଛି ବିଜେପିର ଏକ ସ୍ୱତନ୍ତ୍ର ଟିମ। ମାଲକାନଗିରି ବିଧାୟକ ତଥା ଭାଜପା ଜିଲ୍ଲା ସଭାପତି ଆଦିତ୍ୟ ମାଢ଼ୀଙ୍କ ନେତୃତ୍ୱରେ ଏହି ଟିମ ତୃଣ ମୂଳ ସ୍ତରରେ ହୋଇଥିବା କ୍ଷୟକ୍ଷତି ଏବଂ ବନ୍ୟା ରେ କ୍ଷତିଗ୍ରସ୍ତ ଲୋକଙ୍କ ସହ ସବିଶେଷ ଆଲୋଚନା କରିଥିଲେ । ଆଜି କୋଭିଡ ନିୟମକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ମହୁପଦର, ସାଲମୀ, ଟେମୁରପାଲ୍ଲି, କମାରପାଲ୍ଲି, କିଆଙ୍ଗ, କର୍ତନପାଲ୍ଲି ପଂଚାୟତର ବିଭିନ୍ନ ଗ୍ରାମ ବୁଲି ଦେଖିବା ସହ କିଛି ଲୋକଙ୍କୁ ରିଲିଫ ସାମଗ୍ରୀ ଓ ମାସ୍କ ବାଂଟିବା ଏବଂ କରୋନା ବିଷୟରେ ଲୋକମାନଙ୍କୁ ସଚେତନ କରିଛନ୍ତି। ଲଗାଣ ବର୍ଷା ହେଲେ ପ୍ରତିବର୍ଷ ବାହ୍ୟ ଜଗତରୁ ଏହି ଅଂଚଳ ସବୁ ବିଚ୍ଛିନ୍ନ ହେଉଛି । ରାସ୍ତାଘାଟ, ଟେଲିଯୋଗାଯୋଗ ସମ୍ପୂର୍ଣ୍ଣ ରୂପରେ ବିଚ୍ଛିନ୍ନ ହୋଇରହୁଛି । ଆଉ ପ୍ରତିବର୍ଷ ଲଗାଣ ବର୍ଷା ଯୋଗୁଁ ସାବେରୀ ନଦୀରେ ବଢି ସୃଷ୍ଟି ହୋଇ ଲୋକଙ୍କ ଦୁଃଖ ବଢିଯାଉଛି । ଆଜିର ଗସ୍ତର ସବିଶେଷ ବିବରଣୀ ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ପ୍ରେରଣ କରାଯିବବୋଲି ସଭାପତି କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାନସଭା ବିଧାୟକ ପ୍ରତିନିଧି ନବଘନ ଲୋକେଇ, ମାଲକାନଗିରି ମୁନସିପାଲଟି ବିଧାୟକ ପ୍ରତିନିଧି ସଞ୍ଜୟ ସରକାର,ଜିଲ୍ଲା ପରିଷଦ କୁସ ଡାଟି, ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି ବନମାଳୀ ବରଜା ,କମାର ପାଲ୍ଲି ସରପଞ୍ଚ ବସନ୍ତ ମାଢି, ମାଥଲି ମଣ୍ଡଳ ସଭାପତି ଦୀପକ ଦେୟ, ସଜୁ ସରକାର, ପ୍ରମୁଖ ସାମିଲ ହୋଇଥିଲେ।

# ବଗଲା ଧର୍ମଶାଳା ଜାଗା ବିକ୍ରି ପ୍ରତିବାଦରେ ମହିଳା ମୋର୍ଚ୍ଚା ପକ୍ଷରୁ ଗଣଧାରଣା

ପୁରୀ/ଭୁବନେଶ୍ୱର,୨୬।୮ (ନି.ପ୍ର): ପୁରୀ ବଗଲା ଧର୍ମଶାଳାକୁ ରାଜ୍ୟସରକାର ଓ ଜିଲ୍ଲାପ୍ରଶାସନ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରିଛନ୍ତି। ଏହାର ପ୍ରତିବାଦରେ ପୁରୀ ଠାରେ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଧାରଣା ଦେଇ ରାଜ୍ୟସରକାରଙ୍କ ଏଭଳି ବେଆଇନ କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି। ବେଆଇନ କାର୍ଯ୍ୟକୁ ଆଇନ ବୋଲି ଦର୍ଶାଇ ଲୋକଙ୍କୁ ଭୂଆଁ ବୁଲାଇବାରେ ରାଜ୍ୟସରକାର ପୂରା ମାହିର । କିଛି ବ୍ୟବସାୟୀ ଲୋକଙ୍କୁ ଥଇଥାନ କରିବା ନାଁରେ ବଗଲା ଜମିକୁ ଜିଲ୍ଲା ପ୍ରଶାସନ ବିକ୍ରି କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ବେଆଇନ ଭାବେ ଏଭଳି ଏକ ଐତିହାସିକ ଧର୍ମଶାଳାକୁ ବିକ୍ରି କରିବା ପାଇଁ ଷଡଯନ୍ତ୍ର ରଚାଯାଇଛି ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ସେହିପରି ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟୀକରଣ କରିବା ପାଇଁ ମେଘନାଦ ପାଚେରୀର ୭୫ ମିଟର ଯାଏଁ ଲୋକଙ୍କୁ ବିସ୍ଥାପିତ କରାଗଲା ଏବଂ ସେମାନଙ୍କୁ ଜମି ଓ କ୍ଷତିପୂରଣ ଦେବା ପାଇଁ ସରକାର ଘୋଷଣା କରିଥିଲେ । ୩୦୦ ଜଣ ଲୋକଙ୍କୁ ବିସ୍ଥାପିତ କରିବା ପରେ କିଛି ଲୋକଙ୍କୁ ବଗଲା ଧର୍ମଶାଳାରେ ପ୍ଲଟିଂ ଦେବା ଏବଂ ଅନ୍ୟ ଲୋକଙ୍କୁ ବାହାରେ ଜମି ଦେବାର ଉଦ୍ଦେଶ୍ୟ କ'ଣ ରହିଛି ? ବଗଲା ଧର୍ମଶାଳା ପୁରୀ ମ୍ୟୁନିସିପାଲିଟି ଅଧୀନରେ ଥିଲା କିନ୍ତୁ ରାତାରାତି ତାକୁ ରାଜସ୍ୱ ବିଭାଗକୁ ଅଣାଯାଇ ତାକୁ ୨୬ଟି ପ୍ଲଟିଂ କରାଯାଇଛି । ଯାହାକି ସଂପୂର୍ଣ୍ଣଭାବେ ବେଆଇନ। ଏଭଳି ବେଆଇନ କାର୍ଯ୍ୟ ପାଇଁ ସଂପୂର୍ଣ୍ଣ ଭାବେ ରାଜ୍ୟସରକାର ଏବଂ ଜିଲ୍ଲା ପ୍ରଶାସନ ଦାୟୀ ବୋଲି ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ ଅଭିଯୋଗ କରିଛନ୍ତି । ହାଇକୋର୍ଟକୁ ଅଣଦେଖା କରି ଜମି ପ୍ଲଟିଂ କରିବା ଏକ ଧର୍ତବ୍ୟ ଅପରାଧ । ବେଆଇନ ଭାବେ ପ୍ଲଟ ବିକ୍ରି କରୁଥିବା ଜମି ଦଲାଲଙ୍କ ବିରୁଦ୍ଧରେ ରାଜ୍ୟସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ତୁରନ୍ତ ରାଜ୍ୟସରକାର ବଗଲା ଧର୍ମଶାଳାରେ ହେଉଥିବା ପ୍ଲଟିଂ କାର୍ଯ୍ୟକୁ ବନ୍ଦ କରି କେନ୍ଦ୍ରସରକାରଙ୍କ ପ୍ରସାଦ ଯୋଜନା ଅନୁଯାୟୀ ତୀର୍ଥଯାତ୍ରୀଙ୍କ ରହିବା ପାଇଁ ଆରମ୍ଭ ହୋଇଥିବା ଜଗନ୍ନାଥ ତୀର୍ଥନିବାସ ନିର୍ମାଣ କରନ୍ତୁ ବୋଲି ଶ୍ରୀମତୀ ପଟ୍ଟନାୟକ ଦାବୀ କରିଛନ୍ତି । ଏହି ପ୍ରତିବାଦ ସଭାରେ ପୁରୀ ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଚୌଧୁରୀ ମନସ୍ୱିନୀ ଦାସ,ବାସନ୍ତୀ ବେହେରା, ଜୟନ୍ତୀ ପଟ୍ଟନାୟକ, ସ୍ମିତାଂଜଳୀ ପତିଙ୍କ ସମେତ ପୁରୀ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ସାମିଲ ଥିଲେ।

# ସାଟେଲାଇଟ୍ ସ୍ମାର୍ଟ ସିଟି ନାରାରେ ରହିଗଲା ଭଦ୍ରକ ସହରର ଅମୃତ ଯୋଜନା

ଭଦ୍ରକ, ୨୬/୮ (ହି.ସ.) - ବିଭିନ୍ନ ଦଳର ସରକାର ବଦଳୁ ଥିଲେ ବି ବିଜୁ ଜନତା ଦଳ ଚାରି ଥର ଶାସନ ଗାଦି ଅଧିକାର କରି ନିଜର ଆଧିପତ୍ୟ ଜାହିର କରିଛି। ହେଲେ ଭଦ୍ରକ ବିଧାନସଭା ମଣ୍ଡଳୀରେ ନେତା ବଦଳୁଛନ୍ତି; ମାତ୍ର ଲୋକଙ୍କର ସମସ୍ୟାର ଅନ୍ତଃ ଘଟିନାହିଁ। ରାସ୍ତାଘାଟ ଠାରୁ ଆରମ୍ଭ କରି ଜଳ ନିଷ୍କାସନ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ସବୁଥିରୁ ସହରବାସୀ ବଂଚିତ ହୋଇ ଚାଲିଛନ୍ତି। ଚଳିତ ଲଘୁଚାପ ଜନିତ ବର୍ଷାରେ ଏବେବି ପୌରାଂଚଳର ୩୦ ଟି ୱାର୍ଡ ମଧ୍ୟରୁ ତଳିଆ ଅଂଚଳ ଗୁଡିକର ବହୁ କଚ୍ଚା ଓ ପକ୍କା ଘର ଏବେବି ଜଳବନ୍ଦୀରେ ରହିଛି। ତେବେ ଏଠାରେ ସହର ବିକାଶ ନାମରେ ଯେଉଁ କୋଟି କୋଟି ଟଙ୍କା ଆସୁଛି, ତାହା କେବଳ କେତେକ ନ୍ୟସ୍ତସ୍ୱାର୍ଥ ସଂପନ୍ନକାରୀ ରାଜନେତା ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ବାଟମାରଣା ହୋଇଚାଲିଛି। ଏ ଦିଗରେ ସେମାନଙ୍କର କେତେକ ଚାଟୁକାର କେବଳ ମିଛ ବିକାଶର ନାରାରେ ବିଭିନ୍ନ ଯୋଜନାର ସିଂହଭାଗକୁ ଚଳୁ କରିବାରେ ଲାଗିଛନ୍ତି। ଏଠାରେ ସୂଚନାଯୋଗ୍ୟ ଏହି ସହର ଏକଦା ସାଟେଲାଇଟ୍ ସ୍ମାର୍ଟ ସିଟିରେ ପରିଣତ ହେବ ବୋଲି ବହୁ ଅର୍ଥ ଆସି ଫେରିଯିବା ପରେ ବହୁ ଚର୍ଚ୍ଚିତ ଅମୃତ ଯୋଜନାର ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଚାଲିଛି, ତାହା କେବଳ ଲୋକ ଦେଖାଣିଆ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ବିକାଶ ସ୍ଲୋଗାନରେ ଏହି ଯୋଜନା ସୀମିତ ରହିଯାଇଛି। ପ୍ରଶାସନିକ ଅପାରଗତା ସାଙ୍ଗକୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବେକାର ସାବ୍ୟସ୍ତ ହୋଇଛି ସହରବାସୀଙ୍କ ଅମୃତ ଯୋଜନା। ସହରା ଳରେ ବସବାସ କରୁଥିବା ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇଦେବାକୁ ଗତ ୨୦୧୬ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅମୃତ ଯୋଜନାର ଶୁଭାରମ୍ଭ ହୋଇଥିଲା। ଓଡ଼ିଶାରେ ଭଦ୍ରକ ସହର ସମେତ ରାଜ୍ୟର ୯ଟି ସହରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଯୋଜନାରେ ସହରାଂଚଳ ବାସିନ୍ଦାଙ୍କୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସହରାଂଚଳ ରାସ୍ତାଘାଟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଚିତ ବିନୋଦନ ପାଇ ସୁଦୃଶ୍ୟ ପାର୍କ ଏବଂ ଗମନାଗମନ ପାଇଁ ସହରାଂଚଳ ଟାଉନ୍ ବସ୍ ସେବା ସାମିଲ କରାଯାଇଥିଲା। ହେଲେ ଯୋଜନାକୁ ଇତିମଧ୍ୟରେ ୫ ବର୍ଷ ପୂରିବାକୁ ବସିଥିବାବେଳେ ଯୋଜନା କାର୍ଯ୍ୟକାରୀ ହେବା ଦୂରେ ଥାଉ ଲୋକେ ଏହା ସଂପର୍କରେ କିଛି ବି ଜାଣିପାରିଲେ ନାହିଁ। ପ୍ରଶାସନିକ ଫାଇଲ୍ ଭିତରେ ହଜିଗଲା ଭଦ୍ରକ ସହରର ଅମୃତ ଯୋଜନା। ଯୋଜନାର ଅସ୍ତିତ୍ୱ ବଜାୟ ରଖିବା ପାଇଁ ୨/୩ କୋଟି ଟଙ୍କା ବ୍ୟୟରେ କିଛି ବ୍ୟବହାର ଅନୁପଯୋଗୀ ସାବ୍ୟସ୍ତ ହୋଇଥିବା ପାର୍କ ଏବଂ ବାହାର ରାଜ୍ୟର କିଛି ଠିକାଦାରୀ ସଂସ୍ଥାଙ୍କ ଜରିଆରେ ଭଦ୍ରକ ସହରରେ ଅଧା ଆଲୋକ ଏବଂ ଅଧା ଅନ୍ଧାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଏବଂ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଆଳରେ ଗତ ୪ ବର୍ଷ ଧରି ସହରର ରାସ୍ତାଘାଟ ସାହିବସ୍ତି ରାସ୍ତାକୁ ଖୋଳିତାଡି ଚାଲିଛି ପାଇପ୍ ବିଛା କାମ। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବା ଦୂରକୁ ଥାଉ ତ୍ରୁଟିପୂର୍ଣ୍ଣ ପାଇପ୍ ବିଛା ଏବଂ ନିମ୍ନମାନର କାମ ଯୋଗୁଁ ଜଳଯୋଗାଣ ପୂର୍ବରୁ ରାସ୍ତାଘାଟରେ ପାଇପ୍ ଫାଟି ଅସମୟରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ସେହିଭଳି ଯୋଜନାରେ ସହରବାସୀଙ୍କୁ ଟାଉନ୍ ବସ୍ ସେବା କାର୍ଯ୍ୟକାରୀ ହେବା ଆଗରୁ ଉଭାନ୍ ହୋଇଯାଇଛି। ଏ ସଂପର୍କରେ ନା ପୌର ପ୍ରଶାସନ ପାଖରେ କୌଣସି ଜବାବ ଅଛି ନା ରାଜନେତାଙ୍କ ପାଖରେ ଖବର ଅଛି। ଅନ୍ୟପକ୍ଷରେ ସହରରେ ଯୋଜନା ପୂର୍ଣ୍ଣାଙ୍ଗ ହୋଇନଥିଲେ ମଧ ଯୋଜନା କାର୍ଯ୍ୟକାରୀ ଆଳରେ ଖର୍ଚ୍ଚ ହୋଇଗଲାଣି ପାଖାପାଖି ଶହେ କୋଟି ଟଙ୍କା। ତେବେ ଏହି ଯୋଜନାକୁ ପଛରେ ପକାଇ ଭଦ୍ରକର ନବ ନିର୍ବାଚିତ ବିଧାୟକ ସଂଜୀବ ମଲ୍ଲିକ ତାଙ୍କ ନିର୍ବାଚନ ଇସ୍ତାହାରରେ ଭଦ୍ରକ ସହରକୁ ଏକ ସ୍ମାର୍ଟସିଟିରେ ପରିଣତ କରିବାକୁ ଘୋଷଣା କରିଥିଲେ। ନିର୍ବାଚନ ଜିଣିବା ପରେ ଏହାର କାର୍ଯ୍ୟକାରିତା ପାଇଁ ଉଦ୍ୟମ ମଧ ଆରମ୍ଭ କରିଥିଲେ। ହେଲେ ରାଜନୈତିକ ଷଡଯନ୍ତ୍ର ପାଖରେ ବିଧାୟକଙ୍କ ଏହି ନାରା କେବଳ ନିର୍ବାଚନ ଇସ୍ତାହାର ମଧ୍ୟରେ ରହିଯାଇଛି। ଅମୃତ ଯୋଜନାରେ ପାର୍କ ପିଛା ୪୦ ରୁ ୫୦ ଲକ୍ଷ ବ୍ୟୟରେ ସହରା ଳରେ ୫ ଟି ପାର୍କ ପରିକଳ୍ପନା କରାଯାଇଥିଲେ ମଧ ଗୋଟିଏ ହେଲେ ପାର୍କ ସହରବାସୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରିନାହିଁ। ସେହିଭଳି ସହରବାସୀଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଯୋଜନାରେ ଅନ୍ୟୁନ ୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲେ ମଧ ଅଧପନ୍ତରିଆ ଭାବେ ପଡିରହିଛି ଏହି ବୃହତ ପାନୀୟଜଳ ଯୋଜନା। ଏଥିନେଇ ଜିଲା ପ୍ରଶାସନ ପକ୍ଷରୁ ସଂପୃକ୍ତ ବିଭାଗକୁ କୈଫିୟତ ତଲବ କରାଯାଉନାହିଁ କିମ୍ବା ରାଜନୈତିକ ସ୍ତରରେ ଏଥିନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ବର୍ଷ ବର୍ଷ ଧରି ନିଜ ମନମାନିରେ ଏହି କାମ ଚଳାଇଛନ୍ତି ପିଏଚ୍ଇଡି କର୍ତୃପକ୍ଷ। ସେହିଭଳି ସହରରେ ଟାଉନ୍ ବସ୍ ସେବା କାର୍ଯ୍ୟକାରୀ ହେବା ଆଗରୁ ଉଭାନ୍ ହୋଇଯାଇଛି ସଂପୂର୍ଣ୍ଣ ଯୋଜନା। କୁହାଯାଇଛି ବସ୍ ଟର୍ମିନାଲ ପାଇଁ ଜାଗା ଜମି ଯୋଗାଡ ଏବଂ ଏହାର ପରିଚାଳନା ନେଇ ପୌରପାଳିକା ଏବଂ ଏଥିନେଇ ଗଠିତ ବାଲେଶ୍ୱର-ଭଦ୍ରକ ଅର୍ବାନ ଟ୍ରାନ୍ସପୋର୍ଟ ଟ୍ରଷ୍ଟ ମଧ୍ୟରେ ମତୈକ ଯୋଗୁଁ ଅକାମୀ ହୋଇଛି ଉଭୟ ଭଦ୍ରକ ଏବଂ ବାଲେଶ୍ୱର ସହରରେ ଟାଉନ୍ ବସ୍ ସେବା। ଫଳରେ ଭଦ୍ରକ ସହରବାସୀଙ୍କ ପାଇଁ ବେକାର ସାବ୍ୟସ୍ତ ହୋଇଛି ଅମୃତ ଯୋଜନା।

## ବିଶ୍ୱନାଥ କଲୋନୀ ନିକଟ ମିଲ୍ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଜଟଣୀ,୨୬।୮ (ନି.ପ୍ର): ଜଟଣୀ ମ୍ୟୁନିସପାଳଟି ଅନ୍ତର୍ଗତ ବିଶ୍ୱନାଥ କଲୋନୀ ନିକଟ ମିଲ୍ ପୋଖରୀର ପାଣି ନିଷ୍କାସନ ନାଳରେ ଆଜି ମଧ୍ୟାହ୍ନରେ ୩୫ରୁ ୪୦ ବର୍ଷୀୟ ଯୁବକ ପଡ଼ିଥିବାର ଦେଖି ସ୍ଥାନୀୟ କିଛି ଯୁବକ ଅଗ୍ନିଶମ ବିଭାଗକୁ ଫୋନ୍ କରିଥିଲେ । ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଯୁବକକୁ ଉଦ୍ଧାରକରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଦେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଜଟଣୀ ଥାନାକୁ ଅବଗତ କରାଇଥିଲେ । ଜଟଣୀ ଥାନା ହସ୍ପିଟାଲରେ ପହଂଚି ପୋଷ୍ଟମୋର୍ଟମ ପାଇଁ ଖୋର୍ଦ୍ଧା ଡାକ୍ତରଖାନା ପଠାଇଥିଲେ । ଏହାର କାରର ପୋଷ୍ଟମୋର୍ଟମ ଆସିବାପରେ ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏହି ଘଟଣାକୁ ଭିତି କରି ଜଟଣୀ ପୋଲିସ ଏକ ଅପମୃତ୍ୟୁ ମାମଲା କେସ୍ ନଂ. ୩୩/୨୦ରେ ରୁଜୁ କରିଛଇ । ମୃତ ଯୁବକ ଜଣକ ବାଛରା ଗ୍ରାମରେ ବାସକରୁଥିବା ହରି ବାହାଦୁର ବିଷ୍ଟା ବୋଲି ଜଣାପଡ଼ିଛି ।

# ୧୮୨ କୁ ଫୋନ କରି ଟ୍ରେନ ରେ ଛାଡିଯାଇଥିବା ବ୍ୟାଗ ପାଇଲେ ଯାତ୍ରୀ

ଭୁବନେଶ୍ୱର,୨୬।୮ (ନି.ପ୍ର): ଫଲକନାମା ଏକ୍ସପ୍ରେସରେ ଯାତ୍ରୀ ଛାଡିଯାଇଥିବା ବ୍ୟାଗକୁ ରେଳବାଇ ସୁରକ୍ଷାବଳ ଦ୍ୱାରା ଖୋଜାଯାଇ ପୁଣି ଯାତ୍ରୀଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନା ଅନୁଯାୟୀ ହାଓଡ଼ାରୁ ଫଲକନାମା ଏକ୍ସପ୍ରେସରେ କଟକ ଆସୁଥିବା ମୁମ୍ବାଇର ଜଣେ ଯାତ୍ରୀ ଶେଖ ଅଲ୍ଲୀ ମିର୍ଜା ତରବରହୋଇ କଟକ ଠାରେ ଓହ୍ଲାଇଯାଇଥିଲେ ଏବଂ ସେ ତାଙ୍କର ହ୍ୟାଣ୍ଡ ବ୍ୟାଗ ନେବାକୁ ଭୁଲି ଯାଇଥିଲେ। ସେହି ହ୍ୟାଣ୍ଡ ବ୍ୟାଗ ରେ ଗୋଟିଏ ଆଇ-ଫୋନ, ଦୁଇଟି ପାସପୋର୍ଟ ଏବଂ କିଛି ଅନ୍ୟ ଜିନିଷପତ୍ର ଥିଲା ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୫ ହଜାର ହେବ। ସଂଗେସଂଗେ ଶ୍ରୀ ମିର୍ଜା ରେଳବାଇ ସେକ୍ୟୁରିଟି କଂଟ୍ରୋଲ କୁ ୧୮୨ ନମ୍ବର ମାଧ୍ୟମରେ ଯୋଗାଯୋଗ କରି ଏହି ସମ୍ବନ୍ଧରେ ଅବଗତ କରାଇଥିଲେ ଯାହାକି ଭୁବନେଶ୍ୱର ରେଳବାଇ ସୁରକ୍ଷାବଳ ଥାନାକୁ ଅବଗତ କରାଯାଇଥିଲା । ଟ୍ରେନ ଭୁବନେଶ୍ୱର ପହଂଚିବା କ୍ଷଣି କର୍ତବ୍ୟରତ ହେଡ଼ କନେଷ୍ଟବଳ ଯୁ ବେହେରା ଯାତ୍ରୀ ଯାତ୍ରାକରୁଥିବା ବଗିରେ ସେହି ବ୍ୟାଗକୁ ନିଜ ଅକ୍ତିଆରକୁ ନେଇଥିଲେ ଓ ପରେ ଉପଯୁକ୍ତ ପ୍ରମାଣ ସହିତ ଶ୍ରୀ ମୀର୍ଜାଙ୍କ ତାଙ୍କ ହ୍ୟାଣ୍ଡ ବ୍ୟାଗ ଫେରସ୍ତ କରାଯାଇଥିଲା। ଟ୍ରେନ ଯାତ୍ରା ସମୟରେ ହେଉ କିମ୍ବା ଅନ୍ୟକୌଣସି ସମୟରେ ରେଳବାଇ କ୍ଷେତ୍ରରେ ସୁରକ୍ଷା ସମ୍ବନ୍ଧୀୟ ସହାୟତା ପାଇଁ ରେଳବାଇ ସୁରକ୍ଷା ହେଲ୍ପ ଲାଇନ୍ ନମ୍ବର କୁ ଯୋଗାଯୋଗ କଲେ ଯାତ୍ରୀମାନେ ଉପକୃତ ହେବ ସହିତ ଧନଜୀବନ ମଧ ରକ୍ଷା କରାଯାଇ ପାରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ କରାଯାଇଛି।

# ମହିଳାଙ୍କ ପସନ୍ଦ ଇୟରରିଙ୍ଗ

ଆଧୁନିକ ଯୁଗରେ ସୌନ୍ଦର୍ଯ୍ୟ ସଚେତନତା ବହୁମାତ୍ରାରେ ବଢ଼ିଛି । ନିଜକୁ ଟିକେ ଭିନ୍ନ ଭାବେ ଉପସ୍ଥାପନ କରିବାର ପ୍ରତିଯୋଗିତା ମଧ୍ୟ ବଢ଼ିଛି । ଏହି ସମୟରେ ଝିଅମାନେ କିଭଳି ବିଭିନ୍ନ ପ୍ରକାର ଇୟରରିଙ୍ଗ ନିଜକୁ ଏକ ସୁନ୍ଦର ଲୁକ୍ ଦେଇପାରିବେ ଆସନ୍ତୁ ଜାଣିବା...

## ଚାନ୍ଦବାଲି ଇୟରରିଙ୍ଗ

ଚାନ୍ଦବାଲି ଇୟରରିଙ୍ଗ ଦେଖିବାକୁ ବହୁତ ସୁନ୍ଦର ହୋଇଥିବା ବେଳେ ବିଭିନ୍ନ ଡିଜାଇନରେ ଉପଲବ୍ଧ । ଏହା ଠିକ୍ ଚନ୍ଦ୍ର ଆକୃତିର ଦେଖାଯାଏ । ଏହାସହ ବିଭିନ୍ନ ଦେବାଦେବୀଙ୍କ ଚିତ୍ର ହୋଇଥିବା ଚାନ୍ଦବାଲି ମଧ୍ୟ ରହିଛି । ଏହି କାନଫୁଲ ଆପଣ ବଡ଼ କିମ୍ବା ମଧ୍ୟମ ଆକାର ପିନ୍ଧି ପାରିବେ ।



## ଆଫଗାନି ଇୟରରିଙ୍ଗ



ଏବେ ଆଫଗାନି ଜୁଲଲାରୀ ଟ୍ରେଣ୍ଡ ବହୁଳ ପରିମାଣରେ ଚାଲିଛି । ବ୍ଲାକ୍ ମେଟାଲ ଏବଂ ଗୋଲ୍ଡ ମେଟାଲ ଉପରେ ବିଭିନ୍ନ ମଲଟିକଲରରେ ମାଳି ଲାଗିଥିବାରୁ ଏହା ଖୁବ୍ ସୁନ୍ଦର ଲାଗିଥା, । ଏହାକୁ ଆପଣ ସବୁ ସମୟରେ ପିନ୍ଧି ପାରିବେ । ଏହାଛଡ଼ା ଫର୍ମାଲ କୁର୍ତ୍ତା ଓ ଅଫିସ୍ ଯିବା ସମୟରେ ଏହାକୁ ପିନ୍ଧିଲେ ଏକ ସୁନ୍ଦର ଲୁକ୍ ଦେଇଥାଏ । ଏହାକୁ ସବୁ ରକମର ପୋଷାକ ସାଙ୍ଗରେ ପିନ୍ଧି ପାରିବେ ।

## ଝୁମର ଇୟରରିଙ୍ଗ

ଏଥିରେ ବିଭିନ୍ନ ରଙ୍ଗର ମାଳି ଝୁମର ପରି ଝୁଲୁଥିବାର ଦେଖିବାକୁ ମିଳେ । ଏହାକୁ ଲେହେଙ୍ଗା, ଶାଢ଼ିରେ ପିନ୍ଧି ପାରିବେ । ଯେକୌଣସି ବାହାଘର ହେଉ କିମ୍ବା ନିଜ ବାହାଘରେ ଏହିପରି ଇୟରରିଙ୍ଗ ପିନ୍ଧି ପାରିବେ ।



## ଝୁମକି ଇୟରରିଙ୍ଗ



ଆଜିକାଲି ବିଭିନ୍ନ ଝମକି ଇୟରରିଙ୍ଗ ମିଳୁଛି । ନିଜର ଚେହେରାକୁ ଖାପ ଖାଇଲା ପରି ଯେକୌଣସି ମନ ପସନ୍ଦର ଝୁମକି କ୍ୟାରି କରିପାରିବେ । ବଡ଼ ଆକୃତିର ମାଳି ଲାଗିଥିବା ଝୁମକି ଶାଢ଼ି ଓ ସାଲଓ୍ୱାରରେ ଅଧିକ ଆକର୍ଷଣୀୟ ଲାଗିବ । ଏହାଛଡ଼ା ସିଲଭର ରଙ୍ଗର ଝୁମକି ସବୁବେଳେ ପିନ୍ଧି ପାରିବେ ।



## ଟାସେଲ ଇୟରରିଙ୍ଗ



ଲମ୍ବା କାନଫୁଲ ପିନ୍ଧିବାକୁ ପସନ୍ଦ କରୁଥିବା ମହିଳା ଟାସେଲ ଇୟରିଙ୍ଗ ଅଧିକ ପସନ୍ଦ କରିବେ । ଚେନ୍ ସିଲକ୍ ସୂତା ଏବଂ ମାଳିର ଅନେକ ଟାସେଲ ଇୟରରିଙ୍ଗ ଆସୁଛି । ଏହା ଅତି ସହଜରେ ମାକେଟରେ ମିଳିଯିବ । ଯଦି କୌଣସି ପାର୍ଟିକୁ ଯାଉଛନ୍ତି ତେବେ ଚେନ୍ ଟାସେଲ୍ ଇୟରରିଙ୍ଗ ଅଦିକ ସୁନ୍ଦର ଲାଗିବ । ଏହାସାଙ୍ଗରେ ଆପଣଙ୍କୁ କୌଣସି ନେକଲେସ୍ ପିନ୍ଧିବାକୁ ପଡ଼ିବନି ।

# ରୋବଟ ତୋଳିବ ସିମଳାଲଙ୍କା



ବୈଜ୍ଞାନିକମାନେ ବିଶ୍ୱର ସବୁଠୁ ଅତ୍ୟାଧୁନିକ ରୋବଟ୍ 'ସୁଇପର' ପ୍ରସ୍ତୁତ କରିଛନ୍ତି ଯାହାକି କମ୍ପ୍ୟୁଟର ଭିଜନ ଦ୍ୱାରା ସଂପୂର୍ଣ୍ଣ ରୂପେ ପାଚିଥିବା ସିମଳା ଲଙ୍କାକୁ କେଇ ସେକେଣ୍ଡରେ ତୋଳିପାରିବ । ଇସ୍ରାଏଲ, ନାଗେଭର ବେନ୍-ଗୁରିଆନ ୟୁନିଭର୍ସିଟିର କିଛି ବୈଜ୍ଞାନିକ ଏହି ସୁଇପର୍ ରୋବଟ୍, ପ୍ରସ୍ତୁତ କରିଛନ୍ତି । ବ୍ୟବସାୟିକ ଦୃଷ୍ଟିରୁ ପ୍ରାରମ୍ଭିକ ସ୍ତରରେ ବୈଜ୍ଞାନିକମାନେ ରୋବଟର ସଫଳ ପରୀକ୍ଷଣ କରିସାରିଲେଣି । ବେନ-ଗୁରିଆନ ୟୁନିଭର୍ସିଟିର ପିଏଚଡି ଛାତ୍ର ପୋଲିନା କରଷ୍ଟରଙ୍କ ମତରେ "ପୂର୍ଣ୍ଣ ବିକଶିତ ସିମ ସିମଳା ଲଙ୍କା ତୋଳିବାକୁ ରୋବଟକୁ ମାତ୍ର ୨୪ ସେକେଣ୍ଡ ଲାଗୁଛି ଯାହା ୬୨ ପ୍ରତିାତ ସଫଳତା ଧରିବାକୁ ହେବ । ସେହଭଳି ଏହାଦ୍ୱାରା ଫୁଡ୍ ୱେଷ୍ଟ ମଧ୍ୟ ରୋକି ହେଉଛି ଯାହା ଚାଷ କ୍ଷେତ୍ର ଏକ ବିରାଟ ପରିବର୍ତ୍ତନ । ସୁଇପର ରୋବଟକୁ ଚାଷ କ୍ଷେତ୍ରରେ ଦିନରାତି ବ୍ୟବହାର କରିହେବ । ଏହାଦ୍ୱାରା ଚାଷୀକୁ ମୂଲିଆ ମଜୁରି ଦେବାକୁ ପଡ଼ିବନି ଯାହାଦ୍ୱାରା ଚାଷୀ ବଳକା ଲାଭବାନ ହେବ ।"

# ନବମ ପାସ୍ ବ୍ୟକ୍ତି ନିର୍ମାଣ କଲେ ହେଲିକପ୍ଟର



ଅମିର ଖାନ୍‌ଙ୍କ ଅଭିନୀତ ଚଳଚ୍ଚିତ୍ର ୩-ଇଡିଅଟ୍‌ସ୍‌ରୁ ପ୍ରଭାବିତ ହୋଇ ନବମ ଶ୍ରେଣୀଯାଏ ପାଠ ପଢ଼ିଥିବା ପ୍ରଦୀପ ଶିବାଜୀ ମୋହିତ ତିଆରି କରିଛନ୍ତି ଏକ ହେଲିକପ୍ଟର । ପେସାରେ ଟ୍ରାକ୍ଟର ମେକାନିକ୍ ଥିବା ପ୍ରଦୀପଙ୍କ ଘର ମହାରାଷ୍ଟ୍ରର ସାଂଗଲୀ ଜିଲ୍ଲାରେ । ଆକାଶରେ ଉଡ଼ିବାର ସ୍ୱପ୍ନକୁ ବାସ୍ତବ କରିବା ପାଇଁ ନିଜର ସମସ୍ତ ସମ୍ପ ି ବିକ୍ରି କରି ୪୦ଲକ୍ଷ ଟଙ୍କା ବ୍ୟୟରେ ସେ ଏହି ହେଲିକପ୍ଟରଟିକୁ ତିଆରି କରିଛନ୍ତି । ନବମ ଶ୍ରେଣୀଯାଏ ପାଠ ପଢ଼ିଥିବା ପ୍ରଦୀପ ପ୍ରମାଣ କରିଛନ୍ତି ଶିକ୍ଷାଗତ ଯୋଗ୍ୟତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମାନସିକ ଆଗ୍ରହ । ୩- ଇଡିଅଟସ୍ ଚଳଚ୍ଚିତ୍ର ଦେଖିବା ପରେ ତାଙ୍କ ମନରେ ଏହି ଆଗ୍ରହ ଜାଗ୍ରତ ହେଲା ବୋଲି ସେ କୁହନ୍ତି । ମଟର ସାଇକେଲ ଏବଂ ଜିପରେ ବ୍ୟବହୃତଉପକରଣକୁ ବ୍ୟବହାର କରି ସେ ଏହି ହେଲିକପ୍ଟର ତିଆରି କରିଛନ୍ତି । ଦେଢ଼ଘ[। ପର୍ଯ୍ୟନ୍ତ ଆକାଶରେ ଉଡ଼ିବାର କ୍ଷମତା ରଖିଥିବା ଏହି ହେଲିକପ୍ଟରକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକେ ପ୍ରଦୀପଙ୍କ ପାଖକୁ ଆସିଥାନ୍ତି । ପ୍ରଦୀପଙ୍କ ହେଲିକପ୍ଟର ଦେଖି ଅନେକ ହେଲିକପ୍ଟର ନିର୍ମାଣକାରୀ କମ୍ପାନୀ ମଧ୍ୟ ତାଙ୍କ ପାଖକୁ ଆସୁଥିବା ଜଣାପଡ଼ିଛି ।

# ଅଳ୍ପ ଖର୍ଚ୍ଚରେ ସ୍ମାର୍ଟ ହୋମ୍

ଡିଜିଟାଲାଜ ଇଣ୍ଡିଆରେ ସ୍ମାର୍ଟଫୋନ୍, ସ୍ମାର୍ଟଟିଭି ଏବଂ ସ୍ମାର୍ଟକାର ମଧ୍ୟ କାର୍ଯ୍ୟକାରୀ ହେଲାଣି । ଏବେ ସମୟ ନିଜ ଘରକୁ ମଧ୍ୟ ଏକ ସ୍ମାର୍ଟ ଲୁକ୍ ଦେବାର । ଅଳ୍ପ ଖର୍ଚ୍ଚରେ ନିଜ ଘରକୁ ଏକ ସ୍ମାର୍ଟ ଲୁକ୍ ଦେବା କିଏ ବା ନଚାହେଁ । ଜାଣନ୍ତୁ ୨୦୦୦ ଟଙ୍କା ମଧ୍ୟରେ ଥିବା କିଛି ସ୍ମାର୍ଟ ବୈଦ୍ୟୁତିକ ଯନ୍ତ୍ର:-

ଏଲଇଡି ସ୍ମାର୍ଟ ଡୋରବେଲ୍:- ଏହି ସ୍ମାର୍ଟ ବେଲର ମୂଲ୍ୟ ମାତ୍ର ୧୫୦୪ଟଙ୍କା । ଯାହା ୱାଟରପ୍ରୁଫ୍ ହେବା ସହ ୩୦୦ ମିଟର ପର୍ଯ୍ୟନ୍ତ ଶବ୍ଦ ହୋଇଥାଏ । ଏହି ଯନ୍ତ୍ରର ଧ୍ୱନିକୁ ମ [redacted] କରାଯାଇପାରିବ । ଏଥିରେ ବିଦ୍ୟୁତ୍ ତାର ସଂଯୋଗର ସମସ୍ୟା ନଥାଏ ।

ସ୍ମାର୍ଟ ୱାଇଫଇ:- ଏହି ସ୍ମାର୍ଟ ୱାଇଫାଇର ମୂଲ୍ୟ ମାତ୍ର ୪୯୮ଟଙ୍କ [redacted] ଯନ୍ତ୍ର ଦ୍ୱାରା ଫୋନ୍‌କୁ [redacted] ଅଫ୍ ଓ ଅନ୍ କରାଯାଇପାରିବ । [redacted]ଥିରେ ଗୁଗୁଲ୍ ଆସିଷ୍ଟାଣ୍ଟ ଓ ଆମେଜନ୍ ଏଲେକ୍ସର ମଧ୍ୟ ସର୍ପୋଟ ନେଇଥାଏ ।

ୱାୟରଲେସ୍ ସ୍ମାର୍ଟ ଷ୍ଟ୍ରିମିଙ୍ଗ ଡିଭାଇଜ୍:-
ଏହି ସ୍ମାର୍ଟ ଡିଭାଇଜର ମୂଲ୍ୟ ୯୯୯ଯଙ୍କା । ଏହି ଷ୍ଟ୍ରିମିଙ୍ଗ ଡିଭାଇଜ୍ ଦ୍ୱାରା ଫୋନ୍‌କୁ ଟିଭି ସହ ସଂଯୁକ୍ତ କରି ସମସ୍ତ ଡାଟାକୁ ଟିଭିରେ ଧେଖାଯାଇପାରିବ ।

ସିସ୍କା ସ୍ମାର୍ଟ ବଲ୍‌ବ:-
ଏହି ସ୍ମାର୍ଟ ବଲ୍‌ବର ମୂଲ୍ୟ ମାତ୍ର ୧୭୦୬ଟଙ୍କା । ଏହି ବଲ୍‌ବକୁ ନିଜ ସ୍ମାର୍ଟଫୋନ୍ ସହ ମଧ୍ୟ ସଂଯୁକ୍ତ କରାଯାଇପାରିବ । ଏଥିରେ ୩ମିଲିୟନ୍ ରଙ୍ଗର ମିଶ୍ରଣ ରହିଛି ।

ଫିଲିପ୍ସ ସ୍ମାର୍ଟ ବଲବ୍:-
ଏହି ବଲ୍‌ବର ମୂଲ୍ୟ ମାତ୍ର ୧୯୧୫ଟଙ୍କା । ଏହାକୁ ଆପେଲ ହୋମ୍‌କିଟ୍ ଓ ଗୁଗୁଲ ହୋମ୍ ଦ୍ୱାରା ସଂଯୁକ୍ତ କରାଯାଇ ମୋବାଇଲରେ ଅନ୍ ଅଫ୍ କରାଯାଇପାରିବ ।

ମୋଶନ୍ ସେନ୍‌ସର ଲ୍ୟାମ୍ପ:-
ଏହି ଲ୍ୟାମ୍ପର ମୂଲ୍ୟ ମାତ୍ର ୫୨୦ଟଙ୍କା । ଏହାର ଓଜନ ୪୫ଗ୍ରାମ୍ । ଏହି ଲ୍ୟାମ୍ପ ସମ୍ମୁଖରେ ଯଦି କିଛି ଜିନିଷ ହଲଚଲ ହୁଏ ତେବେ ଏହା ଜଳିଉଠେ ।





ୱାଇଫାଇ ପାୱାର ସ୍କିପ୍:-
ଏହି ସ୍କିପ୍ ର ମୂଲ୍ୟ ମାତ୍ର ୧୭୯୪ଟଙ୍କା ଏହି ସ୍କିପ୍ ୱାଇଫାଇ ରାଉଟର ବନ୍ଦ ଓ ଚାଲୁ କରାଯାଇପାରିବ । ଏଥିରେ ଆପ୍ ଟାଇମର ମଧ୍ୟ ଲଗାଯାଇପାରିବ ।

ୱାଇଫାଇ କ୍ୟାମେରା:- ଏହି କ୍ୟାମେରାର ମୂଲ୍ୟ ୧୯୯୯ଟଙ୍କା । ଏହାକୁ ନିଜ ଫୋନ୍‌ରେ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ । ଏଥିରେ ୫ମେଗାପିକ୍ସେଲ୍ ସେନସର ଓ ମୋଶନ ଡିଟେକ୍ଟରର ସର୍ପୋଟ ମିଳିପାରିବ ।

ଏଲଇଡି ସ୍କିପ୍:- ଏହି ସ୍କିପର ମୂଲ୍ୟ ମାତ୍ର ୧୩୮୦ ଟଙ୍କା । ଏହାର ସଂଯୋଗ ଦ୍ୱାରା ୱାଇଫାଇ ଲାଇଟର ରଙ୍ଗ ପରିବର୍ତ୍ତନ କରାଯାଇପାରିବ । ଏଥିରେ ଗୁଗଲ୍ ଆସିଷ୍ଟାଣ୍ଟରେ ସପୋର୍ଟ ମଧ୍ୟ ମିଳିପାରିବ ।

# ରୋବୋଟ୍ ଯୋଗେ ଔଷଧ ପ୍ରେରଣ

ଶରୀର ମଧ୍ୟକୁ ପ୍ରେରଣ କରିବା ପାଇଁ ବୈଜ୍ଞାନିକମାନେ ଉଦ୍ଭାବନ କରିଛନ୍ତି ଏକ ରୋବୋଟ । ଏହି ମିନି ରୋବୋଟ ମାଧ୍ୟମରେ ଶରୀର ମଧ୍ୟକୁ ଔଷଧ ପହଞ୍ଚାଯିବ । ରୋବୋଟ ଔଷଧକୁ ସିଧାସଳଖ ଉପଯୁକ୍ତ ସ୍ଥାନରେ ପହଞ୍ଚାଇବାରେ ସାହାଯ୍ୟ କରିବ । ହଙ୍ଗକଙ୍ଗର ସିଟି ୟୁନିଭରସିଟିରେ ଏହି ରୋବୋଟକୁ ପ୍ରସ୍ତୁତ କରାଯାଇଛି । ସମ୍ବାଳୁଆକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ରୋବୋଟକୁ ତିଆରି କରିଛନ୍ତି । ରୋବୋଟର ଆକାର ମଧ୍ୟ ଅବିକଳ ସମ୍ବାଳୁଆ ପରି ହୋଇଛି । ସମ୍ବାଳୁଆ ସଦୃଶ ଗୋଡ଼ ହିଁ ଏହି ରୋବୋଟର ମୁଖ୍ୟ ଅଙ୍ଗ । ଏହି ଗୋଡ଼ ସାହାଯ୍ୟରେ ଏହି ରୋବୋଟ ରକ୍ତ ତଥା ମନୁଷ୍ୟ ଶରୀରର ଅନ୍ୟାନ୍ୟ ତରଳ ପଦାର୍ଥ ମଧ୍ୟରେ ଗତି କରିପାରିବ । ଔଷଧର ଓଜନ ବୋହି ଔଷଧକୁ ଉପଯୁକ୍ତ ସ୍ଥାନରେ ପହଞ୍ଚାଇବାରେ ଏହି ଗୋଡ଼ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ରୋବଟର ଆକାର ୦.୧୫ ମିଲିମିଟର ରହିଛି । ଚୁମ୍ବକୀୟ ଶକ୍ତିଦ୍ୱାରା ରୋବୋଟ ଶରୀର ମଧ୍ୟରେ ପରିଚାଳିତ ହେବ ।



# କଳା ଓଠ ପାଇଁ ଚିନ୍ତିତ କି ?

କଳା ଓଠ ପାଇଁ ଯଦି ଆପଣ ଚିନ୍ତିତ ତେବେ, ଆଉ ଚିନ୍ତା କରନ୍ତୁ ନାହିଁ ଏହା ପାଇଁ ଆପଣଙ୍କୁ କୁଆଡ଼େ ଯିବାକୁ ପଡ଼ିବ ନାହିଁ ଘରେ ବସି ଆପଣ ଏହି ସମସ୍ୟାର ସମାଧାନ କରିପାରିବେ । ଚାଲନ୍ତୁ ଜାଣିବା କ'ଣ କଲେ ଆପଣ ପାଇପାରିବେ କଳା ଓଠରୁ ରକ୍ଷା ।

ବସ୍- ଦାନ୍ତଘସା ବ୍ରସ୍ ଯାହାକୁ ଆପଣ ଖାଲି ଦାନ୍ତ ସଫା କରିବାରେ ବ୍ୟବହାର କରନ୍ତି ତାକୁ ଆପଣ ଓଠ ସଫା କରିବାରେ ମଧ୍ୟ ବ୍ୟବହାର କରିପାରିବେ । କାଲି ବ୍ରସ୍ କୁ ଆପଣ ହାଲକା ଭାବେ ଓଠରେ ଘସିଲେ ଆପଣଙ୍କ ଓଠର କଳା ଧିରେ ଧିରେ ଦୂର ହୋଇଯିବ ।

ଗ୍ଲିସୋରିନ୍- ଲେମ୍ବୁ ରସ ଓ ଗ୍ଲିସୋରିନକୁ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ତାକୁ ପ୍ରତିଦିନ ଓଠରେ ଲଗାଇବା ଲାଭ ଦାୟକ ହୋଇଥାଏ । ଚିନ-ଚିନ ରସ ଲେମ୍ବୁରସକୁ ଏକାଠି ମିଶାଇ ଯଦି ଆପଣ ସଞ୍ଜେ ସକାଳେ ଓଠର ପ୍ରକୃତ ରଙ୍ଗ ଫେରିଆସିପାରେ ।



# ପାଣିରେ ଲେଡ୍ ସୂଚନା ଦେବ ସ୍ମାର୍ଟଫୋନ୍

ବୈଜ୍ଞାନିକ ଦଳ ସ୍ମାର୍ଟଫୋନ୍ ଏବଂ ଇଙ୍କଜେଟ୍ ପ୍ରିଣ୍ଟର ଦ୍ୱାରା ପ୍ରସ୍ତୁତ ଏକ ଲେନ୍ସକୁ ବ୍ୟବହାର କରି ଏକ ପ୍ରଣାଳୀ ବିକଶିତ କରିଚନ୍ତି ଯାହା ପାଣିରେ ଲେଡ୍ ବା ସିସାର ସ୍ତରକୁ ମାପିବା । ଏହି ପ୍ରଣାଳିରେ ନାନୋ-କଲରମେଟ୍ରି (ରଙ୍ଗଦ୍ୱାରା ରାସାୟନିକ ବିଶ୍ଳେଷଣ) ଏବଂ ସ୍ମାର୍ଟଫୋନ୍ ମାଇକ୍ରୋସ୍କପି ପ୍ଲାଟଫର୍ମରେ ଡାର୍କଫିଲ୍ଡ ମାଇକ୍ରୋସ୍କୋପି ଦ୍ୱାରା ସଂଯୋଗ ହୋଇଛି । ଆମରିକାର ଆସୋସିଏଟ୍ ପ୍ରଫେସର ବୋ ଚୁଆନ ସିଙ୍କ ମତରେ ଏହି ପ୍ରଣାଳୀ ବେଶ୍ ଶସ୍ତା ଏବଂ ଜଳରେ ମହଜୁଦ୍ ଥିବା ସିସା ଯାହା ଛୋଟ ପିଲାଙ୍କ ତନ୍ତ୍ରିକା ସମ୍ବନ୍ଧୀୟ ରୋଗର କାରଣ ହୋଇଥାଏ, ତାକୁ ଦୂର କରିବାରେ ସହାୟକ ହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଚେତାବନୀ...

ଯଦି ଦ୍ୱିପାକ୍ଷିକ ରାଜନୈତିକ ଅଥବା ସାମରିକ ଆଲୋଚନା ମାଧ୍ୟମରେ ସୀମା ବାବଦରେ ସମାଧାନ ନହୁଏ, ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତ ପ୍ରସ୍ତୁତ ରହିଛି ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ ରାୱତ କହିଛନ୍ତି । ଜେନେରାଲ ରାୱତଙ୍କ ଏହି ମନ୍ତବ୍ୟ ବିଶେଷ ମହତ୍ତ୍ୱ ବହନ କରେ । ଗତ ମେ' ମାସଠାରୁ ଲଦାଖର ଗଲୱାନ ଘାଟିଠାରେ ଚୀନ ସେନାଙ୍କ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ଅତିକ୍ରମଣକୁ ନେଇ ଭାରତ ଓ ଚୀନ ମଧ୍ୟରେ ଯେଉଁଭଳି ଉତ୍ତେଜନା ଦେଖାଦେଇଛି, ତାହା ଏଯାବତ୍ ସଂପୂର୍ଣ୍ଣ ସମାହିତ ହୋଇପାରିନାହିଁ । ଚୀନ ସେମାନଙ୍କୁ ଭାରତୀୟ ସୀମାରୁ ହଟାଇବାକୁ ନେଇ ଭାରତୀୟ ସେନାଙ୍କୁ ଯେଉଁଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା ସେଥିରେ ୨୦ ଜଣ ଭାରତୀୟ ସୈନିକ ସହୀଦ ହେଲେ ଏବଂ ଚୀନ ଏ ସଂପର୍କିତ କୌଣସି ତଥ୍ୟ ପ୍ରକାଶ ନକଲେ ସୁଦ୍ଧା ଅନୁରୂପ ମାତ୍ରାର କ୍ଷତି ସହ୍ୟ କରିବାକୁ ପଡ଼ିଥିଲା ସ୍ପଷ୍ଟ । କିନ୍ତୁ ଏହାପରେ ଉଭୟ ଦେଶର ସେନାଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ସାମରିକ ସ୍ତରରେ ପାଞ୍ଚ ପାଞ୍ଚ ଥର ଆଲୋଚନା ଏବଂ ରାଜନୈତିକ ସ୍ତରରେ ଏକାଧିକ ଥର ସୂଚନା ଆଦାନ ପ୍ରଦାନ ଘଟିଥିଲେ ସୁଦ୍ଧା ସେଥିରୁ ବିଶେଷ କିଛି ସୁଫଳ ମିଳିପାରିନାହିଁ । ଅନ୍ୟ ଭାଷାରେ କହିଲେ, ଚୀନ୍ ସେନା ଯେଉଁ ସ୍ଥାନରେ ଏଲଏସି ଅତିକ୍ରମ କରିଥିଲେ ସେମାନେ ସେଠାରୁ ପଛକୁ ହଟିବାକୁ ଅନିଚ୍ଛୁକ । ଭାରତର ବାରମ୍ବାର ପ୍ରସ୍ତାବ ସତ୍ତ୍ୱେ ସେଥିପ୍ରତି ବେଜିଂ କର୍ତ୍ତୃପକ୍ଷ ସେଥିପ୍ରତି କୌଣସି ଧ୍ୟାନ ଦେଉନଥିବା ପ୍ରତୀୟମାନ ହୁଏ । ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ସୂଚନାଯୋଗ୍ୟ ଯେ, ଗଲୱାନ ଘାଟିର ଫିଙ୍ଗର ପଏଣ୍ଟଠାରୁ ନେଇ ହଟସ୍ପ୍ରିଙ୍ଗ ଏବଂ କୋଙ୍ଗରୁଙ୍ଗ ନଳା ଆଦି ସ୍ଥାନରେ ଏଭଳି ଅନୁପ୍ରବେଶ ଘଟିଥିଲା । ଦୁଇ ଦେଶ ସୀମା ସୁରକ୍ଷା ଯବାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିବା ପରେ ଉଭୟ ପକ୍ଷ ଏହାର ଆପୋସ ସମାଧାନ କରିବା ଲାଗି ଯେଉଁ ମନୋଭାବ ପ୍ରକଟ କରିଥିଲେ ଚୀନ ତାହା ପାଳନ କରୁନଥିବା ଏଥିରୁ ସ୍ପଷ୍ଟ । ଚୀନର ଏହି ସ୍ୱାଭାବ ସହିତ ଭାରତ ଦୀର୍ଘଦୀନରୁ ସୁପରିଚିତ । ଏବେ ଚୀନ ଭାରତକୁ ଏଭଳି ସୀମା ବିବାଦରେ ସର୍ବଦା ଜଡ଼ାଇ ରଖିବାକୁ ଚାହେଁ । ଏପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ପାଞ୍ଚ ରାଉଣ୍ଡ ଲେଫ୍ଟନାଣ୍ଟ ଜେନେରାଲ ସ୍ତରୀୟ ଆଲୋଚନା ହୋଇସାରିଛି । ସେଥିରେ ଯଦିଚ ଏଲଏସିରେ ଶାନ୍ତି ବଜାୟ ରଖିବା ଏବଂ ଭବିଷ୍ୟତରେ ଏଭଳି ଘଟଣା ନଘଟାଇବା ସକାଶେ ସହମତ ପ୍ରକାଶ ପାଇଛି, ଚୀନ ସେନା ଅନୁପ୍ରବେଶ କରୁଥିବା ସ୍ଥାନରୁ ଏପର୍ଯ୍ୟନ୍ତ ସେମାନଙ୍କ ତମ୍ବୁ ହଟାଇନାହାନ୍ତି । ଭାରତ ଏବେ ସୁଦ୍ଧା ଚୀନକୁ ପରୋକ୍ଷରେ ଅନେକ ପଟୁ ଅଡୁଆରେ ପକାଇ ସାରିଛି । ଚୀନା ଆପ୍‌କୁ ନିଷିଦ୍ଧ କରିବାଠାରୁ ନେଇ ସେ ଦେଶର ସାମଗ୍ରୀ ଉପରେ ନାନାପ୍ରକାର କଟକଣା ଜାରି ପର୍ଯ୍ୟନ୍ତ ପଦକ୍ଷେପ ଆର୍ଥିକ ଦୃଷ୍ଟିରୁ ଚୀନକୁ ଯଥେଷ୍ଟ ମାତ୍ରାରେ କ୍ଷତିଗ୍ରସ୍ତ କରିଛି । କିନ୍ତୁ ଚୀନ ସେନା ପଛକୁ ହଟୁନାହାନ୍ତି । ଜେନେରାଲ ବିପିନ ରାୱତଙ୍କ ଏଭଳି ମନ୍ତବ୍ୟ ଚୀନ ପ୍ରତି ପ୍ରଚ୍ଛନ୍ନ ଧମକ ବୋଲି ବିବେଚନା କରାଯାଇପାରେ । କାରଣ, ଭାରତ ରାଫାଲ ଲଢୁଆ ବମାନ ଆହରଣ ଏବଂ ଲଦାଖର ଛାମୁଆ ଘାଟିମାନଙ୍କରେ ଭାରୀ ଅସ୍ତ୍ରଶସ୍ତ୍ର ମୁତୟନ ଏ ଦିଗରେ ପ୍ରସ୍ତୁତ ବୋଲି ଧରାଯାଇପାରେ । ସେହିଭଳି ଭାରତକୁ ସମର୍ଥନ ଜଣାଇ ଆମେରିକା ତା'ର ଭାରତ ମହାସାଗର ସ୍ଥିତ ଡିଏଗୋ ଗାର୍ସିଆ ଦ୍ୱୀପରେ ପ୍ରଚଣ୍ଡ ବୋମାବର୍ଷୀ ବି-୫୨ ଷ୍ଟେଲ୍‌ଥ ବମ୍ବର ମୁତୟନ କରିଛି ଏବଂ ସେହି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ନିକଟବର୍ତ୍ତୀ ସାଗରରେ ତା'ର ଯୁଦ୍ଧତରୀକୁ ମୁତୟନ କରିଛି । ଜାପାନ, ଅଷ୍ଟ୍ରେଲିଆ ଏବଂ ଫ୍ରାନ୍ସ ମଧ୍ୟ ଭାରତକୁ ସାମରିକ ଦୃଷ୍ଟିକୋଣରୁ ଅନୁରୂପ ସହଯୋଗ ପାଇଁ ହାତ ବଢ଼ାଇଛନ୍ତି । କାରଣ, ଦକ୍ଷିଣ ଚୀନ ସାଗରଠାରୁ ନେଇ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ଚୀନ ଏହିସବୁ ରାଷ୍ଟ୍ରମାନଙ୍କ ସହ କୌଣସି ନା କୌଣସି ବିବାଦରେ ଲିପ୍ତ । କେବଳ ସେତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକଥା ମଧ୍ୟ କହିଛନ୍ତି ଯେ, ଗଲୱାନ ସୀମା ବିବାଦକୁ ନେଇ ଯଦି ଭାରତ ଓ ଚୀନ ମଧ୍ୟରେ ସାମରିକ ବିବାଦ ଉତ୍ପନ୍ନ ହୁଏ ତେବେ ତାଙ୍କ ଦେଶ ଭାରତର ପକ୍ଷ ଗ୍ରହଣ କରିବ । ଏହାର ବାସ୍ତବତା ଯେତିକି ମହତ୍ତ୍ୱ ବହନ ନକରେ, କୂଟନୈତିକ ସ୍ତରରେ ଏହା ଚୀନ ଉପରେ ଯେ ପ୍ରବଳ ଚାପ ପକାଇବ ତାହା ସୁନିଶ୍ଚିତ । ଆମେରିକା ସମର୍ଥନର ଅର୍ଥ, ଆମେରିକାର ସହଯୋଗୀ ରାଷ୍ଟ୍ରଙ୍କ ସମର୍ଥନ ସଙ୍ଗେ ସମାନ । ତେବେ ଚୀନ ମଧ୍ୟ ଏଭଳି ଏକ ଶକ୍ତି ଯାହାକୁ ଏତେ ସହଜରେ କୌଣସି କଥାରେ ରାଜି କରାଯାଇନପାରେ । କାରଣ, ଏହା ସେ ଦେଶର ରଣନୀତି ଓ କୂଟନୀତିର ଏକ ପ୍ରମୁଖ ଅଙ୍ଗ । ପ୍ରତିବେଶୀ ରାଷ୍ଟ୍ରଙ୍କ ସହ ବିବାଦ ବିନା ଚୀନର ଭାତ ହଜମ ନହେବା ଏକ ପୁରୁଣା ଖୋଇ । ତେଣୁ ଭାରତ ସଦାବେଳେ ସାମରିକ ଆଭିମୁଖ୍ୟକୁ ଉନ୍ମୁକ୍ତ ରଖିଥିଲେ ସୁଦ୍ଧା କୂଟନୈତିକ ଓ ବାଣିଜ୍ୟିକ ସ୍ତରରେ ଚୀନକୁ ଜବତ ରଖିବା ନିମନ୍ତେ ନିଜର ପ୍ରୟାସ ଜାରି ରଖିବା ସବୁଠାରୁ ଶ୍ରେୟ ହେବ । ଶତ୍ରୁକୁ ହାତରେ ନମାରି ଭାତରେ ମାରିବା ହିଁ ସବୁଠାରୁ ଉତ୍ତମ ଅସ୍ତ୍ର । ଏ ଦିଗରେ ଭାରତ ତା'ର ଆଭିମୁଖ୍ୟକୁ ଆହୁରି କଠୋର କରିବା ଉଚିତ ।




## ରାତି

**ଲକ୍ଷ୍ମୀକାନ୍ତ ସାହୁ**

ଏ ଝିପିଝିପି ବର୍ଷାରେ
ନିଝୁମ ରାତିରେ
ତୁମ କଥା ବେଶୀ ମନେ ପଡ଼େ
ଘନ ଅନ୍ଧକାର ନ ନିର୍ଜନ ବେଳାରେ
ମୁଁ କେବଳ ତୁମକୁ ଆବିଷ୍କାର କରୁଥାଏ ।

ହେଇ ଦେଖ ମେଘବେଷ୍ଟିତ ଆକାଶକୁ
ତାରା ସବୁ ଲୁଚିଯାଇଛନ୍ତି
ଲାଜରେ ଲାଜରେ ଜହ୍ନ କହୁଛି
ଏଇ ପ୍ରେମ ପଣ ପାଇଁ
ରାତି କ'ଣ ନିହାତି ଦରକାର ।

ରାତିର କାଳିମା ବୋଧେ
ଢାଙ୍କି ଦେଇପାରେ ହଜାର ଭୂଲ ସବୁ
ମାତ୍ର ରାତି ଅଛି ବୋଲି ତ
ଆଲୁଅ ର ଖୁବ୍ ଆଦର ହୁଏ
ନଚେତ୍ କିଏ ବା ପଚାରନ୍ତ ରାତିକୁ ।

ସ୍ୱପ୍ନ ସବୁ ସତେଜ ହେବା ପାଇଁ
ଏ ରାତି ର ହୃଦୟ ନିହାତି ଜରୁରୀ
ରାତି ର ଛାତିରେ ତ ସ୍ୱପ୍ନ
ସ୍ୱପ୍ନର ଛାତିରେ ରଙ୍ଗ
ରଙ୍ଗର ଛାତିରେ ଭାବନା
ଭାବନାର ଛାତିରେ କେତେ ଉନ୍ମାଦନା
ସବୁ ଏଇ ରାତି ପାଇଁ ନା ।

ବିଭୋର ହୁଏ ରାତିରେ ଚେଇଁ ଚେଇଁ
ସହଜେ ନିଦ ବି ଆସେନି
ବାଲକୋନିକୁ ଯାଇ ଏପଟସେପଟ
ଘୁରିବୁଲୁଥାଏ, ଚାଲୁଥାଏ
ଭାବନାର ଭଉଁରୀରେ ଭିଜୁଥାଏ
ହେଲେ ଏ ସକାଳ ଆସେନି

ରାତିର ଦିଗନ୍ତ ବିସ୍ତାରିତ ଛାତିରେ କିନ୍ତୁ
ତୁମକୁ ଆବିଷ୍କାର କରୁଥାଏ ଅହରହ
ସତେ, ତୁମେ ଏ ରାତି ସଙ୍ଗେ ଏତେ ନିବିଡ଼
ହଁ, ହଁ, ମୁଁ ବି ନିବିଡ଼ ହେବା ପାଇଁ ଚାହେଁ
ଏଇ ରାତିର ସାଥୀରେ, ରାତିର ସାଥୀରେ ।

+ ଡୁଡୁକାମୁଣ୍ଡା, ବଲାଙ୍ଗୀର ।

# କରୋନା ମହାମାରୀ ସମୟରେ ଅଭିଭାବକଙ୍କ ଦାୟୀତ୍ୱ ଓ କର୍ତ୍ତବ୍ୟ

**ପ୍ରଦୀପ୍ତ ଆଚାର୍ଯ୍ୟ**

ସମଗ୍ର ବିଶ୍ୱର ମାନବ ସମାଜ ଆଜି ଭୟଙ୍କର କରୋନା ମହାମାରୀର କରାଳ ମୁଖ ଗହ୍ୱର ସମ୍ମୁଖରେ ଦଣ୍ଡାୟମାନ। ଭୀତତ୍ରସ୍ତ ମାନବ ସମାଜ। ଚର୍ତୁଦିଗରେ ହାହାକାର। ସାମାଜିକ କ୍ଷେତ୍ର ଠାରୁ ଆରମ୍ଭ କରି ରାଜନୀତି, ସ୍ୱାସ୍ଥ ଏବଂ ଅର୍ଥନିତୀ କ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ର କରୋନାର କବଳରେ କବଳିତ। ଜୀବନ ଜୀବିକା ମଧ୍ୟରେ ସଂଘର୍ଷ। ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ସମସ୍ତେ ଆତଙ୍କିତ। ଏହି ପରିସ୍ଥିତିରେ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇଛି ଶିକ୍ଷା ବ୍ୟବସ୍ଥା ଏବଂ ଚପଳମତି ଶିଶୁ ଏବଂ କିଶୋର ମାନଙ୍କର ମାନସିକତା। ଶିଶୁଟିଏ ମାତୃକୋଳ ତ୍ୟାଗକରି ଯେତେବେଳେ ବିଦ୍ୟାଳୟ ପରି ଏକ ନୂଆ ଦୁନିଆରେ ପଦାର୍ପଣ କରେ,ସେତେବେଳେ ତାର ଦ୍ୱିତୀୟ ଆପଣାର ଲୋକ ହୋଇଥାଏ ତାର ସହପାଠୀ।ବିଦ୍ୟାଳୟରେ ଦୀର୍ଘ ଛଅ ଘଂଟାର ରହଣୀ ମଧ୍ୟରେ ସହପାଠୀ ମାନଙ୍କ ସହିତ ଏକତ୍ର ଭୋଜନ,ଖେଳକୁଦ,ମାରପିଟ ତଥା ରାଗରଷା ତାର ଆତ୍ମୀୟତାକୁ ବହୁଗୁଣିତ କରିଥାଏ। ତା ମନଗହନର ସମସ୍ତ ଉହଣ୍ଡା, ଯାହାକି ସେ ପରିବାରର ସଦସ୍ୟଙ୍କ ଆଗରେ ପ୍ରକାଶ କରିବାକୁ ଶଙ୍କା କରିଥାଏ,ତାହା ସହପାଠୀଙ୍କ ସମ୍ମୁଖରେ ନିର୍ଦ୍ୱନ୍ଦରେ

ପରିପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରିନଥାଏ।କ୍ରମେ ବିଦ୍ୟାଳୟ ତାର ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଏ। ଆଜି କିନ୍ତୁ ତାହା ସମ୍ପୂର୍ଣ ବିପର୍ଯ୍ୟସ୍ତ । ମାର୍ଚ୍ଚମାସଠାରୁ ଅଦ୍ୟାବଧି ଦୀର୍ଘ ଛଅମାସ ଧରି ବିଦ୍ୟାଳୟରେ ତାଲା ଝୁଲୁଛି ଏବଂ କେବେ ଖୋଲିବ ତାହା ମଧ୍ୟ ଅନିଶ୍ଚିତ। ଏତଦ୍‌ବ୍ୟତୀତ ସରକାରୀ କୋଭିଡ ନିୟମାନୁଯାୟୀ ଦୁଇ ମିଟର ସାମାଜିକ ଦୂରତ୍ୱ ରକ୍ଷାକରି ଶ୍ରେଣୀଗୃହରେ ପ୍ରତ୍ୟକ୍ଷ ଶିକ୍ଷାଦାନ କେବେବି ସମ୍ଭବ ନୁହେଁ। ସରକାର ଏଦିଗରେ ଏଯାବତ୍ କୌଣସି ସ୍ଥିର ନିଷ୍ପତି ନେଇ ପାରୁନାହାନ୍ତି। କରୋନାର ଭୟଙ୍କର ବ୍ୟାପକତା କେବେଯେ ପ୍ରଶମିତ ହେବ ତାହାର ନିର୍ଦ୍ଦିଷ୍ଟତା ସନ୍ଦିହାନ। ପିଲାଟି ଆଜି ନିଜ ଘରେ ଗୃହବନ୍ଦୀ। ଅନେକ ଆନୁସଙ୍ଗିକ କାରଣ ତାକୁ ମାନସିକ ସ୍ତରରେ ଚାପଗ୍ରସ୍ତ କରାଉଅଛି। ତନ୍ମଧ୍ୟରୁ ୧)ପ୍ରଥମ ହେଲା ନିଃସଙ୍ଗତା। ବାହାରକୁ ଯାଇ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ନିମନ୍ତେ କଠୋର କଟକଣା। ୨) ହ୍ୱାଟସ ଆପ ଏବଂ ଅନଲାଇନ ପରି ଅନାକର୍ଷଣୀୟ ଶିକ୍ଷାଦାନରେ ପିଲାମାନେ ଆଗ୍ରହ ପ୍ରକାଶ କରିପାରୁ ନାହାନ୍ତି। ୩) ଗ୍ରାମାଂଚଳର ଅଧିକାଂଶ ଛାତ୍ର ବିଜୁଳି ସେବା,ମୋବାଇଲ ସେବା ଏବଂ ସର୍ବୋପରି ମୋବାଇଲ କ୍ରୟ କରିବା କ୍ଷମତାରୁ ବଂଚିତ।୪)ସାମାଜିକ ଗଣ ମାଧ୍ୟମରେ କରୋନାର ଭୟାବହତା, କରୋନା ଜନୀତ ମୃତ୍ୟୁ, କରୋନାର ବ୍ୟାପକତା, ଲକ୍‌ଡାଉନ, ସଟ୍‌ଡାଉନ, କଂଟେନମେଂଟ୍, ସୋସିଆଲ ଡିଷ୍ଟାନ୍ସ ପରି ଶବ୍ଦ ର ବାରମ୍ବାର ପ୍ରଚାର,କୋମଳମତି ଶିଶୁ ଏବଂ କିଶୋର ମାନଙ୍କ ମାନସିକତାକୁ ଗଭୀର ଭାବରେ ପ୍ରଭାବିତ କରୁଅଛି।୫) ବିଦ୍ୟାଳୟ ବନ୍ଦ ସାଙ୍ଗକୁ କୋଚିଙ୍ଗ ସେଂଟର ତଥା ଟିଉସନ ଉପରେ ମଧ୍ୟ କଟକଣା। ଏପରିକି ପଡୋଶୀ ପିଲାମାଙ୍କ ସହିତ ଖେଳକୁଦ ନକରିବା ପାଇଁ ମଧ୍ୟ ଅଭିଭାବକ ମାନଙ୍କର କଡା ତାଗିଦା।୬)ଶିଶୁ ମାନଙ୍କ କ୍ଷେତ୍ରରେ କଥାଟା ଟିକେ ନିଆରା,କିନ୍ତୁ କିଶୋର ମାନଙ୍କ କ୍ଷେତ୍ରରେ ସଙ୍ଗହୀନ ଜୀବନ ଯାପନ ଅତ୍ୟନ୍ତ ଦୁର୍ବିସହ। ଶିଶୁସୁଲଭ ଉଦ୍ଦାମତା,କୈଶୋରାବସ୍ଥାର ଚପଳତା ଆଜି ସେମାନଙ୍କଠାରୁ ବିଲୁପ୍ତ। ୭) ଅଭିଭାବକମାନେ ନିଜନିଜ କାର୍ଯ୍ୟରେ ବ୍ୟସ୍ତ ରହି ସେମାନଙ୍କର ପିଲାମାନଙ୍କ ପାଇଁ ଆଦୌ ସମୟ ପ୍ରଦାନ ନକରିବା ଦ୍ୱାରା,ସେମାନଙ୍କ ମନରେ ଏକ ନକରାତ୍ମକ ଭାବନା ସୃଷ୍ଟିର ସମ୍ଭାବନା ଅବଶ୍ୟମ୍ଭାବୀ।

ପିଲାମାନଙ୍କର ମୁଖମଣ୍ଡଳ ବିରସ, କଂଠସ୍ୱରରୁ ନିର୍ଗତ ହର୍ସଧ୍ୱନିର ଫଲଗୁଧାରା ଶୁଷ୍କ,ମୃତ୍ୟୁପରି ଏକ ଅନାଗତ ଭୟରେ ସେ ଆତଙ୍କିତ। ଉପରୋକ୍ତ ପରିପ୍ରେକ୍ଷୀରେ ପିଲାମାନଙ୍କର ଅବସାଦଗ୍ରସ୍ତ ମାନସିକତାର ଭାରସାମ୍ୟ ରକ୍ଷାକରିବା ନିମନ୍ତେ, ଅଭିଭାବକ ମାନଙ୍କୁ ଏକ ଗୁରୁତ୍ୱପୂର୍ଣ ଭୁମିକା ନିର୍ବାହ କରିବାକୁ ପଡିବ।୧) ସର୍ବପ୍ରଥମେ ଏହି ବିପଦ ସମୟରେ ଆମମାନଙ୍କୁ ପିଲାଙ୍କ ଗହଣରେ ସର୍ବାଧିକ ସମୟ ବିନିଯୋଗ କରିବାର ଆବଶ୍ୟକତା ରହିଅଛି। କିଛି କାର୍ଯ୍ୟ ନଥାଇ ବାହାରେ ଘଂଟା ଘଂଟା ଧରି ପରନିନ୍ଦା ପରଚର୍ଚ୍ଚା ରାଜନୀତି ଗୁଲି ଗପିବା ଅଭ୍ୟାସରୁ ନିବୃତ ରହି,ପିଲାମାନଙ୍କ ମନସ୍ତତ୍ତ୍ୱକୁ ଅଧ୍ୟୟନ ପୁର୍ବକ ,ତାଙ୍କର ଇଚ୍ଛା ତାଙ୍କର ରୁଚିକୁ ବିଶ୍ଳେଷଣ କରି,ସେଗୁଡିକ ସକରାତ୍ମକ ଢଙ୍ଗରେ ପରିଚାଳିତ କରାଯିବା ଉଚିତ୍।୨)ଆମର ସମସ୍ତ ପରିଶ୍ରମ ସମସ୍ତ ଅର୍ଥ ରୋଜଗାର କେବଳ ଆମ ପିଲାମାନଙ୍କର ,ଆମ ଉତରାଧିଙ୍କର ସୁନ୍ଦର ଭବିଷ୍ୟତ ଓ ମଙ୍ଗଳକଳ୍ପେ ଉଦ୍ଦିଷ୍ଟ। ଗଣମାଧ୍ୟମରେ ବାରମ୍ବାର ପ୍ରସାରିତ କରୋନାର ଭୟାବହତା ତଥା ଶିଶୁ ମାନଙ୍କ ମନରେ ନକରାତ୍ମକ ପ୍ରଭାବ ପକାଉଥିବା ପରି ପ୍ରଚାର ପ୍ରସାର ଠାରୁ ସେମାନଙ୍କୁ ଯଥେଷ୍ଟ ଦୁରତ୍ୱରେ ରଖାଯିବା ଆବଶ୍ୟକ।୩) କରୋନା ଏକ ସାଧାରଣ ଥଣ୍ଡା ଜନୀତ ରୋଗ,ଏଥିରେ ଅନେକ ଲୋକ ସୁସ୍ଥ ହେଉଛନ୍ତି, ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି କରି,ସାମାଜିକ ଦୁରତ୍ୱ, ବାରମ୍ବାର ହସ୍ତ ପ୍ରକ୍ଷାଳନ ତଥା ମାସ୍କ ପରିଧାନ ନିମନ୍ତେ ସଚେତନତା ସୃଷ୍ଟି କରାଇ,ସେମାନଙ୍କ ମନରୁ ଅହେତୁକ ଭୟ ଦୁର କରାଯିବା ଉଚିତ୍।୪)ପିଲାମାନଙ୍କୁ, ସେମାନେ ପାଉଥିବା ହ୍ୱାଟସ ଆପ ଏବଂ ଅନ୍‌ଲାଇନ ଶିକ୍ଷା ଗ୍ରହଣରେ ସହାୟତା ପ୍ରଦାନ କରନ୍ତୁ। ମୋବାଇଲ ବ୍ୟବହାର କରିବା ସମୟରେ ନିଜେ ଉପସ୍ଥିତ ରହିବା ଉଚିତ୍ ଶିକ୍ଷା ଗ୍ରହଣ ବ୍ୟତୀତ ଅନ୍ୟ କୌଣସି ବ୍ୟବହାର ନିମନ୍ତେ ମୋବାଇଲ ଦେବା ଅନୁଚିତ୍। ୫)ସେମାନଙ୍କର ମାନସିକ ସ୍ଥିରତା ପାଇଁ , ତାଙ୍କ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ତଥା ଯୋଗ ପ୍ରାଣାୟମରେ ଅଭ୍ୟସ୍ତ କରାଇବା ଉଚିତ୍। ନିଜେ କରି ଉଦାହରଣ ହୋଇ ତାଙ୍କୁ ପରାମର୍ଶ ଦେଲେ ଅଧିକ ଫଳପ୍ରଦ ହୋଇପାରିବ।୬) ପିଲା ମାନଙ୍କ ଅବସର ସମୟରେ ତାଙ୍କ ସହିତ ବିଭିନ୍ନ ପ୍ରକାର ଇନ୍‌ଡୋର ଗେମ୍ ରେ ସାମିଲ ହୋଇ ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ ବ୍ୟବହାର କରାଯିବା ଉଚିତ୍ ତଥା ସେମାନଙ୍କର ମନୋରଂଜନ ନିମନ୍ତେ ବିଭିନ୍ନ ପ୍ରକାର ସୃଜନାତ୍ମକ କାର୍ଯ୍ୟ ଯଥା ଚିତ୍ରାଙ୍କନ,ଛୋଟଛୋଟ ବିଜ୍ଞାନ ପରୀକ୍ଷା,ବର୍ଜ୍ୟବସ୍ତୁରୁ ବିଭିନ୍ନ ଗୃହସଜା ଉପକରଣ ପ୍ରସ୍ତୁତି ଇତ୍ୟାଦିରେ ନିୟୋଜିତ କରାଇପାରିଲେ ସେମାନେ ,ଅନେକାଂଶରେ ଅବସାଦ ମୁକ୍ତ ହୋଇପାରିବେ।୭)ଅଭିଭାବକଙ୍କ ଦୃଷ୍ଟିରେ ଯେଉଁମାନେପିଲାମାନଙ୍କର ଉତମ ସାଙ୍ଗ,ବେଳେବେଳେ ସେମାନଙ୍କ ସାଙ୍ଗରେ ମୋବାଇଲରେ ବାର୍ତାଳାପ କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ,ଯାହାକି ତାର ଭାରାକ୍ରାନ୍ତ ମନକୁ ବହୁତ

ପରିମାଣରେ ହାଲୁକା କରିବାକୁ ସକ୍ଷମ ହେବ। ୮) ସାନ୍ଧ୍ୟ ପ୍ରାର୍ଥନା ଏବଂ ଭୋଜନସମୟରେ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପିଲାଙ୍କୁ ସାମିଲ କରାଯିବା ଉଚିତ, ଏବଂ ସେହି ସମୟରେ ତାର ଦୈନନ୍ଦିନ କାର୍ଯ୍ୟର ସମୀକ୍ଷା ଏବଂ ତାର ପସନ୍ଦ ଅପସନ୍ଦର ସାଙ୍ଗସାଥୀ ଓ ଗୁରୁଜୀ ଗୁରୁମାଙ୍କ ସମ୍ପର୍କରେ ସୌହାର୍ଦ୍ଦ୍ୟପୂର୍ଣ ଆଲୋଚନା କରାଯିବା ଉଚିତ୍। ସର୍ବୋପରି କରୋନା ମହାମାରୀ ସମୟର ନିଃସଙ୍ଗତା, କୋମଳମତି ପିଲାମାନଙ୍କ ମନରେ ଯେଉଁ ପରିମାଣରେ ଭୟ ଓ ଆଶଙ୍କା ସୃଷ୍ଟିକରି ତାଙ୍କୁ ଚାପଗ୍ରସ୍ତ କରାଇଅଛି, ଅଭିଭାବକମାନେ ସମ ପରିମାଣରେ ସଚେତନ ହୋଇ ଆନ୍ତରିକ ନିଷ୍ଠାର ସହିତ, ପିଲାମାନଙ୍କ ମନକୁ ଚାପମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ନରଖିଲେ, ତାହା ଭବିଷ୍ୟତରେ ଏକ ଭୟଙ୍କର କ୍ଷତି ସୃଷ୍ଟି କରିବ ଏହା ନିଃସନ୍ଦେହ।

+ ଈଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

# ଆମ ଦେଶରେ ଶୈଶବ

**ଇଂ. ବିଦ୍ୟାଧର ପଣ୍ଡା**



ବହୁତ ବଡଲୋକଙ୍କ ଜୀବନୀରୁ ତାଙ୍କର ଶୈଶବାବସ୍ଥା ବିଷୟରେ ଆମେ ବହିରୁ ପଢିଛେ। ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ସ୍କୁଲ୍‌ରେ ପଢିଲାବେଳେ ଗଙ୍ଗାନଦୀକୁ ପହଁରିପହଁରି ଯିବାକୁ ହେଉଥିଲା। ଆମର ସପ୍ତମ ରାଷ୍ଟ୍ରପତି ଜ୍ଞାନୀ ଜୈଲ୍ ସିଂଙ୍କ ଭାଗ୍ୟରେ ମଧ ବିଧିବଦ୍ଧ ଶିକ୍ଷାପ୍ରାପ୍ତିର ସୁଯୋଗ ମିଳି ନଥିଲା ଏବଂ ଏକାଦଶ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲ୍ଲାମ ଶୈଶବଅବସ୍ଥାରେ ପାହାନ୍ତିଆରୁ ଉଠି ଘରକୁ ଘର ଖବରକାଗଜ ବାଂଟୁଥିଲେ ବୋଲି ଜାଣିଛେ। ଏସବୁ ସ୍ୱାଧୀନତା ପୂର୍ବ ଘଟଣା। ସ୍ୱାଧୀନତା ପରେ ଏବକାର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ମୋଦୀଙ୍କ ଜନ୍ମ। ସିଏ ଶୈଶବ କାଳରେ ନିଜପିତାଙ୍କୁ ଚା' ଦୋକାନରେ ସାହାଯ୍ୟ କରି ଚା ବିକିବା କଥା ସମସ୍ତେ ଜାଣିଛନ୍ତି। ଏସବୁ ଉଲ୍ଲେଖକରିବା ଉଦ୍ଦେଶ୍ୟ ହେଲା ଶିଳ ଶିଳୁପୁଆ ଯେତେବେଳେ ଗଗନେ ଉଡୁଛି ଶିମିଳିତୁଳା କଥା କିଏ ପଚ୍ଚରେ! ମୋଟାମୋଟି କହିବାକୁ ଗଲେ ଶିଶୁମାନେ ହେଲେ ଦେଶର ଭବିଷ୍ୟତ। ଶିଶୁମାନେ ଯେତେବେଳେ ସୁରକ୍ଷିତ ନୁହଁନ୍ତି ତେବେ ଦେଶର ଭବିଷ୍ୟତ କେତେ ସୁରକ୍ଷିତ? ଏଠି ପାଂଚବର୍ଷର ଶିଶୁକନ୍ୟାଟିଏ ବଳତ୍କାରର ଶିକାର ହେଉଛି। ଦୁଇମାସର ସନ୍ତାନକୁ ପିତାମାତା ତିରିଶହଜାର ଟଙ୍କା ବଦଳରେ ଅପରିଚିତ ହାତରେ ଟେକିଦେଇ ଭୁଲିଯାଉଛନ୍ତି। ଲକ୍ଷଲକ୍ଷ ଶିଶୁ ରାସ୍ତାକଡ ଢାବା ହୋଟେଲଗୁଡିକରେ ଥାଳିମାଜିବା, ପିଆଜରସୁଣ ଚୋପା ଛଡେଇବା, ଟେବୁଲ ପୋଛା ମାରିବା ଆଦିକାମ ସମସ୍ତଙ୍କ ସାମ୍ନାରେ କରୁଛନ୍ତି। ଆଉରି ଲକ୍ଷଲକ୍ଷ ଶିଶୁ ଖେଳଣା, ଦିଆସିଲି, ଅଗରବତି, ବିଡି ଓ ବାଣ ପରି ବିପଦସଂକୁଳ କଳ କାରଖାନାମାନଙ୍କରେ କାମକରି ନିଜ ରୋଜଗାରରେ ପେଟପୋଷି ପରିବାର ଚଳଉଛନ୍ତି। ତାଙ୍କ ଭିତରୁ କେତେଜଣ କ୍ରୀତଦାସ ପରି ସାରା ଜୀବନପାଇଁ ବିକ୍ରି ହୋଇଯାଇଥିବା କଥା ମଧ ଶୁଣିବାକୁ ମିଳେ। ଏହାର କ'ଣ ଅନ୍ତ ନାହିଁ। ଆମଦେଶର ଶିଶୁମାନଙ୍କ ଶୈଶବାବସ୍ଥା କ'ଣ ଅନନ୍ତକାଳ ପର୍ଯ୍ୟନ୍ତ ଏମିତି ଦୟନୀୟ ହୋଇ ରହିଥିବ! ସେଦିନ ସେ ଚାରିଜଣ ଶିଶୁମାନଙ୍କୁ ତାଙ୍କର ଜନ୍ମକଲା ମାଆ ଦ୍ୱାରା ପ୍ରତାଡିତ ହେବାର ଦେଖି ହୃଦୟ ବିଷାଦଗ୍ରସ୍ତ ହୋଇଯାଇଥିଲା। ସାଂପ୍ରତିକ ପରିସ୍ଥିତି ପାଇଁ ଦାୟି କିଏ?

ରେଳଧାରଣାକୁ ଏପଟରୁ ସେପଟକୁ ପାରିହେବା ପାଇଁ ଗଢାଯାଇଥିବା ପାଦଚଲା ଉଠାପୋଲ ମଝିପାହାଚରେ ମା'ଟିଏ କୋଳରେ ବର୍ଷକର ଲଙ୍ଗଳାଛୁଆଟିକୁ ଧରି କ୍ଷୀର ଖୋଉଥାଏ। ମଝିପାହାଚରୁ ତଳକୁତଳ ତିନି ପାହାଚରେ ମା'କୁ ପଛକରି ବସିଥାନ୍ତି ଆଉ ତିନୋଟି ଛୁଆ। କଅଁଳାଛୁଆକୁ କ୍ଷୀର ଖୋଉଥିବା ମା' ଟି ତା'ଆଗରେ ବସିଥିବା ସେହି ତିନୋଟି ଛୁଆର ଜନନୀ ବୋଲି ମୁହଁ ଦେଖିଲେ ସହଜରେ ଅନୁମାନ କରିହେଉଥାଏ। ଟିକିଏ ପରେ ମା'ର ଆଗସାମ୍ନା ତଳପାହାଚରୁ ବଡଝିଅ ଉଠି ମା' ଆଡକୁ ପଛକରି ଛିଡାହେଲା। ମା'ଟି କଅଁଳାଛୁଆ ମୁହଁରୁ ନିଜର ବାଁସ୍ତନ କାଢି ଡାହାଣ ପଟସ୍ତନର ଅଗ୍ରଭାଗକୁ ଗେିଦେଇ ନିଜହାତରେ ନିଜପାଦରୁ ଚପଲଖୋଲି ସାମ୍ନାରେ ଦଣ୍ଡାୟମାନ ଝିଅର ପିଠିରେ ସେହି ଚପଲରେ ଦୁଇଚାପୁଡା ମାଇଲା। ଝିଅଟିର ବୟସ ନଅ କି ଦଶ ଭିତରେ ହେବ। ଉଁ ନାହିଁ କି ଚୁଁ ନାହିଁ। ନୁଖୁରାବାଳ ଜଟାକୁ ଦେଖି ଅନୁମାନ କରିହେବ ଯେ କେଇମାସ ହେଲା ତେଲହାତ ବାଜିନି। ପେଟ ଓ କାନ୍ଧପାଖରେ ଛିଣ୍ଡି ଯାଇଥିବା ମଇଳା ପୋଷାକ ପିନ୍ଧି ଧିରସ୍ଥିର ଭାବରେ ମା' ସାମ୍ନାରେ ଝିଅଟି ଛିଡା ହୋଇଥାଏ। ଏଥର ମା' ସେହି ଝିଅର ବାଁ କଙ୍କାଳକୁ ଚପଲରେ ଥରେ ଏବଂ ଡାହାଣ କଙ୍କାଳକୁ ଚପଲରେ ଦୁଇ ତିନିଥର ଜୋରଜୋରରେ ପ୍ରହାର କରିବାରୁ ଆଖିରୁ ଲୁହ ବାହାରିଆସିଲା। ଝିଅଟି ଧିରେଧିରେ ପାହାଚ ତଳକୁ ଓହ୍ଲାଇ ପ୍ଲାଟ୍‌ଫର୍ମରେ ଅପେକ୍ଷା କରୁଥିବା ଯାତ୍ରୀମାନଙ୍କୁ ଭିକ୍ଷା ଉଦ୍ଦେଶ୍ୟରେ ହାତ ପତେଇପତେଇ ମୋ ଆଖିର ପରିସୀମା ଭିତରୁ କେଇମିନିଟ୍‌ରେ ଅଦୃଶ୍ୟ ହୋଇଗଲା। ତାପରେ ମୋ ଆଖି ଫେରିଲା ପୁଣିଥରେ ସେହି ନର୍ଦ୍ଦୟ ମା' ପାଖକୁ। ଏଥର ସେହିଝିଅଟିର ପଛରେ ଜନ୍ମ ହୋଇଥିବା ପାଂଚ ଛଅବର୍ଷର ପୁଅର ପାଳି। ସିଏ ସେମିତି ବଡ ଭଉଣୀପରି ମା' ସାମ୍ନାରେ ମା' ଆଡକୁ ପଛକରି ଛିଡାହେଲା। ମା' ତାକୁ ପାଖରେ ରଖିଥିବା ଗୋଟିଏ ତେନ୍ତୁଳି ଛାଟରେ ଚାରିପାହାର ଦେଲାପରେ ପଚାରିଲା, 'ହେଲା?'- 'ନା'। ଏଥର ମା'ର ପୂରାବଳ ଖର୍ଚ୍ଚକରି ଆଖିବୁଜା ଆଉ ଚାରି ଛଅ ଛାଟ ପଡିଲାରୁ ଆଖିରୁ ଲୁହ ବାହାରିଗଲା ପରେ ସିଏ ତଳକୁ ଦୌଡି ଯାତ୍ରୀମାନଙ୍କୁ ଭିକ୍ଷା ମାଗିବାକୁ ଲାଗିଲା। ତା ପଛକୁ ସବାଶେଷରେ ଏବେ ଦୁଇବର୍ଷରୁ ତିନିବର୍ଷ ବୟସ୍କ ଝିଅ ଭାଇଭଉଣୀ ପରି ଆପେଆପେ ମା' ଆଗରେ ଯାଇ ପଛକରି ଛିଡାହେଲା। ମା' ଅଂଟାରେ ଖୋସିଥିବା ପିନ୍ଧାଲୁଗାର ନାହିତଳ ଖୋସଣୀରୁ ସଫଳପୁଡିଆ ଦୁଇଟା ବାହାରକରି ଦାନ୍ତରେ ଛିଣ୍ଡେଇ ପାଟିରେ ପକେଇ କିଛିସମୟ ଆଖିବୁଜିଲା। ସଫଳଗୁଟୁକାର ନିଶା ଜିଭଦେଇ ମସ୍ତିଷ୍କରେ ପଶିଗଲା ପରେ ଆଖିଖୋଲି ଚପଲରେ ତା ପିଠିକୁ ଆଗ ଦୁଇପାହାର ଦେଲା। ଦୁଇ ତିନିବର୍ଷର ଝିଅପିଲା। ବଡପିଲାଙ୍କ ପରି ମାଡ କୁଆଡୁ ସହିବ! ଧିରେଧିରେ ଚପଲ ପାହାରର ବେଗ ତୀବ୍ରକଲା। ଦଶ ବାର ପାହାର ଦେଲା ପରେ ମା କୁନିଝିଅକୁ କହିଲା, ଦେଖି ବୁଲିଲୁ? କୁନିଝିଅଟି ପଛକୁ ମୁହଁ ବୁଲେଇ ମା' ଆଖି ସାଙ୍ଗରେ ଆଖି ମିଶେଇଲା। ତା ପରେ ଦେ ଦନାଦନ କରି ତେନ୍ତୁଳିଛାଟରେ ପିଚ୍ଚଉପରୁ ଫ୍ରକଟେକି କଷି ଦେଇଗଲା। ଏଥର ଝିଅ ଆଖିରୁ ଲୁହ ବାହାରିଲା ପରେ ସିଏ ସିଧା ମୋ ପାଖକୁ ଆସି ମୋ ଆଣ୍ଠୁଉପର ଗୋଡ ପାଖରେ ଟିପ ଗେିଗେି ହାତ ପତେଇ ପଇସା ମାଗିଲା। ଉଚ୍ଚତା ଅଢେଇଫୁଟ। ତଳକୁ ଚାହିଁ ଦେଖିଲି କଜଳମିଶା ଆଖିଲୁହ ଦୁଇଧାର ନାକକଡ ଦେଇ ଗାଲତଳକୁ ବୋହିଆସି ଶୁଖିଯାଇଥାଏ। କାହାର ବହୁତ ଢିଲା ସାର୍ଟଟିଏ ହ୍ୟାଙ୍ଗରରେ ଲଟକିଲା ପରି ଝିଅଟିଦେହରେ ଝୁଲୁଥାଏ, ତଳେ ବୋଧେ ଆଉକିଛି ଅନ୍ତର୍ବସ୍ତ୍ର ପନ୍ଧିନଥାଏ । କୋଡିଏ ମିନଟ୍ ହେଲା ମା' ଛୁଆଙ୍କର ଏମିତି ଅଦ୍ଭୁତ ଖେଳକୁ ଲକ୍ଷ୍ୟ କରୁଥିବାରୁ ଝିଅଟି ପ୍ରତି ଦୟା ହେଲା। ତୁରନ୍ତ ମନିପର୍ସରୁ ଦଶଟଙ୍କିଆ ନୋଟ୍‌ଟିଏ କାଢି ତା ଆଡକୁ ଦେବାପାଇଁ ଗଲାବେଳେ ସେ ମୋ ହାତରୁ ସେହି ନୋଟ୍‌ଟି ଝାମ୍ପିନେଇ ମା' ପାଖକୁ ଦୌଡିଲା। ତା ହାତରେ ଦଶଟଙ୍କା ଗେି ତା ମୁହଁ ପାଖକୁ ନିଜ ଗାଲ ଦେଖେଇଲା। ମା ତା ଗାଲରେ ଚୁମ୍ମାଟିଏ ଦେବାପରେ ପୁଣିଥରେ ପ୍ଲାଟଫର୍ମରେ ଅନ୍ୟଯାତ୍ରୀଙ୍କ ପାଖରେ ପହଁଚି ଭିକ୍ଷା ମାଗିବାକୁ ଲାଗିଲା।

ଏ ଦୃଶ୍ୟ ମୋତେ ବହୁତ ଆଶ୍ଚର୍ଯ୍ୟ କରୁଥାଏ। ମୁଁ ଟିକେଟ ଖିଡିକିଆଗରେ ଧାଡିରେ ଛିଡାହୋଇ ଏକ ଲୁହାଜାଲି ଭିତର ଦେଇ ଏ ଦୃଶ୍ୟ ଦେଖୁଥାଏ। ଏଥର ନିଜେ ମା ସେହି ମଝିପାହାଚରୁ ଉଠି ଛିଡାହେଲା। ଟିକେଟ ଖିଡିକିରେ ଧାଡିଦେଇଥିବା ସମସ୍ତଲୋକଙ୍କୁ ପଛରୁ ମାଗିମାଗି ଆଗକୁ ଅସିଲା। ମୁଁ ସେ ମା'କୁ ବି ପାଂଚଟଙ୍କା ଦେଲି। କ୍ଷୀର ପିଇପିଇ ଛୁଆଟି ବୋଧେ ତା ବେକରୁ ଓହଳିଥିବା ଶାଢୀଝୁଲାରେ ଛାଇନିଦରେ ଘୁମାଉଥାଏ। ସ୍ତ୍ରୀ ଲୋକଟି ମୋ ଆଗରେ ଥିବା ଭଦ୍ରବ୍ୟକ୍ତିଙ୍କୁ ଦୁଇତିନିଥର 'ବାବୁ , ବାବୁ' ବୋଲି ଡାକିଲା। ସେ ବାବୁଜଣକ ଆରପଟକୁ ମୁହଁ ବୁଲେଇ ଅନ୍ୟମନସ୍କ ହେଲା ପରି ତା ଡାକ ଶୁଣୁନଥିଲେ। ମା'ଟି ତୁରନ୍ତ ତା ନଖରେ ଛୁଆଜଙ୍ଘକୁ ଜୋରରେ ଚିମୁଟି ଦେବାରୁ ଛୁଆଟି ଭେଁ ଭେଁ ରଡିକରି କାନ୍ଦିବାକୁ ଲାଗିଲା। ବାବୁଜଣକ ଛୁଆ କାନ୍ଦଶୁଣି ମା' ଆଡକୁ ଫଟ୍‌କିନି ମୁହଁ ଫେରେଇ ଦୁଇଟଙ୍କିଆ ମୁଦ୍ରାଟିଏ ତା ହାତରେ ଧରେଇ ଦେଲେ। ସେହି ଟିକେଟ ଖିଡିକି ସାମ୍ନାଧାଡିରୁ ମା'ଟିର ଭିକ୍ଷା ଆମଦାନି ଶହେଟଙ୍କା ଉପରେ ହେବ। ଟିକେଟ କିଣିବା ପାଇଁ ମୋ ପାଳି ଆଉ ଦୁଇଜଣକ ପରେ ଆସିବ। ମା' ଟି ଭିକ ମାଗିମାଗି ପ୍ଲାଟ୍‌ଫର୍ମ ଭିତରେ ହଜିଗଲା। ମୁଁ ଟିକେଟ କିଣିସାରିବା ପରେ ସେହି ମା'ଟିକୁ ମୋ ଆଖି ଖୋଜିଲା। ପ୍ଲାଟଫର୍ମ ସାରା ଦୃଷ୍ଟି ପହଁରେଇ ଦେଖିଲି ଗୋଟିଏ ବରଗଛ ଚଉତରା ଉପରେ ସ୍ତ୍ରୀ ଲୋକଟି ବସିଛି। ଚାଲଚାଲ ହୋଇ ତା ପାଖକୁ ଯାଇ ଟିକିଏ ଦୂରରେ ଛିଡାହୋଇ ତାକୁ ଲକ୍ଷ୍ୟକଲି। ପ୍ରଥମେ ସବାସାନ ଝିଅଟି ଦୌଡିଦୌଡି ମା' ପାଖକୁ ଆସି ତା ଛିଣ୍ଡାପୋଷାକ ପକେଟରୁ ଦୁଇଟଙ୍କିଆ ଓ ପାଂଚଟଙ୍କିଆ ଅଁଜାଏ ମା' ସାମ୍ନାରେ ଢାଳିଦେଇ ସେହି ଚବୁତରା ଉପରେ ବସିଲା। ମା'ଟି ଟଙ୍କିକିଆ, ଦୁଇଟଙ୍କିଆ ଓ ପାଂଚଟଙ୍କିଆ ଅଲଗାଅଲଗା ଗଦାକରି ଗଣି ନିଜମୁଣିରେ ଗୋଟିଗୋଟି କରି ପୁରେଇଲା। ତାପରେ ଜଣ ଜଣ କରି ମା' ପାଖକୁ ବଡଝିଅ ଓ ପୁଅ ଭିକ୍ଷାବୃତ୍ତି ସାରି ପହଁଚିଲେ। ସମସ୍ତେ ମାଗି ଆଣିଥିବା ପାଇସାକୁ ମା' ଆଗରେ କୁଢେଇ ଦେଇ କିଛି ପାଉଁରୁଟି ଧରି ପାଣିନଳ ପାଖକୁ ଯାଇ ଜଳଖିଆ କାମ ସାରି ମା' ପାଖକୁ ଫେରି ସେହି ବରଗଛ ଛାଇ ଚବୁତରାରେ ଲମ୍ବିଗଲେ। ମୁହଁସଂଜ ହେଲାରୁ ଦରବୁଢା ଦାଢିଆ ଅପରିଷ୍କାର ଲୋକଟାଏ ଆସି ସେହି ସ୍ତ୍ରୀଲୋକ ପାଖରେ ଗେିହୋଇ ବସିଲା।(କ୍ରମଶଃ)

+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
bdpanda1@gmail.com

# କୁର୍ତ୍ତି ସହ ପିନ୍ଧନ୍ତୁ ଜିନ୍ସ



ଜିନ୍ସର ଫ୍ୟାଶନ୍ ଦିନକୁ ଦିନ ବଢ଼ି ଚାଲିଛି । ଏହାକୁ କ୍ରପଟପ୍ ସହିତ, ଶର୍ଟସ ସହ ମଧ୍ୟ ପିନ୍ଧିପାରିବେ । ଆଜିକାଲି କୁର୍ତ୍ତି ସହିତ ଜିନ୍ସ ପିନ୍ଧିବାର ଫ୍ୟାଶନ୍ ଚାଲିଛି । ଏହି ଲୁକ୍‌ରେ କେବଳ ପାଣ ଷ୍ଟାଇଲିଷ୍ଟ ଦେଖାଯିବା ସହ କୁଲ ମଧ୍ୟ ଲାଗିବେ । ଯଦି ନିଜର ପସନ୍ଦୀୟ କୁର୍ତ୍ତି ସହିତ ଜିନ୍ସ ପିନ୍ଧିବାକୁ ଚାହୁଁଛନ୍ତି ତେବେ ଜାଣନ୍ତୁ ଏ ସମ୍ପର୍କରେ କୋଟୋଟି ଟିପ୍ସ... ।

**ଅନାରକଲୀ କୁର୍ତ୍ତି:**
ଏହି କୁର୍ତ୍ତି ସହ ଆପଣ ଲେଗିନ୍ସ ସହ ମଧ୍ୟ ଡେନିମ କଲର ଜିନ୍ସ ପିନ୍ଧିପାରିବେ ।

**ଫ୍ଲୋରାଲ କୁର୍ତ୍ତା:-**
ଫୁଲର ଡିଜାଇନ୍ ଥିବା କୁର୍ତ୍ତିର ଏବେ ଟ୍ରେଣ୍ଡ ଚାଲିଛି । ଏହାକୁ ଯଦି ଆପଣ ଜିନ୍ସ ସହ ପିନ୍ଧୁଥାନ୍ତି ତେବେ ଆପଣଙ୍କ ପର୍ସନାଲିଟି ଦ୍ୱିଗୁଣିତ ହୋଇଯିବ ।

**ଡିଜାଇନର କୁର୍ତ୍ତା:-**
ଡିଜାଇନ କୁର୍ତ୍ତି ସହ ଜିନ୍ସ ପିନ୍ଧିଲେ ଆପଣଙ୍କୁ ଏହା ପରଫେକ୍ଟ ଲୁକ୍ ଦେବ । ଏହାଦ୍ୱାରା ସମସ୍ତଙ୍କ ନଜର ଆପଣଙ୍କ ଉପରେ ରହିବ ।



**କଲର ଥିବା କୁର୍ତ୍ତି:-**
କଲର ଥିବା କୁର୍ତ୍ତି ସହ ଆପଣ ଗଲ୍କୁକୁ ମଧ୍ୟ କ୍ୟାରି କରିପାରିବେ । ଯାହାଦ୍ୱାରା ଆପଣ ବହୁତ କୁଲ ଏବଂ ସେକ୍ସି ଦେଖାଯିବେ ।

# ବୁଟ୍ କିଣିବା ବେଳେ ଧ୍ୟାନ ଦିଅନ୍ତୁ



ବୁଟ୍‌ର ଚାହିଦା ଦିନକୁ ଦିନ ବେଶ୍ ବଢ଼ିବା ସହ ଏହାର ଅନେକ ଭେରାଇଟି ମଧ୍ୟ ବଜାରରେ ଉପଲବ୍ଧ । ଯଦି ଆପଣ ବି ବୁଟ୍ କିଣିବାକୁ ଚାହୁଁଛନ୍ତି, ତେବେ ଏଥିରେ ଶୀଘ୍ରତା ପରିପ୍ରକାଶ କରନ୍ତୁ ନାହିଁ । ନିଜର ଶାରୀରିକ ଆରାମକୁ ନଜରରେ ରଖି ଜୋତା ପସନ୍ଦ କରନ୍ତୁ । ତା ସହିତ ଧ୍ୟାନ ରଖନ୍ତୁ ଯେପରି ସେହି ଜୋତା ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାରରେ ଆସିବ । ଯଦି ଆପଣ ପ୍ରଥମଥର ଜୋତା କିଣୁଛନ୍ତି, ତେବେ କିଛି କ୍ଲାସି ରଙ୍ଗର ଜୋତା ଚୟନ କରନ୍ତୁ । ଯେପରି ବ୍ଲାଉନ୍, କଳା ଆଦି ରଙ୍ଗ ଚୟନ କରି ପାରିବେ । ଏଭଳି ବୁଟ୍ ସବୁପ୍ରକାର ଡ୍ରେସ୍ ସହିତ ମ୍ୟାଚ କରିବ ।

ଯଦି ଆପଣ ବୁଟ୍ କିଣିବାକୁ ଯାଉଛନ୍ତି, ତେବେ ଗୋଟିଏ କଥା ପ୍ରତି ଧ୍ୟାନ ଦେବା ଉଚିତ୍ । ପ୍ରତିଦିନ ବ୍ୟବହାର କରୁଥିବା ଚପଲ ସହିତ ବୁଟ୍ ସମାନ ସାଇଜର ହୋଇନଥାଏ । ସେଥିପାଇଁ ବୁଟ୍ କିଣିବା ବେଳେ ମୋଜା ପରିଧାନ କରିବାକୁ ଭୁଲନ୍ତୁ ନାହିଁ । ଯାହାଫଳରେ ପାଦ ମଇଳା ହେବନାହିଁ । ଆଉ ଏକ କଥା ପ୍ରତି ନିଶ୍ଚୟ ଧ୍ୟାନ ଦେବେ ବୁଟ୍ କିଣିବାକୁ ଯାଉଥିବା ବେଳେ ଆପଣଙ୍କ ଗୋଡ ନଖ କାଟିବା ଉଚିତ୍ ।



# ଉପକାରୀ ଆମ୍ବ



ଆମ୍ବ ଓ ହଳଦୀକୁ କ୍ଷୀରରେ ମିଶାଇ ପେଷ୍ଟକରି ଫେସ ପ୍ୟାକ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଚେହେରାରେ ଏକ ଅପୂର୍ବ ଉଜ୍ଜ୍ୱଳତା ଆସିଥାଏ।

- କଞ୍ଚା ଆମ୍ବକୁ ସିଝାଇ ତାକୁ ଦେହରେ ଘଷିଲେ ଦେହରେ ମଧ୍ୟ ଉଜ୍ଜ୍ୱଳତା ଆସେ।
- ଆମ୍ବ ଟାକୁଆକୁ କ୍ଷୀରରେ ସିଝାଇ ମୁଣ୍ଡରେ ଲଗାଇଲେ ରୂପି ଦୂର ହୋଇଥାଏ।
- ଆମ୍ବ ପତ୍ର ଓ ଜାମୁପତ୍ରକୁ ଏକାଠି ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହୋଇଥାଏ।
- ଆମ୍ବରେ ଭିଟାମିନ-ଏ ଭରପୁର ମାତ୍ରାରେ ରହିଥାଏ। ତେଣୁ ଏହାର ଜୁସ ପିଇଲେ ତ୍ୱଚାର ଚମକ ବଢ଼ିଥାଏ।

# କୁଣ୍ଡରେ କାକୁଡ଼ି ଲଗାନ୍ତୁ



ଛାତ ଉପରେ ବ ଖରା ପଡୁଥିବା ବାଲ୍‌କୋନିରେ କୁଣ୍ଡରେ କାକୁଡ଼ି ଚାଷ କରନ୍ତୁ । ଏଥି ପାଇଁ ପ୍ରଥମେ ଉପଯୁକ୍ତ କିସମର ବିହନ ସଂଗ୍ରହ କରନ୍ତୁ । ତେବେ, ଚାରା ପୋତିବା ଅଧିକ ଉତ୍ତମ । କୁଣ୍ଡରେ ଉପଚାର ହୋଇଥିବା ମାଟି, ଜୈବ ଖତ ଓ ପିଟ୍ ମସ୍ ଭଲ ଭାବେ ମିଶାଇ, ଚାରା ପୋତନ୍ତୁ । କୁଣ୍ଡର ଗଭୀରତା ଆଠ ଇଞ୍ଚ ଏବଂ ମୁହଁର ଚଉଡ଼ା ବାର ଇଞ୍ଚ ରହିବା ଆବଶ୍ୟକ । କାକୁଡ଼ି ଅଧିକ ପାଣି ଲୋଡ଼େ । ତେବେ, ପାଣି ଜମିରହିଲେ ବିପଦ । ତେଣୁ, ଅଧିକ ପାଣି ବହିଯିବା ଲାଗି କୁଣ୍ଡରେ ଛିଦ୍ର ରହିବା ଦରକାର ।

# ଘରୋଇ ସାନିଟାଇଜର

ଟିଭିରେ ପ୍ରସାରିତ ହେଉଥିବା ବିଜ୍ଞାପନ ତଥା ଡାକ୍ତରଙ୍କ ସ୍ୱାସ୍ଥ୍ୟ ସଚେତନତା ମନ୍ତ୍ରରେ ହାତକୁ ସାବୁନ୍‌ରେ ପାଖାପାଖି ୨୦ସେକେଣ୍ଡ ପର୍ଯ୍ୟନ୍ତ ଧୋଇବା ଆବଶ୍ୟକ ବୋଲି କୁହାଯାଉଛି । କିନ୍ତୁ ବେଳେ ଏମିତି ବି ହୁଏ ହାତ ଧୋଇବା ପାଇଁ ସାବୁନ୍ ପାଖରେ ନଥାଏ ତ ଆଉ କେତେବେଳେ ପରିଶ୍ରମ କରି ଗାଧୁଆ ଘରକୁ ଯାଇ ସାବୁନ୍‌ରେ ହାତ ଧୋଇବାକୁ କଷ୍ଟ ଲାଗେ । ଯାହାଫଳରେ ହାତରେ ଜୀବାଣୁ ରହିଯାଏ । ସେଥିପାଇଁ ସବୁନର ବିକଳ୍ପ ଭାବେ ଲୋକମାନେ ସାନିଟାଇଜର ବ୍ୟବହାର କରୁଛନ୍ତି ।






ସାନିଟାଇଜରର ଗୋଟିଏ ବୁନ୍ଦାରେ ହାତ ନିମିଶକରେ ସଫା ହୋଇଯିବ । କିନ୍ତୁ କେବେ ଭାବିଛନ୍ତି ଆପଣ ବ୍ୟବହାର କରୁଥିବା ସାନିଟାଇଜର କେତେ ସୁରକ୍ଷିତ ?

ବିଶେଷଜ୍ଞଙ୍କ ମତରେ ଅଧିକ ସମୟ ପର୍ଯ୍ୟନ୍ତ ସାନିଟାଇଜର ବ୍ୟବହାର କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ହ୍ୟାଣ୍ଡ ସାନିଟାଇଜର ସମ୍ବନ୍ଧିତ ଉତ୍ପାଦାନରେ ଟ୍ରକଲୋଜନ୍ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଭଲ ନୁହେଁ। ସାଇନିଟାଇଜର ଅଧିକ ବ୍ୟବହାର ଫଳରେ ବ୍ୟାକ୍ଟେରିୟା ଉପରେ ଏହାର ପ୍ରଭାବ କମ୍ ହେବାକୁ ଲାଗେ । ସେଥିପାଇଁ ବଜାରେ ମିଳୁଥିବା ସାନିଟାଇଜର୍ ବ୍ୟବହାର ଫଳରେ ବ୍ୟାକ୍ଟେରିୟା ଉପରେ ଏହାର ପ୍ରଭାବ କମ୍ ହେବାକୁ ଲାଗେ । ସେଥିପାଇଁ ବଜାରରେ ମିଳୁଥିବା ସାନିଟାଇଜର ବ୍ୟବହାର ନକରି ଏହାକୁ ଘରେ ପ୍ରସ୍ତୁତ କରିପାରିବେ ।




**ଡାଲଚିନି ଓ ଲବଙ୍ଗ ଯୁକ୍ତ ସାନିଟାଇଜର**

ଉଭୟ ଡାଲଚିନି ଓ ଲବଙ୍ଗ ଆଣ୍ଟିବ୍ୟାକ୍ଟେରିଆଲ ଓ ଆଣ୍‌ଟକଟିସେପ୍ଟିକ୍ ବିଶେଷତା ଥାଏ । ଏହି ସାନିଟାଇଜରକୁ ବନାଇବା ପାଇଁ ଏକ କପ୍ ପାଣିକୁ ଫୁଟାଇ ଥଣ୍ଡା କରିଦିଅନ୍ତୁ । ସେଥିରେ ଦୁଇ ଚାମଚ ରବିଂ ଆଲକହଲ(ସର୍ଜିକାଲ ସ୍ପିରିଟ୍) ଓ ଭିଟାମିନ - ଇ ଅଏଲ ପାକାଇ ଭଲଭାବରେ ମିଶାନ୍ତୁ । ସେହି ମିଶ୍ରଣରେ ଏକ ଚାମଚ ଡାଲଚିନି ଗୁଣ୍ଡ ଓ ଲବଙ୍ଗ ଗୁଣ୍ଡ ପକାନ୍ତୁ । ସବୁ ସାମଗ୍ରୀକୁ ଭଲଭାବରେ ମିଶାଇ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ସାନିଟାଇଜର ।

**ଏଲୋଭେରା ସାନିଟାଇଜର**

ଏଲୋଭେରା (ଘିକୁଆଁରୀ) ଗେଲରେ ଆଣ୍ଟି ବ୍ୟାକ୍ଟେରିଆଲ ବିଶେଷତା ଥାଏ । ଏହା ତ୍ୱଚାକୁ ନରମ ଓ କୋମଳ ରଖିଥାଏ। ଏଲୋଭେରା ସାନିଟାଇଜର ବନାଇବା ପାଇଁ ଏକକପ୍ ପାଣିକୁ ଫୁଟାଇ ଥଣ୍ଡା କରିଦିଅନ୍ତୁ । ସେଥିରେ ଏକ ଚାମଚ ମିଟାମିନ୍-ଇ ଅଏଲ ମିଶାଇ ଏକ ଚାମଚ ଆଲୋଭେରା ଜେଲ ପକାନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ସାନିଟାଇଜର । ଯଦି ଆପଣଙ୍କ ଆଲୋଭେରା ସାନିଟାଇଜରକୁ ସୁଗନ୍ଧିତ କରିବାକୁ ଚାହୁଁଛନ୍ତି ତେବେ ସେଥିରେ କିଛି ରୋଜମେରୀ ତେଲ ମିଶାଇ ପାରନ୍ତି ।

**ୟୁକାଲିପଟାସ ଅଏଲ ସାନିଟାଇଜର**

ଘରେ ପ୍ରସ୍ତୁତ କରାଯାଇ ପାରୁଥିବା ଅତି ସହଜ ଓ ସାଧାରଣ ସାନିଟାଇଜର ହେଉଛି ଏଇଟା । ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ କପ୍ ପାଣିକୁ ଫୁଟାଇ ଥଣ୍ଡା କରିଦିଅନ୍ତୁ । ସେଥିରେ ଦୁଇ ଚାମଚ ସର୍ଜିକାଲ ସ୍ପିରିଟ୍ ଓ ଭିଟାମିନ୍-ଇ ଅଏଲ ପକାଇ ଭଲଭାବେରେ ମିଶାନ୍ତୁ । ସେହି ମିଶ୍ରଣରେ ପାଞ୍ଚରୁ ଛଅ ବୁନ୍ଦା ୟୁକାଲିପଟାସ ଅଏଲ ଓ ଲବଙ୍ଗ ତେଲ ମିଶାନ୍ତୁ । ଏବେ ଏହି ମିଶ୍ରଣକୁ ଭଲରେ ମିଶାଇ ସ୍ପ୍ରେ ବୋତଲରେ ରଖନ୍ତୁ।

**ଅର୍ଗାନ୍ ଅଏଲ ହ୍ୟାଣ୍ଡ ସାନିଟାଇଜର**

ହାତରୁ ଝାଳ ବାହାରିବା ସମସ୍ୟା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଥାଏ । ବିଶେଷକରି ଖରା ଦିନେ ଅର୍ଗାନ୍ ସାନିଟାଇଜର ବେଶ ଲାଭକାରୀ ହେବ । ଏହାକୁ ବନାଇବା ପାଇଁ ଫୁଟା ପାଣିକୁ ଥଣ୍ଡା କରି ସେଥିରେ ସର୍ଜିକାଲ ସ୍ପିରିଟ୍, ଅଧା ଚାମଚ ଭିଟାମିନ୍-ଇ ଅଏଲ, ଆଠରୁ ଦଶ ବୁନ୍ଦା ଅର୍ଗାନ୍ ଅଏଲ ଓ ଅଧା ଚାମଚ ଆଲୋଭେରା ଜେଲ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ ।

# ଲିପଷ୍ଟିକ୍ ବ୍ୟବହାର କରିବେ କେମିତି ?

ଆପଣଙ୍କ ପାଖରେ ମେକଅପ୍ ରିମୁଭର ନାହିଁ । ହେଲେ ଓଠରୁ ଲିପଷ୍ଟିକ୍ ଛଡ଼େଇବାକୁ ଚାହାନ୍ତି । ଏ କ୍ଷେତ୍ରରେ ଲିପବାମ୍ କାମରେ ଆସିବ । ଯେକୌଣସି ଲିପବାମ୍ ନେଇ ଓଠରେ ମସାଜ କରନ୍ତୁ । ଏହାପରେ ଏକ ଟିସୁ ପେପରରେ ଭଲ କରି ପୋଛି ଦିଅନ୍ତୁ । ପୋଛିବା ପରେ ପୁଣି ଥରେ ସେହିଭଳି କରନ୍ତୁ । ଦେଖିବେ ଅତି ସହଜରେ ଓଠରୁ ଲିପଷ୍ଟିକ୍ ଛାଡ଼ିଯିବ। ଆପଣଙ୍କ ପାଖରେ କାରାଲ ରାଙ୍ଗର ଲିପଷ୍ଟିକ୍ ନଥିଲେ, ପ୍ରଥମେ କମଳା ରଙ୍ଗର ଲିପଷ୍ଟିକ୍ ଲଗାଇ ତା ଉପରେ ଆପଣଙ୍କ ଚେହେରାକୁ ମାନୁଥିବା ଭଳି କୌଣସି ମଧ୍ୟମ ଶେଡର ଲିପଷ୍ଟିକ୍ ଲଗାଇ ଦିଅନ୍ତୁ । ଅଧିକ ସମୟରେ ଆମେ ଏମିତି ଲିପଷ୍ଟିକ୍ କିଣିଥାଉ ଯାହା ଅଧିକ ଫିକା ହୋଇଥାଏ । ଆମ ତ୍ୱଚାକୁ ଖାପ ପଖାଇବାରୁ ରହି ନଷ୍ଟ ହୋଇଥାଏ । ଏବେ ଠାରୁ ଆଉ ନଷ୍ଟ କରନ୍ତୁ ନାହିଁ । ଫିକା ରଙ୍ଗର ଲିପଷ୍ଟକ୍ ଲଗାଇ ତା ଉପରେ ବ୍ରାଉନ୍ ରଙ୍ଗର ଲିପ୍ ଲାଇନରେ ହାଲକା ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିବ । ଆଉ ଆପଣଙ୍କ ଲିପଷ୍ଟିକ୍ ନଷ୍ଟ ହେବ ନାହିଁ । ଅଧିକାଂଶ ମହିଳା ପ୍ରଥମେ ଲାଇନର ଲଗାଇ ତା ପରେ ଲିପଷ୍ଟିକ୍ ଲଗାଇଥାନ୍ତି । ଏହିପରି ଲଗାଇବା ପରେ ଯଦି ଆଉଥରେ ଲିପଷ୍ଟିକ୍ ଉପରେ ହାଲକା ଲିପଲାଇନର୍ ସାହାଯ୍ୟରେ ଆଉଟ୍ ଲାଇନ୍ ଦେବେ ତା ହେଲେ ସେଣ୍ଟର ଏରିଆ ଭଲ ଭାବେ ହାଇଲାଇଯଡ୍ ହେବା ସହିତ ଅଧିକ ସୁନ୍ଦର ଲାଗିବ ।





# ସମ୍ଭବ ହେବ ସ୍କିନ୍ କ୍ୟାନ୍ସର ଚିକିତ୍ସା

ତ୍ୱଚାର କର୍କଟ ରୋଗର ସମସ୍ୟାକୁ ଲାଘବ କରିବାକୁ ନେଇ ଏବେ ନୂତନ ଟେକ୍ନୋଲଜି ଆସିଛି । ଏବେ ହର୍ପିଲ ଜୀବାଣୁ ସାହାଯ୍ୟରେ କେନେଟିକ୍ ତ୍ୱଚା କର୍କଟ ଚିକିତ୍ସାରେ ସଫଳତା ମିଳିଛି । ବିଶେଷଜ୍ଞମାନେ ଆଶା ରଖିଛନ୍ତି ଯେ, ଏହି ଅନୁସନ୍ଧାନ ପରେ ତ୍ୱଚା କର୍କଟରେ ଶେଷ ପର୍ଯ୍ୟୟ ପହଞ୍ଚିଥିବା ଲୋକମାନଙ୍କୁ ବି ଜୀବନ ବଞ୍ଚାଯାଇ ପାରିବ । ଏହି ବିଷାଣୁକୁ ବ୍ରିଟେନର ସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ କ୍ୟାନ୍ସର ରିସର୍ଚ୍ଚ ଏବଂ ଦି ଭୟାଲ ମାର୍ହେସନ ହସପିଟାଲର ସଂଯୁକ୍ତ ରିସର୍ଭରେ ପ୍ରସ୍ତୁତ କରାଯାଇଛି । ରିସର୍ଚ୍ଚବର୍ତ୍ତୀ କେବି ହେରିଙ୍ଗଟନ କହିଛନ୍ତି କି ବିଶ୍ୱର ୬୪ କ୍ୟାନ୍ସର ସଂସ୍ଥାମାନଙ୍କରେ ଏହା କ୍ଲିନିକାଲି ଟ୍ରାଏଲ ହୋଇଗଲାଣି ।



# ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପୁରୀ ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୨୬।୮ (ନି.ପ୍ର): ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀ ସଂଜୟ କୁମାର ଦାସବର୍ମା ପୁରୀ ଜିଲ୍ଲାରେ ଜଳସଂପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ହାଇଲେଭେଲ୍ ବ୍ରିଜ୍ ଓ ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରତାପପୁରୁଷୋତମପୁର ଗ୍ରାମ ପଂଚାୟତ ଅଧୀନସ୍ଥ ମାଳିସାହି ଭାର୍ଗବୀ ନଦୀ ଉପରେ ଏକ ବେଲିବ୍ରିଜ ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି । ଏହି କାର୍ଯ୍ୟଟି ଓଡ଼ିଶା କନ୍ଷ୍ଟ୍ରକସନ୍ କର୍ପୋରେସନ୍ ଦ୍ୱାରା ସଂପାଦିତ ହେବ । ଏହି ବ୍ରିଜ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଉପାଧ୍ୟକ୍ଷ ଶ୍ରୀ ଦାସବର୍ମା ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଧରଣୀକୁଦି ଗ୍ରାମ ପଂଚାୟତର ସାଉଥ୍ କଣିଆଠାରେ ହାଇଲେଭେଲ୍ ବ୍ରିଜ୍, କପିଳେଶ୍ୱରପୁର ଗ୍ରାମ ପଂଚାୟତର ତିନିକୁଦିଠାରେ ଭାର୍ଗବୀ ନଦୀ ଉପରେ ଏବଂ କପିଳେଶ୍ୱରପୁର ଗ୍ରାମ ପଂଚାୟତର ପଥରପଦାଠାରେ ହେବାକୁ ଥିବା ହାଇଲେଭେଲ୍ ବ୍ରିଜ୍ ଏବଂ କନ୍ଦପଡ଼ା ଗ୍ରାମ ପଂଚାୟତର ନିଖିଳଗୋବିନ୍ଦପୁର ମଝିପଡ଼ା ରୋଡ୍ ଠାରେ ଲୁଣାନଦୀ ଉପରେ ନିର୍ମାଣ ହେବାକୁ ଥିବା ହାଇଲେଭେଲ୍ ବ୍ରିଜ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏସବୁର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ୟ ନୂଆ ଜଗନ୍ନାଥ ସଡ଼କଠାରୁ ଚୁରାଳି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟ ଯନ୍ତ୍ରୀ, ବନ୍ୟା ନିୟନ୍ତ୍ରଣ ଓ ଅବବାହିକା ପରିଚାଳନା, ଲୋୟର ମହାନଦୀ ବେସିନ୍, ଅଧୀକ୍ଷଣ ଯନ୍ତ୍ରୀ, କେନ୍ଦ୍ରୀୟ ଜଳସେଚନ ସର୍କଲ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପୁରୀ ଇରିଗେସନ୍ ଡିଭିଜନ୍ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପେଟ୍ରୋଲିୟମ ମନ୍ତ୍ରଣାଳୟର ୨୫ଟି ବୃହତ ପ୍ରକଳ୍ପର ଅଗ୍ରଗତି ନେଇ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

# ଅର୍ଥନୀତିର ପୁନଃଉଦ୍ଧାର ପାଇଁ ଯୁଦ୍ଧକାଳୀନଭିତିରେ କାମ କରୁଛି ପେଟ୍ରୋଲିୟମ ବିଭାଗ - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୬।୮ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଦେଶରେ ତୈଳ ଓ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କ୍ରିୟାନ୍ୱିତ ହେଉଥିବା ବିଭିନ୍ନ ୨୫ଟି ବୃହତ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ତୈଳ ଏବଂ ଗ୍ୟାସ ଶିଳ୍ପ ଦେଶର ଅର୍ଥନୀତିର ପୁନଃଉଦ୍ଧାର ପାଇଁ ମଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେବା ସହ ଯୁଦ୍ଧକାଳୀନ ଭିତ୍ତିରେ କାମ କରୁଛନ୍ତି ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନଙ୍କ ସମୀକ୍ଷାରୁ ଜଣାପଡିଛି ଯେ ଓଡିଶାର ପାରାଦୀପ ରିଫାଇନାରୀରେ ଚାଲୁଥିବା ୫୬୫୪ କୋଟି ପ୍ରକଳ୍ପ ବିଶିଷ୍ଟ ଇଥାଲିନ୍ ଗ୍ଲାଇକଲରେ ଚଳିତବର୍ଷ ସୁଦ୍ଧା ୩୪୬ କୋଟି ଖର୍ଚ୍ଚ ହୋଇଛି । ସେହିପରି ୩୩୩୮ କୋଟିର ପାରାଦୀପ- ହାଇଦ୍ରାବାଦ ପାଇପଲାଇନ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ୨୦୦ କୋଟି, ପାରାଦୀପରେ ଏଲପିଜି ଆମଦାନୀର ସୁବିଧା ପ୍ରକଳ୍ପର ମୂଲ୍ୟ ୬୯୦ କୋଟି ରହିଛି ଓ ଏହି ପ୍ରକଳ୍ପରେ ଏବେ ସୁଦ୍ଧା ୨୭ କୋଟି ଖର୍ଚ୍ଚ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷାରୁ ଜଣାପଡିଛି । ଏହି ଅବସରରେ ସେ କହିଛନ୍ତି ପେଟ୍ରୋଲିୟମ ମନ୍ତ୍ରଣାଳୟ ସଙ୍କଟକୁ ସୁଯୋଗରେ ପରିଣତ କରିପାରିଛି ଏବଂ ଏହି କ୍ଷେତ୍ରର ଅଭିବୃଦ୍ଧି ତଥା ନିଯୁକ୍ତି ସଯୋଗ ସୃଷ୍ଟି କରିବା ଦିଗରେ ମିଶନ ମୋଡରେ କାମ କରୁଛନ୍ତି । ଚଳିତବର୍ଷ ଏପ୍ରିଲ ୨୦ ଠାରୁ କୋଭିଡ୍ ନିୟମର ପାଳନ କରି ତୈଳ ଓ ଗ୍ୟାସ ଶିଳ୍ପ ଗୁଡିକ ଦେଶରେ ୮ ହଜାର ୩୬୩ଟି ପ୍ରକଳ୍ପର କାର୍ଯ୍ୟ ପୁନର୍ବାର ଆରମ୍ଭ କରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୫.୮୮ ଲକ୍ଷ କୋଟି ଟଙ୍କା ହେବ । ସେହିପରି ଦେଶରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନରେ କ୍ରିୟାନ୍ୱିତ ହେଉଥିବା ଏହି ୨୫ଟି ବୃହତ ପ୍ରକଳ୍ପର ଆନୁମାନିକ ମୂଲ୍ୟ ୧, ୬୭,୨୪୮ କୋଟି ଟଙ୍କା ରହିଛି ଓ ୭୬,୫୬,୮୨୫ ଶ୍ରମ ଦିବସ ସୃଷ୍ଟି କରିପାରିଛି । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପ୍ରକଳ୍ପ ଗୁଡ଼ିକର ଆନୁମାନିକ ମୂଲ୍ୟରୁ ୧.୨୦ ଲକ୍ଷ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଥିଲା । ଏଥିରୁ ୧୫ ଅଗଷ୍ଟ ୨୦୨୦ ସୁଦ୍ଧା ୨୬ ହଜାର ୫୭୬ କୋଟି ମୂଲ୍ୟର ପୁଞ୍ଜିନିବେଶ ହାସଲ କରିଛି । ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ତୈଳ ଓ ଗ୍ୟାସ କମ୍ପାନୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ୨୪ କୋଟି ଶ୍ରମ ଦିବସ ସୃଷ୍ଟି କରି ନିଯୁକ୍ତି ଯୋଗାଇଦେବାର ସମ୍ଭଳ ରଖିଛି । ଏହି ଅର୍ଥ ନିବେଶ ସୃଷ୍ଟି କରିବ ଏବଂ ଦେଶର ଅର୍ଥନୀତିର ପୁନରୁଦ୍ଧାର କରିବା ସହ ଦେଶରେ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ । ସୂଚନାଯୋଗ୍ୟ, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ରିଫାଇନାରୀ ପ୍ରକଳ୍ପ, ଜୈବ ରିଫାଇନାରୀ, ଅନ୍ୱେଷଣ ଓ ଉତ୍ପାଦନ ପ୍ରକଳ୍ପ, ବଜାର ଭିତ୍ତିଭୂମି ପ୍ରକଳ୍ପ, ପାଇପଲାଇନ, ସିଟି ଗ୍ୟାସ ବିତରଣ(ସିଜିଡ଼ି) ପ୍ରକଳ୍ପ ଭଳି ଅନେକ ଜଏଣ୍ଟ ଭେନଚର୍ ପ୍ରକଳ୍ପ ଗୁଡ଼ିକର ଶ୍ରୀ ପ୍ରଧାନ ସମୀକ୍ଷା କରିଥିଲେ । ଓଡିଶାର ଉପରୋକ୍ତ ପ୍ରକଳ୍ପ ସମେତ ଦେଶରେ ଚାଲୁଥିବା ପ୍ରକଳ୍ପର ସମୀକ୍ଷା ପେଟ୍ରୋଲିୟମ ମନ୍ତ୍ରଣାଳୟର ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା କରାଯାଇଥିଲା । ସମୀକ୍ଷାରୁ ଜଣାପଡିଛି ଯେ ଦେଶରେ ପେଟ୍ରୋଲିୟମ ବିଭାଗ ଅଧୀନରେ କ୍ରିୟାନ୍ୱିତ ହେଉଥିବା ୨୨,୯୦୦ କୋଟିର ପିଲି ଆଡିସନ ପ୍ରକଳ୍ପର ଏବେ ସୁଦ୍ଧା ଖର୍ଚ୍ଚ ହୋଇଛି ୧୭୦୯ କୋଟି, ରାଜସ୍ଥାନ ରିଫାଇନାରୀ ଏବଂ ପେଟ୍ରୋକେମିକାଲ ଲିମିଟେଡ୍‌ର ମୂଲ୍ୟ ୪୩,୧୨୯ ରହିଥିବା ବେଳେ ଖର୍ଚ୍ଚ ହୋଇଛି ୯୪୭ କୋଟି , ୨୬୫୯ କୋଟିର ପର୍ଶ୍ଚିମ ଅଫସୋର ବେସିନରେ ଏକ୍ସପ୍ଲାଟୋରି ଡ୍ରିଲିଂ ପ୍ରକଳ୍ପରେ ଖର୍ଚ୍ଚ ୭୪୨ କୋଟି, ୨୬୨୬୪ କୋଟିର ବିକାଶ ବିଶୋଧନାଗାର ଅତ୍ୟାଧୁନିକ କାରଖାନା ପ୍ରକଳ୍ପରେ ଖର୍ଚ୍ଚ ୬୮୫ କୋଟି, ଏନ୍ନର-ଥିରୁଭାଲପୁରବେଙ୍ଗାଲୁରୁ-ପୁରୁଚେରି-ନାଗାପାଟିନମ-ମୁଦୁରାଇ-ଟୁଟିକୋରିନ ପ୍ରାକୃତିକ ଗ୍ୟାସ ପ୍ରକଳ୍ପର ମୂଲ୍ୟ ୬୦୨୫ କୋଟି ରହିଥିବା ବେଳେ ୫୭୧ କୋଟି ଖର୍ଚ୍ଚ ହୋଇଛି । ସେହିପରି ମୁମ୍ବାଇରେ ଡ୍ରିଲିଂ ଡେଭଲପମେଂଟରେ ୧୫୧୬ କୋଟି ଟଙ୍କା ପ୍ରକଳ୍ପରେ ୫୧୪ କୋଟି ଖର୍ଚ୍ଚ ହୋଇଛି, ନିଲମ ଏବଂ ହିରା ଆସେଟରେ ଡ୍ରିଲିଂ ବିକାଶରେ ୧୩୨୫ କୋଟି ପ୍ରକଳ୍ପରେ ୪୮୮ କୋଟି ଖର୍ଚ୍ଚ ହୋଇଛି, ୩୬୯୬ କୋଟିର ୩୦'କ୍ରୁଡ୍ ଅଏଲ ପାଇପଲାଇନ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ୩୧୩ କୋଟି , ୫,୯୦୯ କୋଟିର କୋଚି କୋଟ୍ଟାନଡ୍ ବାଙ୍ଗାଲୋର-ମାଙ୍ଗାଲୋର ପ୍ରକଳ୍ପରେ ଖର୍ଚ୍ଚ ୩୦୦ କୋଟି, ୨୪୦୯ କୋଟିର ମୁମ୍ବାଇ ହାଇ ସାଉଥ ରି-ଡେଭଲପମେଂଟ୍ ଫେଜ୍-୪ ପ୍ରକଳ୍ପରେ ଖର୍ଚ୍ଚ ୧୯୯ କୋଟି, ୩୨୮୯ କୋଟିର କୋଚି ରିଫାଇନାରୀରେ ଥିବା ମୋଟର ସ୍ପିରିଟ୍ ବ୍ଲକ ପ୍ରକଳ୍ପରେ ଖର୍ଚ୍ଚ ୧୪୬ କୋଟି, ୫୨୪୬ କୋଟି ଟଙ୍କାର କୋଚି ଠାରେ ପ୍ରପଲିନ୍ ଡେରିଭେଟିଭ୍ ପେଟ୍ରୋକେମିକାଲ୍ ପ୍ରକଳ୍ପରେ ଖର୍ଚ୍ଚ ୧୦୯ କୋଟି, ୫୦୬୦ କୋଟିର ମୁମ୍ବାଇ ରିଫାଇନାରୀ ସଂପ୍ରସାରଣ ପ୍ରକଳ୍ପରେ ଖର୍ଚ୍ଚ ୧୦୩ କୋଟି, ୬୫୩ କୋଟିର ନାଡୁଆ ପୂର୍ବ ଖାଗୋରିଜାନ ପ୍ରକଳ୍ପରେ ଖର୍ଚ୍ଚ ୭୮ କୋଟି, ୧୮୧୦ କୋଟିର ବିଏସ-୬ ପ୍ରକଳ୍ପରେ ଖର୍ଚ୍ଚ ୭୩ କୋଟି, ୨୨୮୩ କୋଟିର ଲାଇଫ ଏକ୍ସଟେନଶନ ଅଫ୍ ୱେଲ ପ୍ଲାଟଫର୍ମରେ ଖର୍ଚ୍ଚ ୭୨ କୋଟି, ୨୪୩୩ କୋଟିର ଧୋବି ଦୁର୍ଗାପୁର-ପାଇପଲାଇନ ପ୍ରକଳ୍ପରେ ଖର୍ଚ୍ଚ ୫୮ କୋଟି, ସିପିସିଏଲର ବିଏସ-୬ର ପ୍ରକଳ୍ପ ମୂଲ୍ୟ ୧୮୫୮ କୋଟି ଓ ଖର୍ଚ୍ଚ ହୋଇଛି ୫୧ କୋଟି, ଆଇଓସିଏଲ ଦ୍ୱାରା ୧୬୩୬ କୋଟିର ପାନୀପଥ ରିଫାଇନାରୀ ଠାରେ ଏନସିୟୁ (ଫେଜ୍୧)ର ସଂପ୍ରସାରଣ ପ୍ରକଳ୍ପରେ ଖର୍ଚ୍ଚ ୫୧ କୋଟି, ଏନଆରଏଲ ଦ୍ୱାରା ଆସାମ ଠାରେ ୧୭୫୦ କୋଟିର ଟୁଜି ଇଥାନଲ ପ୍ଲାଂଟରେ ଖର୍ଚ୍ଚ ୪୫ କୋଟି, ୯୦୬ କୋଟିରେ ଗୁଜୁରାଟ ରିଫାଇନାରୀରେ ଭିତିଭୂମିର ବିକାଶ ଓ କୋୟାଲି ଅହମ୍ମଦନଗର ସୋଲାପୁର ପାଇପଲାଇନ ପ୍ରକଳ୍ପରେ ଖର୍ଚ୍ଚ ୨୪ କୋଟି, ୧୪,୮୧୦ କୋଟିର ବାରାଉଣି ରିଫାଇନାରୀର କ୍ଷମତା ସଂପ୍ରସାରଣରେ ଖର୍ଚ୍ଚ ୧୦ କୋଟି ହୋଇଥିବା ବୋଲି କେନ୍ଦ୍ରମନ୍ତ୍ରୀ କରିଥିବା ମୋଟ ୨୫ଟି ବୃହତ ପ୍ରକଳ୍ପର ସମୀକ୍ଷାରୁ ଜଣାପଡିଛି ।

# ମୁଖ୍ୟ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାକୁ ପକ୍କା ରାସ୍ତାରେ ନିର୍ମାଣ ପାଇଁ ଅଂଚଳବାସୀ ଙ୍କ ପକ୍ଷରୁ ଦାବି

ଭଦ୍ରକ, ୨୬/୮ (ହି.ସ.) - ସରକାର ମୁଖ୍ୟ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ନିର୍ମାଣ ପାଇଁ ସର୍ବାଗ୍ରେ ଉଦ୍ୟମ କରିଛନ୍ତି । ହେଲେ ଦୀର୍ଘ ବର୍ଷ ହେବ ଜିରିଣା ଠାରୁ ଆଡ଼ିଆ ପର୍ଯ୍ୟନ୍ତ ଏକ କିମି ରାସ୍ତା ସୁଚାରୁ ରୁପେ ସଂପାଦିତ ହୋଇନଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କ ସହ ୫ଗୋଟି ଗ୍ରାମର ଗ୍ରାମବାସୀ ମାନେ ଯାତାୟତରେ ନାନା ସସ୍ୟାରେ ସମ୍ମୁଖିନ ହୋଇଥିବାର ଅଭିଯୋଗ ହେଉଛି । ବନ୍ତ ବ୍ଲକ ଜିରିଣା ଠାରୁ ଆଡ଼ିଆ ପର୍ଯ୍ୟନ୍ତ ଏକ କିମି ରାସ୍ତା ଦୀର୍ଘ ବର୍ଷ ହେବ ଅଧାପନ୍ତରିଆ ଭାବେ ପଡ଼ିଥିବାରୁ ଏହା ଅଂଚଳବାସୀଙ୍କ ପାଇଁ ସମସ୍ୟା ରୁପେ ଦେଖାଦେଇଥିଲା । ଏହି ରାସ୍ତା ଉକ୍ତ ଅଂଚଳ ପାଇଁ ମୁଖ୍ୟରାସ୍ତା ହୋଇଥିବାରୁ ଲୋକମାନଙ୍କର ଅଭିଯୋଗକୁ ନେଇ ଗଣ ମାଧ୍ୟମରେ ପ୍ରକାଶ ପାଇଥିଲା । ପରେ ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ଏହି ରାସ୍ତାରେ ମାଟି ଓ ମୋରମ ପକାଇ ଏହାକୁ ନିର୍ମାଣ କରାଯାଇଥିଲା । ହେଲେ ଉକ୍ତ ରାସ୍ତା ଧାନକ୍ଷେତ ର ମଧ୍ୟମ ସ୍ଥଳରେ ଗତି କରିଥିବାରୁ ଲଘୁଚାପ ବର୍ଷା ସହ ଚାଷ ଜମିର ଜଳ ଚଳପ୍ରଚଳକରି ଉକ୍ତ ରାସ୍ତାରେ ଘାଇମାନ ସୃଷ୍ଟିହୋଇଛି । ଏହି ରାସ୍ତା ଆଡ଼ିଆ ,କାଦବାରଙ୍ଗ ଓ ଆଗରପଡ଼ା ଆଦିକୁ ସଂଯୋଗ କରିଥିବାରୁ , ଗମନା ଗମନ ର ସୁବିଧା ପାଇଁ ଏହି ରାସ୍ତା କୁ ନିଜର ଦୈନନ୍ଦିନ ରାସ୍ତା ଭାବେ ଗ୍ରହଣ କରି ଜିରିଣା, ନିମଗଡିଆ, ବରଗଡିଆ, ନଳିତାଗଡିଆ, ବାହାଦଲପୁର ଆଦି ଗ୍ରାମରୁ ଶତାଧିକ ଗ୍ରାମବାସୀମାନେ ଆଡ଼ିଆ ପଂଚାୟତ କାର୍ଯ୍ୟାଳୟ କୁ ରାସନ ସମାଗ୍ରୀ ସହ ବିଭିନ୍ନ କାମ ପାଇଁ ଉକ୍ତ କାର୍ଯ୍ୟାଳୟକୁ ଯାଇଥାନ୍ତି । ହେଲେ ବର୍ଷାଋତୁରେ ଉକ୍ତ ରାସ୍ତା ର କେତେକ ଅଂଶ ବୁଡ଼ିଯିବା ସହ ତାହା ମଧ୍ୟ ପାଣିକାଦୁଅରେ ଭରପୁର ହୋଉଛି । ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କର ଯାତାୟତର ସୁବିଧା ପାଇଁ ଉକ୍ତ କଚ୍ଚା ରାସ୍ତାକୁ ସ୍ଥାୟୀ ପକ୍କାରାସ୍ତାରେ ପରିବର୍ତ୍ତନ କରିବାକୁ ଅଂଚଳବାସୀଙ୍କ ପକ୍ଷରୁ ହେଉଛି ଦାବି ।

# ଧର୍ମଶାଳାର ଡଙ୍କାରୀ ଓ ରାହାଡପୁର ପାହାଡ ନିଲାମ ନେଇ ଜନଶୁଣାଣି ଶିବିର

ଧର୍ମଶାଳା,୨୬।୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧିନସ୍ଥ ରାହାଡପୁର ଓ ଡଙ୍କାରୀ ପାହାଡର କଳାପଥର ଖାଦାନ ନିଲାମ ନେଇ ମଙ୍ଗଳବାର ଦିନ ଏକ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । କୋଭିଡ ନିୟମ ଅନୁଯାୟୀ ସାମାଜିକ ଦୁରତ୍ୱ ଓ ମାକ୍ସ ପରିଧାନ କରି ମହିଶରା ପଂଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଯାଜପୁର ଏଡିଏମ ଅକ୍ଷୟ କୁମାର ମଲିକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଆଂଚଳିକ ପ୍ରଦୁ୍ୟଷଣ ବୋର୍ଡର ଅଧିକାରୀ ପ୍ରମୋଦ ବେହେରା, ପରିବେଶ ମଞ୍ଜୁରୀ ବୋର୍ଡ କଲ୍ୟାଣୀ ଲାବ୍ରୋଟାରିର ଦେବାଶିଷ ବିଶ୍ୱାଳଙ୍କ ଉପସ୍ଥିତିରେ ଏହି ଜନଶୁଣାଣୀରେ ସାମିଲ ହୋଇଥିଲା । ଡଙ୍କାରୀ ଓ ରାହାଡପୁର କଳାପଥର ଖାଦାନକୁ ନିଲାମ କରିବା ନିମନ୍ତେ ଏକ ଜନଶୁଣାଣି କରିବା ନେଇ ସ୍ଥାନୀୟ ଲୋକମାନଙ୍କୁ ପୁର୍ବରୁ ଅବଗତ କରାଯାଇଥିଲା । ତେବେ ଆଜି ପ୍ରତିକୁଳ ପାଗ ସତ୍ୱେ ସ୍ଥାନୀୟ ଡଙ୍କାରୀ, ରମ୍ଭେଇ,ରାହାଡପୁର ଓ ମହିଶରା ଆଦି ଗ୍ରାମର ବହୁଲୋକମାନେ ଉପସ୍ଥିତ ରହି ନିଜ ନିଜ ମତ ଦେଇଥିଲେ । ସୂଚନା ଯୋଗ୍ୟ ଯେ ଡଙ୍କାରୀ ଓ ରାହାଡପୁର କଳପଥର ପାହାଡରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିବା ବେଳେ ପଥର ଉତୋଳନ ଉପରେ ରୋକ ଲଗାଯାଇଛି । ଏହିଅଂଚଳର କଳାପଥର ଖାଦାନ ବନ୍ଦ ରହିବା ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ସ୍ଥାନୀୟ ଅଂଚଳର ଲୋକମାନେ ରୋଜଗାର ହରାଇ ବସିଛନ୍ତି । ଏବେ କୋଭିଟ ପାଇଁ ଲୋକମାନଙ୍କ ଅର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ବିଭିନ୍ନ ରାସ୍ତା ଘାଟର ନିର୍ମାଣ ପାଇଁ ଆବଶ୍ୟକ କଳାପଥର ଯୋଗଇଦେବା ନିମନ୍ତେ ଏହି ଖାଦାନ ଗୁଡିକୁ ଚଳାଇବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଛି । ଖାଦାନ ଗୁଡିକ ଚାଲିବା ଫଳରେ ଲୋକେ ରୋଜଗାର ପାଇବା ସହିତ ସରକାର ରାଜସ୍ୱ ପାଇବେ । ଅନ୍ୟପଟେ ଚୋରିକୁ ମଧ୍ୟ ରୋକାଯାଇ ପାରିବ । ଯାହାକୁ ନେଇ ଏହି ଖାଦାନ ଗୁଡିକୁ ନିଲାମ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯିବା ସହ ସ୍ଥାନୀୟ ଲୋକମାନଙ୍କ ଆପତି ଅଭିଯୋଗ ଶୁଣାଣି କରିବା ଲାଗି ପ୍ରଶାସନ ପକ୍ଷରୁ ଏହି ଜନ ଶୁଣାଣି ତାରିଖ ଧାର୍ଯ୍ୟ କରାଯାଇଥିଲା । ଆଜି ବିଶେଷ କରି ରାହାଡପୁର ପାହାଡର କ୍ଲଷ୍ଟର ୭ରେଥିବା ୧୨ ଗୋଟି ଖାଦାନ ଓ ଡଙ୍କାରୀ ପାହାଡର କ୍ଲଷ୍ଟର ୫ରେଥିବା ୨୪ ଗୋଟି ଖାଦାନ ନିଲାମ ନିମନ୍ତେ ଏହି ଜନଶୁଣାଣୀ ହୋଇଥିଲା । ଏହି ଜନଶୁଣାଣି ସକାରତ୍ମକ ହୋଇଥିବା ପ୍ରସାସନ ପକ୍ଷରୁ କୁହାଯାଇଛି । ଲୋକମାନଙ୍କର ହିତକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଂଚଳରେ ପରିବେଶ, ସ୍ୱାସ୍ଥ୍ୟ,ଗମନାଗମନ ଓ ପାନୀୟ ଜଳର ବ୍ୟବସ୍ଥାକୁ ସୁଚାର ରୁପେ କରାଇବାକୁ ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ତେବେ ଆଗାମୀ ଦିନରେ ଉପରୋକ୍ତ ଖାଦାନ ଗୁଡିକ ନିଲାମ କରିବା ପାଇଁ ଏକ ପ୍ରକାର ପଥ ପରିଷ୍କାର ହୋଇଥିବା ଜଣାଯାଇଛି । ଅନ୍ୟପଟେ ଆଜି ଦିନତମାମ ବର୍ଷା ଲାଗିରହିଥିବାରୁ ଅନେକ ଏହି ଜନଶୁଣାଣିରେ ଯୋଗ ଦେଇ ପାରିନଥିଲେ । ତେଣୁ ଯାହାର ଯାହା ଅଭିଯୋଗ ରହିଛି ସେମାନେ ଆସନ୍ତା ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଅନଲାଇନ କିମ୍ବା ତହସିଲଦାରଙ୍କୁ ଦେଖାକରି ନିଜର ଆପତି ଅଭିଯୋଗ ଜଣାଇ ପାରିବେ ବୋଲି ତହସିଲଦାର ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

## ସ୍ୱଚ୍ଛ ପରିବେଶ କରୋନା ଓ ଦୁର୍ବିପାକ ରୋକିପାରିବ ; ବିଧାୟକ ଧ୍ରୁବ ସାହୁ

ପଟ୍ଟାମୁଣ୍ଡାଇ,୨୬।୮ (ନି.ପ୍ର): ପରିବେଶ ସୁରକ୍ଷା ଅଭାବରୁ ସଦାସର୍ବଦା ପ୍ରାକୃତିକ ଦୁର୍ବିପାକ ଲାଗିରହିଛି । ସାଂପ୍ରତିକ ସମୟରେ ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ମଣିଷ ହିଁ ପ୍ରାକୃତିକ ଦୁର୍ବିପାକ ଓ କରୋନାକୁ ରୋକିପାରିବ ବୋଲି ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଚାଂୟତରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ବେହେରା, ସରପଚଂ ପ୍ରଫୁଲ୍ଲ ତରାଇ, ଯୁବନେତା ସ୍ୱପ୍ନରଞ୍ଜନ ବେହେରା, ପଚାଂୟତ ନିର୍ବାହୀ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ ।

# କରୋନା ଆକ୍ରାନ୍ତ ମହିଳାଙ୍କୁ ରାସ୍ତାରେ ଶୁଆଇ ରାସ୍ତାରୋକ

ଭଦ୍ରକ, ୨୬/୮ (ହି.ସ.) - ଏହି ଜିଲାର ବାସୁଦେବପୁର-ଧାମରା ରାସ୍ତାର ବାଲିମୁଣ୍ଡା ବଜାର ନିକଟରେ ଜଣେ କରୋନା ଆକ୍ରାନ୍ତ ମହିଳାଙ୍କୁ ରାସ୍ତାରେ ଶୁଆଇ ପରିବାର ଲୋକେ ରାସ୍ତା ଅବରୋଧ କରିଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରାପ୍ତ ଖବର ମୂଳେ ଏହି ଜିଲାର ବାସୁଦେବପୁର ବ୍ଲକ୍ ବାଲିମୁଣ୍ଡା ଗ୍ରାମପ ।ୟତର ନନ୍ଦପାଟଣା ଗ୍ରାମର ଜଣେ ମହିଳା କୌଣସି ରୋଗଗ୍ରସ୍ତ ହୋଇ ଅସ୍ତ୍ରୋପଚାର ପାଇଁ କଟକର ଏକ ଡାକ୍ତରଖାନାକୁ ଯାଇଥିଲେ । ଏଥିପୂର୍ବରୁ ସେ କରୋନା ଜନିତ ଟେଷ୍ଟ କରିଥିଲେ । ଏହି ରିପୋର୍ଟରେ ପଜେଟିଭ୍ ଆସିବା ପରେ ସେ ଘରକୁ ଫେରିବା ପରେ ଗ୍ରାମବାସୀମାନେ ଗ୍ରାମ ମଧ୍ୟକୁ ପ୍ରବେଶ କରିବାକୁ ଦେଇନଥିଲେ । ଫଳରେ ତାଙ୍କ ପରିବାର ଲୋକେ ବାଲିମୁଣ୍ଡା ବଜାର ନିକଟରେ ସଂପୃକ୍ତ ମହିଳାଙ୍କୁ ରାସ୍ତାରେ ଶୁଆଇ ଅଭିନବ ଭାବେ ପ୍ରତିବାଦ କରିଥିଲେ । ଯେଉଁଥିପାଇଁ ଧାମରା-ବାସୁଦେବପୁର ଯୋଗାଯୋଗ ବାଧାପ୍ରାପ୍ତ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା । ପରବର୍ତ୍ତୀ ସମୟରେ ନାୟକାଣୀଡିହି ଥାନା ପୁଲିସ୍ ଓ ସ୍ଥାନୀୟ ସରପଂଚଙ୍କ ପ୍ରତିନିଧି ତପନ କୁମାର ଭୂୟାଁ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ବୁଝାସୁଝା କରିବା ପରେ ଉକ୍ତ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା । ଏହି ଖବର ଲେଖାହେବା ବେଳକୁ ସଂପୃକ୍ତ ମହିଳା ଜଣକ ବାଲିମୁଣ୍ଡାର ଏକ ସାଇକେଲ ଷ୍ଟାଣ୍ଡ ତଳେ ରହିବା ପରେ ସରପଂଚଙ୍କ ପ୍ରତିନିଧିଙ୍କ ଦାୟିତ୍ୱରେ ରହି ପରବର୍ତ୍ତୀ ସମୟରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ହେପାଜତରେ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର ହୋଇଥିଲେ । ତେବେ ଦିନ ୨.୩୦ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ମହିଳା ଜଣକୁ କଟକ ପଠାନଯିବାର ଘଟଣା ପ୍ରଶାସନର ଅପାରଗତାକୁ ପଦାରେ ପକାଇଥିଲା ।

# ଭୁବନ ସିଏଚସି ରେ ୯୪ ଜଣ ଆଂଟିଜେନ ଟେଷ୍ଟିଂ କଲେ

ଭୁବନ,୨୬।୮ (ନି.ପ୍ର) :ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୯୪ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୪୦୦ ରେ ପହଁଚିଥିବାରୁ ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ଆଂଟିଜେନ ଟେଷ୍ଟ ପାଇଁ ଆଗ୍ରହ ପ୍ରକାଶ କରି ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି । ଆଜି ୯୪ ଜଣ ଆଂଟିଜେନ ଟେଷ୍ଟ କରିଥିଲେ । ଲ୍ୟାବ ଟେକ୍ନିସିଆନ (କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ ।

# ହୃଦଘାତରେ ପକାରୀ କ୍ରାଣ୍ତିବାଲି ପଂଚାୟତ ନିର୍ବାହୀ ଅଧିକାରୀଙ୍କ ଦେହାନ୍ତ

କନ୍ଧମାଳ,୨୬।୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପକାରି ଓ କ୍ରାଣ୍ତିବାଲି ପଂଚାୟତରେ ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଭାବେ କାର୍ଯ୍ୟକରୁଥିବା ଜୋସେବ ପ୍ରଧାନଙ୍କ ଇତି ମଧ୍ୟରେ ହୃଦଘାତରେ ଦେହାନ୍ତ ଘଟିଥିବା ବେଳେ ତାଙ୍କର ସ୍ମୃତି ଉଦ୍ଦେଶ୍ୟଞ୍ଚରେ ଆଜି ବ୍ଲକ ପରିସରରେ ଏକ ଶୋଭସଭା ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠି ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧାଞ୍ଜଳୀ ସଭାରେ ଫଂଚାୟତ ସମିତି ଅଧକ୍ଷ ଲାଲନନ୍ଦା ପ୍ରଧାନ , ଜିପିଓ ରବିନ୍ଦ୍ର କୁମାର ବେହେରା , ସହକର୍ମି ସୁକାନ୍ତ ପଟ୍ଟନାୟକ, ଜଗନ୍ନାଥ ରଣା , ସୁଧିର କୁମାର ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ କନିଷ୍ଟ ଜନ୍ତ୍ରୀ ସ୍ମିତାରାଣୀ ସ୍ୱାଇଁ , ଲିଙ୍ଗରାଜ ପାତ୍ର, ସୁନିଲ କୁମାର ପାତ୍ର , ହିସାବ ରକ୍ଷକ ଅନୁଗ୍ରହ ସଚିନ ଜାତେ , ଜିତେନ୍ଦ୍ର ଆଚାର୍ଯ୍ୟ, ଏପିଓ ସୁମନ୍ତ କୁମାର ଉଥାନ ସିଂ , ଜିଆରଏସ ଗୌରଚନ୍ଦ୍ର କହଁର , ରାକେଶ କୁମାର ପଣ୍ଡା ଙ୍କ ସହ ସମସ୍ତ ଜନ୍ତ୍ରୀ କିରାଣୀ ସମସ୍ତ ଗ୍ରାମରୋଜଗାର ସେବକ ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରି ସାମିଲ୍ ହୋଇ ୨ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ । ଏହି ବଅସରରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱର୍ଗତ ପ୍ରଧାନଙ୍କ ଶୋକସନ୍ତପ୍ତ ପରିବାରକୁ ଶାନ୍ତନା ଦିଆଯାଇଛି । ସ୍ୱର୍ଗତ ଯୋଶେବ ପ୍ରଧାନ ଦିର୍ଘ ସାତବର୍ଷ ଧରି ଫିରିଙ୍ଗିଆ ବ୍ଲକ ଅଧିନରେ ଥିବା ବିଭିନ୍ନ ପଚଂାତୟରେ କାର୍ଯ୍ୟନିର୍ବାହି ଅଧିକାରୀ ଭାବରେ କାର୍ଯ୍ୟକରିଆସୁଥିଲେ । ଆଠ ବର୍ଷ ମଧ୍ୟରେ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ଜନମାନସରେ ବେସ ଆଦୃତି ଲାଭକରିବା ସହ ସେ ଜଣେ ମେଳାପି ଓ ମିଷ୍ଟଭାସି ବ୍ୟକ୍ତିଥିଲେ । ମହାମାରି କୋରେନା ମୁକାବିଲା ପାଇଁ ସେ ବ୍ଲକ ପ୍ରଶାସନ ତରଫରୁ ପ୍ରଶଂଶିତ ମଧ୍ୟ ହୋଇଥିଲେ । ତାଙ୍କର ଆକାଳ ବିୟୋଗରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମଧ୍ୟ ଶୋକବ୍ୟକ୍ତ କରିବା ସହିତ ସମଗ୍ର ଅ ଳରେ ଶୋକରଛାୟା କେଳି ଯାଇଛି ।

# ଜିଲ୍ଲାପାଳଙ୍କ ପିଏ ମୃତ୍ୟୁ ର ସିବିଆଇ ତଦନ୍ତ ପାଇଁ ଦାବି କଲେ ପରିବାର

ମାଲକାନଗିରି ,୨୬।୮ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳଙ୍କ ପିଏ ଦେବ ନାରାୟଣ ପଣ୍ଡା ଙ୍କ ମୃତ୍ୟୁ ଘଟଣା ଆଜିକୁ ୮ମାସ ବିତିଲା କିନ୍ତୁ ଏହି ଘଟଣା ର ସବିଶେଷ ତଥ୍ୟ ପଦାକୁ ନ ଆସିବା ନେଇ ଆଜି କ୍ଷୋଭ ପ୍ରକାଶ କରିଛନ୍ତି ତାଙ୍କ ପରିବାର ଲୋକେ । ଆଜି ମୃତ ଦେବନାରାୟନଙ୍କ ସ୍ତ୍ରୀ ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହ ତାଙ୍କ ସ୍ୱାମୀ ଙ୍କ ମୃତ୍ୟୁ ପଛରେ ଜିଲ୍ଲାପାଳ ଦାୟୀ ବୋଲି କହିଛନ୍ତି । ଘଟଣା ର ତଦନ୍ତ ଠିକ ରୂପେ ହେଉନଥିବାରୁ କୌଣସି ନିଷ୍କର୍ଷ ବାହାରୁ ନାହିଁ , ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ , ଡିଜି ସମସ୍ତଙ୍କ ନିକଟରେ ଫେରାଦ ହେବାପରେ ମଧ୍ୟ କୌଣସି ସୁଫଳ ମିଳୁନଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଙ୍କ ବ୍ୟକ୍ତିଗତ ସଚିବ ଦେବ ନାରାୟଣ ପଣ୍ଡା ଙ୍କ ମୃତ୍ୟୁ ଘଟଣା କୁ ପ୍ରଶାସନିକ ତଥା ସରକାରୀ ସ୍ତରରେ ଅବହେଳା କରାଯାଉଥିବା ଅଭିଯୋଗ କରି ମୃତ୍ୟୁ ର ତଦନ୍ତ ଭାର ସିବିଆଇ ଙ୍କୁ ଦେବା ପାଇଁ ତାଙ୍କ ସ୍ତ୍ରୀ ଅନୁରୋଧ କରିଛନ୍ତି ।ପ୍ରକାଶ ଥାଉକି ପିଏ ଶ୍ରୀ ପଣ୍ଡା ଜାନୁଆରୀ ମାସରେ ନିଖୋଜ ହେବାପରେ ତାଙ୍କ ଶବ ସତିଗୁଡା ଜଳଭଣ୍ଡାରରୁ ମିଳିଥିଲା !

# ବହୁମୁଖୀ ଗୋଦାମ ଗୃହ ନିର୍ମାଣ ଲାଗି ୧୫ ଦିନରେ ଡାଟାବେସ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

## ପ୍ୟାକ୍ସ/ ଲ୍ୟାମ୍ପସ୍ ର ଭିତିଭୂମି ବିକାଶ କରାଯିବ : ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୨୬।୮ (ନି.ପ୍ର): ପ୍ରାଥମିକ କୃଷି ସମବାୟ ସମିତି/ ଲ୍ୟାମ୍ପସ୍ ପକ୍ଷରୁ ରାଜ୍ୟର ଚାଷୀମାନଙ୍କଠାରୁ ମୂଲ୍ୟ ସହାୟକ ଯୋଜନାରେ ଖରିଫ ଓ ରବିଧାନ, ଡାଲି ଏବଂ ତୈଳବୀଜ ସଂଗ୍ରହ କାର୍ଯ୍ୟ ସମେତ ସାର, ବିହନ, ଫସଲ ଋଣ ଆଦି ବିବିଧ କାର୍ଯ୍ୟ କରାଯାଉଥିବା ପରିପ୍ରେକ୍ଷୀରେ ଏଗୁଡ଼ିକର ଭିତିଭୂମିକୁ ସୁଦୃଢ଼ କରାଯିବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଚାଷୀମାନଙ୍କୁ ସୁବିଧାରେ ସାର ଓ ବିହନ ଆଦି ଯୋଗାଇଦେବା ସହିତ ଆନୁଷଙ୍ଗିକ ସେବା ପ୍ରଦାନ ନିମନ୍ତେ ପ୍ୟାକ୍ସ/ଲ୍ୟାମ୍ପସ୍ ଗୁଡ଼ିକରେ ବହୁମୁଖୀ ଗୋଦାମ ଗୃହ ନିର୍ମାଣର ଆବଶ୍ୟକତା ରହିଛି । ଯେଉଁ ପ୍ୟାକ୍ସ/ଲ୍ୟାମ୍ପସରେ ଗୋଦାମ ଗୃହ ନାହିଁ, ସେଠାରେ ଗୋଦାମ ଗୃହ ନିର୍ମାଣ କରାଯିବ । ଆଜି ଆୟୋଜିତ ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଯୋଗଦେଇ କହିଲେ ଯେଉଁସବୁ ପ୍ୟାକ୍ସ/ଲ୍ୟାମ୍ପସ୍ ର ନିଜସ୍ୱ ଜମି ରହିଛି ଏବଂ ଗୋଦାମ ଗୃହ ନିର୍ମାଣ ନିମନ୍ତେ ସଂପୃକ୍ତ ନିୟନ୍ତ୍ରିତ ବଜାର କମିଟି ନିକଟରେ ଆବଶ୍ୟକୀୟ ଅର୍ଥ ରହିଛି, ସେସବୁ ସ୍ଥାନରେ ବହୁମୁଖୀ ଗୋଦାମ ଗୃହ ନିର୍ମାଣ କରାଯିବ । ଏ ସଂପର୍କରେ ଏକ ଡାଟାବେସ୍ ଆସନ୍ତା ୧୫ ଦିନ ମଧ୍ୟରେ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ୟାକ୍ସ/ ଲ୍ୟାମ୍ପସଗୁଡ଼ିକରେ ସାର ଓ ବିହନ ମହଜୁଦ ରଖିବା ପାଇଁ ୫୦ ଟନ୍ କ୍ଷମତା ବିଶିଷ୍ଟ ୨ଟି ଲେଖାଏଁ ଗୋଦାମ ଗୃହ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ନିର୍ମାଣର ପ୍ରସ୍ତାବ ରହିଛି । ସଂପୃକ୍ତ ନିୟନ୍ତ୍ରିତ ବଜାର କମିଟି ନିକଟରେ ଉପଲବ୍ଧ ଅର୍ଥରୁ ଏହି ଗୋଦାମ ଗୃହ ନିର୍ମାଣ କରାଯିବ । ଏଥି ପାଇଁ ପ୍ରତ୍ୟେକ ଗୋଦାମ ଗୃହର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗୋଦାମ ଗୃହ ନିର୍ମାଣ ଓ ଏହାର ତଦାରଖ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଭର୍ଚୁଆଲ୍ ବୈଠକରେ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ, ଡାଇରେକଟର ଏଗ୍ରିକଲଚର ମାର୍କେଟିଂ ତଥା ଓସାମ୍ ବୋର୍ଡର ସଦସ୍ୟ ସଚିବ ଡ. ଏମ୍. ମୁଥୁକୁମାରଙ୍କ ସମେତ ସମବାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ଭଗାମୁଣ୍ଡା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ତାଲା, ନାହିଁ ନଥିବା ଅସୁବିଧାରେ ଜନସାଧାରଣ

ହରିଚନ୍ଦନପୁର,୨୬।୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲ ଅନ୍ତର୍ଗତ ଭଗାମୁଣ୍ଡା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ତାଲା, ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି ?। ଆଜି ଉକ୍ତ କାର୍ଯ୍ୟାଳୟରେ ଅଧିକାରୀ ସମେତ କୋ ?ଣସି କର୍ମଚାରୀ ନଥିବା କାରଣରୁ ଦିନ ତମାମ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ବିଭିନ୍ନ କାର୍ଯ୍ୟରେ ଦୂରଦୁରାନ୍ତରୁ ଆସିଥିବା ଅନେକ ଆଦିବାସୀ ଲୋକ ଘଂଟାଘଂଟା ଅପେକ୍ଷା ପରେ ନିରାଶ ହୋଇ ଘରକୁ ଫେରିଛନ୍ତି । ଖବର ଅନୁଯାୟୀ ପୂର୍ବରୁ ମଧ୍ୟ ଅନେକସମୟରେ କର୍ମଚାରୀ ନଥିବା କାରଣରୁ ଏହି କାର୍ଯ୍ୟାଳୟରେ ତାଲା ପଡୁଥିବା କାରଣରୁ ଅନେକ ଲୋକ ଅପେକ୍ଷା କରି ନିରାଶ ହୋଇ ଘରକୁ ଫେରିଥିବା ନଜିର ରହିଛି । ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବକୁ ନେଇ ବାରମ୍ବାର ଏହିଭଳି ଘଟଣା ଦେଖିବାକୁ ମିଳୁଥିବା ବେଳେ ଅନେକ ଆଦିବାସୀ ଶ୍ରେଣୀର ଲୋକ ନିଜର ଛୋଟ ବଡ଼ କାର୍ଯ୍ୟ ନେଇ ଏଠାକୁ ଦୋ ?ଡି ଦୋ ?ଡି ନିରାଶ ହୋଇ ଘରକୁ ଫେରୁଛନ୍ତି । ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଏଠାରେ ଆବଶ୍ୟକୀୟ କର୍ମଚାରୀ ନିୟୋଜିତ କରିବାକୁ ଜନସାଧାରଣରେ ଦାବି ହୋଇଛି ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୩୩ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୬।୮ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ଗତ ୧୩୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୬୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ପୁରୀ ସହରରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି

ପୁରୀ,୨୬।୮ (ନି.ପ୍ର): ଗତକାଲି ଠାରୁ ପୁରୀ ସହରରେ ବର୍ଷା ସାମାନ୍ୟ ହୋଇଥିବା ବେଳେ ଆଜି ସକାଳୁ ଲଘୁଚାପ ଜନିତ ବର୍ଷା ଜାରି ରହିଛି । ତୁହା କୁ ତୁହା ବର୍ଷା ଲାଗି ରହିଥିବା ଯୋଗୁଁ ସହର ତଳି ଓ ଖାଲୁଆ ଅଂଚଳରେ ପାଣି ଜମି ରହିଥିବା ଦେଖାଯାଇଛି । ଜଳ ନିଷ୍କାସ ହୋଇପାରୁନଥିବା ଯୋଗୁଁ ଉକ୍ତ ଅଂଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି ।

# ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ୩ ଦିନ ଶଟଡାଉନ ଘୋଷଣା




ଗୁଣପୁର,୨୬।୮ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ଜଣେ କର୍ମଚାରୀ କୋରନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରନାରେ ଆକ୍ରନ୍ତ ହେବା ପରେ ଗୁଣପୁର ଉପଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରକୁ ୩ ଦିନ ସଟଡାଉନ ଘୋଷଣା କରିଛନ୍ତି । ୨୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଅଫିସ କାର୍ଯ୍ୟ ବନ୍ଦ ରହିବ ବୋଲି ଜଣାପଡିଛି । ସେହିପରି ଚନ୍ଦ୍ରପୁର ବ୍ଲକର ତିନାପଦର ଓ ନେହୁରପାଙ୍ଗ ଗ୍ରାମରେ ୨୦ରୁ ଉର୍ଦ୍ଧ ଲୋକ କରୋନାରେ ଆକ୍ରାନ୍ତ ହେବା ପରେ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଉପଜିଲ୍ଲାପାଳ ଘୋଷଣା କରିଛନ୍ତି ।

## ଆଜି ଆଉ ୧୧୪ ଆକ୍ରାନ୍ତ ଭଦ୍ରକ ଜିଲ୍ଲାରୁ ଚିହ୍ନଟ

ଭଦ୍ରକ,୨୬।୮ : ଆଜି ଜିଲ୍ଲାରୁ ଆଉ ୧୧୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହାକୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୩୩୭ ହୋଇଛି । ସେହିଭଳି ଭାବେ ନୂଆ ୧୦୧ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଯାହାଙ୍କୁ ମିଶାଇ ସୁସ୍ଥଙ୍କ ମୋଟ ସଂଖ୍ୟା ୧୪୧୯ରେ ପହଞ୍ଚିଛି । ବାକି ୯୧୨ଜଣ ଆକ୍ରାନ୍ତ ଏବେ ଆକ୍ଟିଭ କେଶ ଭାବେ ଚିକିତ୍ସିତ ହେଉଛନ୍ତି । ଆଜି ଚିହ୍ନଟ ୧୧୪ଜଣଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୧୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ପୌରପାଳିକାରୁ ୧୦ଜଣ ଚିହ୍ନଟ ହୋଇଛନ୍ତି । ଭଦ୍ରକ ବ୍ଲକରୁ ୯ଜଣ, ଭଦ୍ରକ ପୌରପାଳିକାରୁ ୧୨, ବନ୍ତରୁ ୧୨, ଭଣ୍ଡାରିପୋଖରୀରୁ ୨, ଚାନ୍ଦବାଲିରୁ ୧୪, ଧାମନଗରରୁ ୧୫ ଓ ତିହିଡି ବ୍ଲକରୁ ୨୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଲଘୁଚାପ ଲଗାଣ ବର୍ଷାରେ ଭାଙ୍ଗିଲା ଢେଙ୍କିକୋଟ ଅସ୍ଥାୟୀ ଫାଣ୍ଡି ଘର

ଘଟଗାଁ, ୨୬ ଅଗଷ୍ଟ,(ହି.ସ.)ଗତ ଦୁଇ ଦିନ ଧରି କେନ୍ଦୁଝର ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସମଗ୍ର ଅଂଚଳ ଜଳମଗ୍ନ ହୋଇଯାଇଛି । ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଏହି ଲଘୁଚାପ ଜନିତ ବର୍ଷାରେ ଘଟଗାଁ ବ୍ଲକ ଢେଙ୍କିକୋଟ ଠାରେ ଥିବା ଅସ୍ଥାୟୀ ଫାଣ୍ଡିର ରୋଷେଇ ଘର ଓ ପଛପାଖ ପାଚେରି ଗଳି ପଡ଼ିଛି । ଫଳରେ ଘର ଭିତରେ ଥିବା ବହୁ ଆସବାବପତ୍ର ପତ୍ର ଭାଙ୍ଗିରୁଜି ଯାଇଛି । ଢେଙ୍କିକୋଟରେ ଏକ ସ୍ଥାୟୀ ଫାଣ୍ଡି ଘର ନଥିବାରୁ ଫାଣ୍ଡିଟି ଏକ ଭଡାଘରେ ଚାଲିଥିଲା । ଫାଣ୍ଡି ଘରଟି ବହୁ ପୁରୁଣା ଘର ହୋଇଥିବାରୁ ଘରର କାନ୍ଥ ଦବି ଯିବା ସହ ଘରର ପାରାପିଟ୍ ମଧ୍ୟ ଲଗାଣ ବର୍ଷାରେ ଗଳି ପଡ଼ିଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଖୁବଶୀଘ୍ର ଢେଙ୍କିକୋଟରେ ଏକ ସ୍ଥାୟୀ ଫାଣ୍ଡି ଘର ନିର୍ମାଣ ପାଇଁ ଦାବି ହୋଇଛି ।

# ଜଗତସିଂହପୁର୍ ଜିଲ୍ଲାରେ ସାର୍ବଜନୀନ ଦୁର୍ଗାପୂଜା ବନ୍ଦ



ପାରାଦ୍ୱୀପ ତା୨୬/୦୮ଚଳିତ ବର୍ଷ କୋଭିଡ୍-୧୯ ସଂକ୍ରମଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ପ୍ରଶାସନ ସାର୍ବଜନୀନ ଦୁର୍ଗାପୂଜା କୁ ବନ୍ଦ କରିଛନ୍ତି । ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଦୁର୍ଗା ଓ ହରପାର୍ବତୀ ପୂଜା କମିଟିର ସ୍ୱଳ୍ପ ସଂଖ୍ୟକ କର୍ମକର୍ତ୍ତାଙ୍କୁ ନେଇ ଦୁର୍ଗା ପୂଜା ସଂପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଦୁର୍ଗାପୂଜା ସଂପର୍କରେ ଉପସ୍ଥିତ କର୍ମକର୍ତ୍ତାଙ୍କ ମତାମତ ନେଇଥିଲେ । ଜଗତସିଂହପୁର ସମେତ ସମଗ୍ର ଜିଲ୍ଲାରେ କରୋନା ର ସ୍ଥିତି ଭଲ ରହିଛି । ତେବେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ସମସ୍ୟା ଅଛି । ଏ ପରିସ୍ଥିତିରେ ସହରର ସମସ୍ତ ଦୋକାନୀ, ବ୍ୟବସାୟୀ, ବୁଦ୍ଧିଜୀବୀ, ଜନସାଧାଣ ପ୍ରଶାସନକୁ ସହଯୋଗ କରୁଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କରୋନା ମହାମାରୀ ଦୃଢ ସଂକ୍ରମଣକୁ ଦୃଷ୍ଟିରେ ରଖି ଏବଂ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ଜିଲ୍ଲାରେ ସାର୍ବଜନୀନ ଦୁର୍ଗା ପୂଜା ହେବ ନାହିଁ କିମ୍ବା ମୂର୍ତ୍ତୀ ନିର୍ମାଣ କରାଯିବ ନାହିଁ । କେବଳ ମାଟି ଉଠାଯାଇ ଘଟ ପୂଜା କରାଯାଇ ପାରିବ । ମାଟି ଉଠାଇବା ସମୟରେ ବାଜା, ବାଣ କିମ୍ବା ଶୋଭାଯାତ୍ରା କରାଯିବ ନାହିଁ ଏବଂ ସାମାଜିକ ଦୂରତା ରକ୍ଷା କରିବା ସହିତ ୪ଜଣରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି । ଏହି ବୈଠକରେ ଥାନପତି ମହାଦେବ କ୍ଲବର ସଭାପତି ସତ୍ୟବ୍ରତ ମହାପାତ୍ର, ଶ୍ରୀରାମ କ୍ଲବର ସଭାପତି ରତ୍ନାକର ବିଶ୍ୱାଳ, ଗୋଲକୁମା ପୂଜା କମିଟିର ସଭାପତି ପ୍ରେମାନନ୍ଦ ପଡିହାରୀ, ପୂର୍ଣ୍ଣମାସୀ କମିଟିର ସଂପାଦକ ଏବଂ ଅନ୍ୟାନ୍ୟ ପୂଜା କମିଟିର କର୍ମକର୍ତ୍ତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜସ୍ଥାନରେ ୮ ଜିଲ୍ଲାରେ ୬୧୦ ନୂଆ ସଂକ୍ରମିତ : ୬ ଜଣଙ୍କ ମୃତ୍ୟୁ

ଜୟପୁର, ୨୬ ଅଗଷ୍ଟ (ହି.ସ.) – ରାଜସ୍ଥାନରେ କରୋନା ସଂକ୍ରମଣ ବୁଧବାର ସକାଳ ସୁଦ୍ଧା ୮ ଜିଲ୍ଲାରେ ୬୧୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ୬ ଜଣଙ୍କ ମୃତ୍ୟୁ ହୋଇଛି । ରାଜ୍ୟରେ ଏବେ ମୋଟ ସଂକ୍ରମିତ ୭୩ ହଜାର ୯୩୫ରେ ପହଂଚିଛି । ମୋଟ ୯୮୬ ଜଣ ମୃତ୍ୟୁବରଣ କରିଛନ୍ତି । ମୋଟ ସଂକ୍ରମିତଙ୍କ ମଧ୍ୟରୁ ୫୮ ହଜାର ୩୪୨ ରୋଗୀ ମହାମାରୀକୁ ମାତ ଦେଇ ସୁସ୍ଥ ହୋଇଛନ୍ତି । ଏବେ ୧୪ ହଜାର ୬୦୭ ସକ୍ରିୟ ମାମଲା ରହିଛି । ପ୍ରଦେଶରେ ବୁଧବାରକୁ କରୋନା ସଂକ୍ରମଣରେ ଜୟପୁରରୁ ୩, ବିକାନେରରେ ୨, ସୀକରରେ ୧ ରୋଗୀ ଙ୍କ ମୃତ୍ୟୁ ହୋଇଛି । ଯୋଧପୁରରେ ୧୩୬, ବିକାନେରରେ ୧୨୭, ଜୟପୁରରେ ୧୨୬, ଅଲବରରେ ୭୦, ଅଜମେରରେ ୫୮, ପାଲୀରେ ୪୦, କୋଟାରେ ୨୮ ଏବଂ ସୀକରରେ ୨୫ ନୂଆ ସଂକ୍ରମତି ଚିହ୍ନଟ ହୋଇଛନ୍ତି ।

ଚିକିତ୍ସା ବିଭାଗଙ୍କ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରେ ୧୧ ହଜାର ୭୪, ଜୟପୁରେ ୯୩୮୯, ଅଲବରରେ ୭୦୯୪, କୋଟାରେ ୪୪୫୫, ବିକାନେରରେ ୪୧୩୧, ଅଜମେରରେ ୩୮୧୭, ପାଲୀରେ ୩୭୪୮, ଭରତପୁରରେ ୩୫୫୩, ସିକରରେ ୨୪୪୭, ନାଗୌରରେ ୨୨୨୬, ଉଦୟପୁରରେ ୨୧୮୯, ଧୋଲପୁରରେ ୨୧୬୨, ବାଡ଼ମେରରେ ୨୧୩୭ ଜଣ ସଂକ୍ରମଣ ହୋଇଛନ୍ତି । ଭିଲୱାଡ଼ାରେ ୧୯୮୭, ଜାଲୋରରେ ୧୩୨୪, ସିରୋହୀରେ ୧୧୬୫, ଝାଲାୱାଡ଼ାରେ ୧୧୫୯, ରାଜସମନ୍ଦରେ ୧୦୩୯ ରୋଗୀ ଚିହ୍ନଟ ହୋଇଛନ୍ତି । ଏହା ବାଦ ଝୁନଝୁନରେ ୯୪୪, ଡୁଙ୍ଗରପୁରରେ ୮୯୨, ଚୁରୁରେ ୮୬୦, ଚିତୌଡ଼ଗଡ଼ରେ ୭୫୫, ଶ୍ରୀଗଂଗାନଗରରେ ୫୮୩, କରୌଲୀରେ ୫୫୯, ଟୋଂକରେ ୫୫୩, ଦୌସାରେ ୪୮୩, ବୁନ୍ଦିରେ ୪୬୯, ବାଂସବାଡ଼ାରେ ୪୫୬, ବାରାଂରେ ୪୪୧, ପ୍ରତାପଗଡ଼ରେ ୩୮୫, ହନୁମାନଗନରେ ୩୬୭, ଜୈସଲମେରରେ ୩୧୬, ଅନ୍ୟ ପ୍ରଦେଶରେ ୧୮୯ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି ।

# ଗୋଟିଏ ଦିନରେ ୩୩୭୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୮୭୬୦୨କୁ ବୃଦ୍ଧି

ଭୁବନେଶ୍ୱର, ୨୬ ଅଗଷ୍ଟ - ରାଜ୍ୟରେ ଗୋଟିଏ ଦିନରେ ୩୩୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୭୬୦୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୩୩୭୧ ଜଣଙ୍କ ମଧ୍ୟରୁ ୨୫୦୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୩୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି ।

ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୫୪୭ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୧୯୬ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୬୩ , ବାଲେଶ୍ୱର ଜିଲ୍ଲାରେ ୯୮ ଜଣ, ବରଗଡ ଜିଲ୍ଲାରେ ୯୮, ଭଦ୍ରକ ଜିଲ୍ଲାରେ ୧୧୪, ବଲାଙ୍ଗିର ଜିଲ୍ଲାରେ ୭୬ .ବୌଦ୍ଧ ଜିଲ୍ଲାରେ ୪, କଟକ ଜିଲ୍ଲାରେ ୩୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୮, ଢେଙ୍କାନାଳ ଜିଲ୍ଲାରେ ୬୭, ଗଜପତି ଜିଲ୍ଲାରେ ୪୧, ଜଗତସିଂହପୁର ଜିଲ୍ଲାରେ ୯୫, ଯାଜପୁର ଜିଲ୍ଲାରେ ୧୭୩. ଝାରସୁଗୁଡା ଜିଲ୍ଲାରେ ୯୩, କଳାହାଣ୍ଡି ଜିଲ୍ଲାରେ ୨୮. କନ୍ଧମାଳ ଜିଲ୍ଲାରେ ୪୧, କେନ୍ଦ୍ରାପଡା ଜିଲ୍ଲାରେ ୭୬ ,କେନ୍ଦୁଝର ଜିଲ୍ଲାରେ ୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୧ ଜଣ, ମାଲକାନଗିରି ଜିଲ୍ଲାରେ ୧୩୪ , ମୟୁରଭଂଜ ଜିଲ୍ଲାରେ ୯୨, ନବରଙ୍ଗପୁରରେ ୬୫, ନୟାଗଡ ଜିଲ୍ଲାରେ ୧୭୧, ନୂଆପଡା ଜିଲ୍ଲାରେ ୧୫, ପୁରୀ ଜିଲ୍ଲାରେ ୧୪୪, ରାୟଗଡା ଜିଲ୍ଲାରେ ୧୪୬, ସମ୍ବଲପୁର ଜିଲ୍ଲାରେ ୧୦୭ ,ସୋନପୁର ଜିଲ୍ଲାରେ ୩ ତଥା ସୁନ୍ଦରଗଡ ଜିଲ୍ଲାରେ ୧୫୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

E-mail- olicbpd@ymail.com
OFFICE OF THE EXECUTIVE ENGINEER
MAYURBHANJ LIFT IRRIGATION DIVISION BARIPADA
No. 1451 Dated. 25.08.2020
**CORRIGENDUM NOTICE**
In partial modification to this office Tender Call Notice No. 1315 dt. 05.08.2020 as read in BOQ PKG No-29 the name of work Badasole-III (Kasiabeda) TW LIP under Saraskana Block in place of Balidam TW LIP under Baripada Block. All other Terms & Conditions are remained unaltered.
**OIPR: 32215/11/0006/2021**
**Executive Engineer,**
**M.L.I. Division, Baripada**

# ମୟୂରଭଞ୍ଜ ଜିଲ୍ଲାରୁ ଆଜି ୯୨ ନୂଆ ପଜିଟିଭ ଚିହ୍ନଟ : ଆକ୍ରାନ୍ତ ସଂଖ୍ୟା ୨୫୦୬କୁ ବୃଦ୍ଧି

ବାରିପଦା, ୨୬ ଅଗଷ୍ଟ (ହି.ସ.)- ମୟୂରଭଞ୍ଜ ଜିଲ୍ଲାରୁ ମୋଟ ୯୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ଏବଂ ସମସ୍ତେ ସ୍ଥାନୀୟ ସଂସ୍ପର୍ଶରୁ ଆକ୍ରାନ୍ତ ହୋଇଛନ୍ତି । ଜିଲ୍ଲାରେ ସଂକ୍ରମିତ ମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୨୫୦୬ରେ ପହଁଚିଛି । ଆଜି କୋଭିଡ଼-୧୯ ଭୂତାଣୁ ସଂକ୍ରମିତମାନଙ୍କ ମଧ୍ୟରେ ୧ରୁ-୧୦ ବର୍ଷ ବୟସ ମଧ୍ୟରେ ଜଣେ ମହିଳା, ୧୧ରୁ ୨୦ ବର୍ଷ ବୟସ ମଧ୍ୟରେ ୮ ମହିଳା ଓ ୭ ପୁରୁଷ, ୨୧ରୁ ୩୦ ବର୍ଷ ବୟସ ମଧ୍ୟରେ ୯ ମହିଳା ଓ ୧୬ ପୁରୁଷ, ୩୧ରୁ ୪୦ ବର୍ଷ ବୟସ ମଧ୍ୟରେ ୩ ମହିଳା ଓ ୨୦ ପୁରୁଷ, ୪୧ରୁ ୫୦ ବର୍ଷ ବୟସ ମଧ୍ୟରେ ୦୪ ମହିଳା ଓ ୭ ପୁରୁଷ, ୫୧ରୁ ୬୦ ବର୍ଷ ବୟସ ମଧ୍ୟରେ ୪ ମହିଳା ଓ ୧୦ ପୁରୁଷ, ୬୧ରୁ ୭୦ ବୟସ ମଧ୍ୟରେ ଜଣେ ମହିଳା ଓ ଜଣେ ପୁରୁଷ , ୭୧ରୁ ୭୫ ମଧ୍ୟରେ ୧ ପୁରୁଷ ରହିଥିବାର ଜଣାପଡ଼ିଛି । ସେହିପରି ବଡ଼ସାହି ବ୍ଲକରୁ ୨, ବହଳଦା- ୧୦, ବାଙ୍ଗିରିପୋଷି- ୪, ବେତନଟୀ- ୩, ବିଶୋଇ- ୧, ଗୋପବନ୍ଧୁନଗର- ୫, ଜାମଦା- ୧, ଯଶୀପୁର- ୧୨, କପ୍ତିପଦା- ୭, କରଞ୍ଜିଆ ଏନଏସି- ୭, ଖୁଂଟା- ୪, କୁଳିଅଣା- ୨, ରାଇରଙ୍ଗପୁର- ୩, ରରୁଆଁ- ୨, ରାସଗୋବିନ୍ଦପୁର- ୨, ସାରସକଣା- ୧, ଶୁକ୍ଳି- ୧, ଠାକୁରମୁଣ୍ଡା-୧, ତିରିଂ- ୧, ଉଦଳା ଏନଏସି- ୪, ଉଦଳା ବ୍ଲକ- ୧, ବାରିପଦା ବ୍ଲକରୁ- ୧ ଏବଂ ବାରିପଦା ପୌରପରିଷଦର ତୁଳସୀଚଉରାରୁ ୪୨, ୪୮ ବର୍ଷର ୨ ଜଣ ପୁରୁଷ, ଲାଲବଜାରରୁ ୩୦ ଓ ୫୪ ବର୍ଷର ୨ ଜଣ ପୁରୁଷ, ବାରୁଣିରୋଡ଼ରୁ ୨୯ ବର୍ଷର ୨ ଓ ୩୦ ବର୍ଷର ଜଣେ ପୁରୁଷ, ଭୁଗୁଡ଼ାକଟାରୁ ୩୫ ଓ ୩୮ ବର୍ଷର ଦୁଇ ପୁରୁଷ, ବାଘଡ଼ାରୋଡ଼ରୁ ଜଣେ ୩୬ ବର୍ଷର ପୁରୁଷ ଏବଂ ୩୦ ବର୍ଷର ୨ ଜଣ, ୩୧, ୩୫, ୩୯ ଓ ୫୪ ବର୍ଷ ବୟସର ୬ ଜଣ ବ୍ୟାଙ୍କ କର୍ମଚାରୀଙ୍କୁ ମିଶାଇ ୧୬ ଏହି ପରି ଜିଲ୍ଲାରୁ ମୋଟ ୯୨ ଜଣ କୋଭିଡ଼-୧୯ ଭୂତାଣୁ ସଂକ୍ରମିତ ହୋଇଥିବା ବେଳେ ଜିଲ୍ଲାରୁ ଉଦଳା ଓ କରଞ୍ଜିଆ ମାଣ୍ଡୁଆ ଅଂଚଳରୁ ୨ ଜଣ କଟକଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କ୍ରିଟିକାଲ ଆକ୍ରାନ୍ତମାନଙ୍କୁ କୋଭିଡ଼ ହସପିଟାଲ ଏବଂ ସ୍ୱଳ୍ପ ଲକ୍ଷଣ ଯୁକ୍ତ ଓ ଲକ୍ଷଣ ନ ଥିବା ବ୍ୟକ୍ତିମାନଙ୍କୁ କୋଭିଡ଼ କେୟାରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯିବା ସାଙ୍ଗକୁ ସେମାନଙ୍କ ଯାତ୍ରା ବିବରଣୀ ଯାଂଚ କରାଯାଉଛି ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି । ଏଥି ସହିତ ଅଗଷ୍ଟ ୨୫ ସୁଦ୍ଧା ଜିଲ୍ଲାରେ ସୁସ୍ଥ ସଂଖ୍ୟା ୧୩୦୭ ରହିଥିବା ସମୟରେ ଅଗଷ୍ଟ ୨୬ ପର୍ଯ୍ୟନ୍ତ ଜିଲ୍ଲାରେ ସକ୍ରିୟ ସଂଖ୍ୟା ୧୧୯୩ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ୬ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

# ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସାରକାଙ୍କ କୋଭିଡ୍ ସମୀକ୍ଷା ବୈଠକ



ଗୁଣପୁର : ରାୟଗଡ଼ା ଜିଲ୍ଲାରେ କରୋନା ଦିନକୁ ଦିନ କାୟା ବିସ୍ତାର କରି ଚାଲିଥିବାବେଳେ ଜିଲ୍ଲା ପ୍ରଶାସନ ଓ ରାଜ ନେତା ଓ ମନ୍ତ୍ରୀଙ୍କ ଆଖିରୁ ନିଦ ଲିଭିଯାଇଛି । ସୂଚନା ମୁତାବକ ଜିଲ୍ଲାରେ କରୋନା ସ୍ଥିତି ବୃଦ୍ଧି ପାଉଥିବାର ଦେଖି ମନ୍ତ୍ରୀ ଶ୍ରୀ ସାରକାଙ୍କ ପାଦ ଜିଲ୍ଲା ଛାଡ଼ି ବାହାରକୁ ଯାଇପାରୁନାହିଁ । ସେ ଜଣେ ମେଳାପି ଲୋକସେବକ ହୋଇଥିବାରୁ କରୋନା ଭଳି ମହାମାରୀ ସମୟରେ ଜିଲ୍ଲାର ଲୋକମାନଙ୍କ ସମସ୍ୟା ତଥା କରୋନା ପିଡ଼ିତାଙ୍କ ସମସ୍ୟା ଓ କୋଭିଡ୍ ସେଣ୍ଟର କୋଭିଡ୍ ହସ୍ପିଟାଲ ବୁଲି ସୁବିଧା ଅସୁବିଧା ବୁଝିବା ସହ ପ୍ରଶାସନ ସହିତ କରୋନା ସମ୍ବନ୍ଧିତ ସମୀକ୍ଷା କରିଚାଲିଛନ୍ତି । ଗତକାଲି ମନ୍ତ୍ରୀ ଶ୍ରୀ ସାରକା ବିଷମକଟକ ବ୍ଲକରେ ବିଡ଼ିଓ, ତହସିଲଦାର, ଆଇଆଇସି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତଥା ରାଜନେତାମାନଙ୍କ ଉପସ୍ଥିତିରେ ବ୍ଲକରେ କରୋନା ସମୀକ୍ଷା ନେଇ ସମୀକ୍ଷା କରି ପଜିଟିଭ୍ ବାହାରିଥିବା ସାହି ଓ ଗ୍ରାମରେ ସଟଡାଉନ୍ କରାଯିବା ସହ ସାନିଟାଇଜ୍ କରିବା ପାଇଁ ଏବଂ ବାଉଁଶ ବାନ୍ଧି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଆଜି ମଧ୍ୟ ମୁନିଗୁଡ଼ା ବ୍ଲକ୍ ସଭାଗୃହରେ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକାଙ୍କ ଅଧ୍ୟକ୍ଷତାରେ କରୋନା ତଥା ଉନ୍ନୟନକାର୍ଯ୍ୟ ସମ୍ବନ୍ଧିୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ଶ୍ରୀ ଦିଲ୍ଲୀପ କୁମାର ବେହେରା, ତହସିଲଦାର ଡ. ଦେବାଶିଷ ଗୌଡ଼, ଆଇଆଇସି ଶ୍ରୀ ରାଜେନ୍ଦ୍ର ପ୍ରସାଦ ଦେହୁର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ମୁନିଗୁଡ଼ା ବ୍ଲକରେ କୋଭିଡ୍ ୧୯ର ବର୍ତ୍ତମାନର ସ୍ଥିତିକୁ ନେଇ ମନ୍ତ୍ରୀ ଆଲୋଚନା ଓ ସମୀକ୍ଷା କରିଥିଲେ । ଏଥିରେ ବରିଷ୍ଠ ବିଜେଡ଼ିନେତା ରତନ ଲାଲ ଜୈନ ଓ ପୂର୍ଣ୍ଣଚନ୍ଦ୍ର ଗୌଡ଼ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ସାରକାଙ୍କ ଏଭଳି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ଭୁରି ଭୁରି ପ୍ରଶଂସା କରାଯାଇଛି ।

# ସଟ୍‌ଡାଉନ୍‌ରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ବାରିପଦା (୨୩/୦୮/୨୦୨୦) ଦେଶରେ ମହାମାରୀ ବ୍ୟାପିଥିବା ସମୟରେ ସବୁ କାର୍ଯ୍ୟାନୁଷ୍ଠାନ ବନ୍ଦ ପଡିଥିବାରୁ କେତେକ ଅସହାୟ ଲୋକଙ୍କ ଆୟ ବନ୍ଦ ହୋଇ ଯାଇଛି । ତାକୁ ଆଖି ଆଗରେ ରଖି ବାରିପଦା କିଛି ଯୁବକ ତଥା ପ୍ରିତମ ଦାଶ, ଅବିନାଶ ଅଗରୱାଲ୍, ଲୋକନାଥ କୁଣ୍ଡୁ, ଅନିକେତ୍ ସାତୁଆ, ଶୁଭମ ଦିବେଦୀ ପ୍ରମୁଖ ଏହି ୪ଜଣ ଯୁବକ ନିଜସ୍ୱ ଅର୍ଥରୁ ପ୍ରତ୍ୟେକ ଶନିବାର ଓ ରବିବାର ଦିନ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇ ଆସୁଛନ୍ତି, ଓ ଆଗକୁ ମଧ୍ୟ ଜାରୀ ରହିବ ବୋଲି ସେମାନେ ବକ୍ତବ୍ୟ ଦେଇଛନ୍ତି । ବାରିପଦା ତଥା ଷ୍ଟେସନ ବଜାର ଠାରୁ ଆରମ୍ଭ କରି ବାଲେଶ୍ୱର ଗୋଲେଇ, ଶୁନଗଡିଆ, ବାଘଡା ରୋଡ, ତକତପୁର, ଭପୁର, ମୁର୍ଗାବାଡି ପ୍ରମୁଖ ସ୍ଥାନରେ କିଛି ଅସହାୟ



ବ୍ୟକ୍ତିଙ୍କୁ ସେମାନେ ଭାତ, ଡାଲି, ଘାଣ୍ଟ ଓ ଅଣ୍ଡାସିଝା ପ୍ରଦାନ କରିଥିଲେ ।

# ରାୟଗଡ଼ା ଜିଲ୍ଲାରେ ପୁଣି ୧୪୬ ଚିହ୍ନଟ, ମୃତ୍ୟୁ ସଂଖ୍ୟା ୨୧ ଓ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୫୬୬

ଗୁଣପୁର : ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ହୁହୁ ହୋଇ ବିସ୍ତାର କରିବାରେ ଲାଗିଛି । ଆଜି ଚିହ୍ନଟ ହୋଇଥିବା ୧୪୬ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୫ ଜଣ ପୁରୁଷ ଥିବା ବେଳେ ୩୧ ଜଣ ମହିଳା ଅଛନ୍ତି । ସମସ୍ତ ଆକ୍ରାନ୍ତ ଘରୋଇ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବଳେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ବ୍ରକ୍ତିଙ୍କ ସଂସ୍ପର୍ଶରେ ଆସି ୧୨୭ ଜଣ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍‌ତଙ୍କ ମଧ୍ୟରୁ ୨ଜଣ ବାହାର ଜିଲ୍ଲଶରୁ ଆସିଥିବା ସୂଚନା ମିଳିଛି । ଏଥିସହିତ ୧୧ ଜଣ କରୋନା ଯୋଦ୍ଧଶ ଆକ୍ରାନ୍ତ ହୋଇଛନ୍ତି । ରାୟଗଡ଼ା ପୌରାଞ୍ଚଳରୁ ଜଣେ ଓ ରାୟଗଡ଼ା ଗ୍ରାମାଞ୍ଚଳରୁ ଜଣେ, କୋଲନରାରୁ ୩, ବିଷମକଟକରୁ ୨୧, ମୁନିଗୁଡ଼ାରୁ ୭୩, ଚନ୍ଦ୍ରପୁରରୁ ୧୨, ଗୁଡ଼ାରୀରୁ ୧୩, ଗୁଣପୁର ପୌରାଞ୍ଚଳରୁ ୧୦ ଏବଂ ଗୁଣପୁର ଗ୍ରାମାଞ୍ଚଳରୁ ୩ ଏବଂ ପଦ୍ମପୁରରୁ ୯ ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସର୍ବମୋଟ୍ ୩୫୬୬ରେ ପହଞ୍ଚିଛି ସାରିଛି ଏବଂ ୨୦୩୬ ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୧ରେ ପହଞ୍ଚିଛି । ୧୫୦୯ ଜଣ ଜିଲ୍ଲାରେ ଥିବା ବିଭିନ୍ନ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ।ସହ ଘରୋଇ ସଙ୍ଗରୋଧରେ ମଧ୍ୟ ରହି ଚିକିତ୍ସିତ ହେଉଛନ୍ତି । ଜିଲ୍ଲାରେ ବିଭିନ୍ନ ସ୍ଥାନରେ ପ୍ରଶାସନ ଓ ମନ୍ତ୍ରୀ ନେତାଙ୍କ ପକ୍ଷରୁ କରୋନା ମୁକାବିଲା ପାଇଁ ଆଲୋଚନା ଓ ସମୀକ୍ଷା ଚାଲିଥିବା ଜଣାପଡ଼ିଛି । ଗ୍ରାମାଞ୍ଚଳରୁ ଆରମ୍ଭ କରି ଜିଲ୍ଲସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ, କର୍ମଚାରୀ ଏହି ଯୁଦ୍ଧରେ ଭାଗ ନେଇଛନ୍ତି । ସମମସ୍ତେ ଦିନ ରାତି ବୁଲି କରୋନାକୁ ପରାସ୍ତ କରିବା ପାଇଁ ଲାଗି ପଡ଼ିଛନ୍ତି । ଆମେ ସମସ୍ତେ କରୋନାକୁ ଘୃଣା କରିବା କିନ୍ତୁ ରୋଗୀକୁ କେବେ ବି ନୁହଁ । କାରଣ ରୋଗ ସବୁବେଳେ ଆମ ସହ ରହିଛି ଆଉ ରହିବ ମଧ୍ୟ । ତେଣୁ ପ୍ରଶାସନ ତରଫରୁ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ୍ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଇଛି ।

## ଡକାୟତି ଯୋଜନାକୁ ପଣ୍ଡ କଲା ବଡଚଣା ପୋଲିସ, ମାରଣାସ୍ତ୍ର ଜବତ ସହ ୬ ଗିରଫ

ଧର୍ମଶାଳା,୨୬ଅଗଷ୍ଟ(ହି.ସ.) - ଯାଜପୁର ଜିଲା ବଡଚଣା ପୋଲିକୁ ବଡ ସଫଳତା । ଡକାୟତି ଉଦ୍ୟମକୁ ପଣ୍ଡ କଲା ପୋଲିସ । ମାରଣାସ୍ତ୍ର ଜବତ ସଂଗକୁ ୬ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ସେମାନେ ହେଲେ ସ୍ଥାନୀୟ ଅଂଚଳର ସରୋଜ ବେହେରା,ସୁବୋଧ ନାୟକ, ଦୀନବନ୍ଧୁ ଦଳାଇ, କୁନ୍ଦନ ପ୍ରସାଦ ଦାସ, ସ୍ୱରୂପ ସାହୁ, ଜୟକ୍ରିଷ୍ଣ ଜେନା ବୋଲି ଜଣାପଡିଛି । ସେମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ କହିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ଏକ ବାଇକ ସହ ଦେଶୀ ବନ୍ଧକ ଓ ଭୁଜାଲି ଜବତ କରିଛି । ତେବେ ସେମାନେ ଏକ ବଡ ଡକାୟତି କରୁଥିବା ଯୋଜନା କରୁଥିବା ବେଳେ ସେମାନେ ପୋଲିସ ହାବୁଡରେ ପଡିଯାଇଥିଲେ । ଆଜି ସେମାନଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ବଡଚଣା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି ।

# ସରକାରୀ ଜନମଙ୍ଗଳ ଯୋଜନାର କାର୍ଯ୍ୟକ୍ରମ ପ୍ରସାର ପ୍ରଚାର ଆବଶ୍ୟକ : ଗଣମାଧ୍ୟମକୁ ସୁଚନା ନାହିଁ

କନ୍ଧମାଳ,୨୬ ଅଗଷ୍ଟ (ହି.ସ.)- କନ୍ଧମାଳ ଜିଲ୍ଲାର କୋଟଗଡ଼ ପଂଚାୟତ ସମିତିରେ ରାଜ୍ୟ ସରକାରଙ୍କ ଅନେକ ପ୍ରକାରର ଯୋଜନାର ସଫଳ ରୁପାୟନ ପାଇଁ ସରକାରୀ ପାଣ୍ଠିର ବ୍ୟୟ କରାଯାଉଛି ସଭା ସମିତିରେ । ହେଲେ ଗଣମାଧ୍ୟମକୁ ଏହି ବାବଦରେ ସୁଚନା ପ୍ରଦାନ କରାଯାଇ ଲୋକଙ୍କର ଅବଗତି ପାଇଁ ଏହି ସବୁ ଯୋଜନାର ପ୍ରସାରପ୍ରଚାରରେ ସହାୟକ ହେବା ପାଇଁ ସ୍ଥାନୀୟ ଗଣମାଧ୍ୟମକୁ ସୁଚନା ଦେବା ବଦଳରେ ଜାହାକୁ ଖବର ନଦେଇ ଚୁପଚାପ କିଛି ଲୋକଙ୍କୁ ନେଇ ଏହା କରାଯାଉଥିବାରୁ ସ୍ଥାନୀୟ ସାମ୍ବାଦିକ ମହଲରେ ସନ୍ଦେହ ଦେଖାଦେଇଛି । ସରକାରୀ କାର୍ଯ୍ୟକ୍ରମକୁ ଲୋକ ଲୋଚନକୁ ଆଣିବାରେ ଗଣମାଧମ ପ୍ରମୁଖ ଭୁମିକା ଗ୍ରହଣ କରିଥାଏ ।ସରକାରୀ କର୍ମଚାରୀ ଠିକ୍ ଭାବରେ କାର୍ଯ୍ୟ କରୁଛନ୍ତି କି ନାହିଁ ସର୍ବସାଧାରଣ ଜାଣିବା ଆବଶ୍ୟକ ରହିଛି । ଏସବୁକୁ ସମସ୍ତଙ୍କ ନିକଟରେ ଗଣମାଧମ ହି ପହଂଚାଇଥାଏ । ହେଲେ କେଉଁ କାରଣରୁ କୋଟଗଡ଼ ବ୍ଲକରେ ଗଣମାଧମ ବିନା ପ୍ରଚାର ପ୍ରସାର ରେ ତାଲିମ ଶିବିର,ସଭା ସମିତି ଆୟୋଜିତ ହେଉଛି ତାହା ଜନସାଧାରଣରେ ପ୍ରଶ୍ନବାଚୀ । ଗତକାଲିଠାରୁ ଗ୍ରାମମିତ୍ର, ଏମଜିଏନଆରଇଜିଏ, ପ୍ରାଣୀମିତ୍ର, ଓଏଲଏମ, ଓରମାସ'ର କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ୪ଦିନିଆ ତାଲିମ କାର୍ଯ୍ୟକ୍ରମ (ବାଡିରେ ବଗିଚାଟିଏ)ଚାଲିଛି ।ଏପରି ଲୁଚିଛପି ପରିଚାଳନା ପଛରେ ଏପିଓ ସୁର୍ଯ୍ୟ ସେନାପତିଙ୍କ କି ଉଦ୍ଦେଶ୍ୟ ରହିଛି ତାହା ଜନସାଧାରଣ ଗହଣରେ ଚର୍ଚ୍ଚା ଧରିଛି । ଏହି କାର୍ଯ୍ୟକ୍ରମରେ ନିଜେ ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ ଉପସ୍ଥିତ ଥାଇ କିଭଳି ଏପ୍ରସଙ୍ଗରେ ସମ୍ପୃକ୍ତ ବାବୁଙ୍କୁ ଅବଗତ କରାଇନାହାନ୍ତି ତାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ କରୋନା ସଂକ୍ରମଣକୁ ଆଖିରେ ରଖି ସାମାଜିକ ଦୁରତାକୁ ବଜାୟ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି । ହେଲେ ସେହି ବାବଦରେ ଗଣମାଧ୍ୟମକୁ ସୁଚନା ଦେବାର ଆବଶ୍ୟକ ଥିଲା ବୋଲି ଗଣାମାଧ୍ୟମ ପ୍ରତିନିଧି ମାନେ ସେମାନଙ୍କର ପ୍ରତିକ୍ରିୟାରେ କହିଛନ୍ତି ।

# ନୂଆବଜାର ମିଲବାଡି ପ୍ରତି ପ୍ରଶାସନର ଉପେକ୍ଷା

ଜଳେଶ୍ୱର, ୨୬/୮ (ନି.ପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିର ନୂଆବଜାର ମିଲ କଲୋନୀ ପ୍ରତି ସ୍ଥାନୀୟ ପ୍ରଶାସନର ଉକ୍ଷୋ ଯୋଗୁଁ ଏହାର ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆର୍ଷଣ କରାଯାଇଛି । ଚିନ୍ମୟ ଦାସଙ୍କ ଘରଠାରୁ ଯାଇଥିବା କଂକ୍ରିଟରୋଡର ଅବସ୍ଥା ଶୋଚନୀୟ ହୋଇ ପଡିଛି । ଏହି କଂକ୍ରିଟ ରାସ୍ତାଟି କେତେକଙ୍କ ଘର ନିକଟ ପର୍ଯ୍ୟନ୍ତ ଯାଇନଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିର୍ମାଣ ହୋଇଥିବା ଜଳନିଷ୍କାସନ ନାଳରୁ ପାଣି ନିଷ୍କାସନ ହେଉନଥିବାରୁ ଏହା ନିର୍ମାଣରେ ତୃଟିଥିବା ସଂପର୍କରେ କହୁଯାଇଛି । ଏହି ରାସ୍ତାରେ ଷ୍ଟ୍ରିଟ ଲାଇଟ୍ ଗୁଡିକ ଜଳୁନଥିବାରୁ ରାସ୍ତଟି ରାତିରେ ସଂପୂର୍ଣ୍ଣ ଅନ୍ଧାରରେ ରହୁଛି । ପ୍ରତ୍ୟେକେ ହେଲ୍ଦିଂ ଟ୍ୟାକ୍ସ ଦେଉ ଥିବା ବେଳେ ସେମାନଙ୍କ ପ୍ରତି ପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ ସୁଜୟ କୁମାର ଗିରି, ଗୌରାଙ୍ଗ ଚରଣ ଦାସ, କେଦାର ନାଥ ଗିରି, ସୁବୋଧ କୁମାର ଭୂୟାଁ, ବାସୁଦେବ ଭୂୟାଁ, ଗୋବିନ୍ଦ ମହାପାତ୍ର, ପ୍ରଫୁଲ୍ଲ ଦେ, ଅରୁଣ ମହାନ୍ତି, ସୁରେଶ ମାଣିକ, ମିଟିକା ଭଂଜ, ମିହିର କୁମାର କର ପ୍ରମୁଖ ଜଣାଇଛନ୍ତି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର, ୨୬ ଅଗଷ୍ଟ - ଆଜି ଗଂଜାମ ଜିଲ୍ଲାରେ ୧୯୬କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୬୯୩୬ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୭୩୨, ବାଲେଶ୍ୱର ଜିଲ୍ଲାରେ ୩୧୭୫, ବରଗଡ ଜିଲ୍ଲାରେ ୧୪୮୮, ଭଦ୍ରକ ଜିଲ୍ଲାରେ ୨୩୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୫୨୦ . ବୌଦ୍ଧ ଜିଲ୍ଲାରେ ୫୪୩, କଟକ ଜିଲ୍ଲାରେ ୬୫୨୫, ଦେବଗଡ ଜିଲ୍ଲାରେ ୧୬୭, ଢେଙ୍କାନାଳ ଜିଲ୍ଲାରେ ୧୨୯୬. ଗଜପତି ଜିଲ୍ଲାରେ ୨୭୫୫, ଜଗତସିଂହପୁର ଜିଲ୍ଲାରେ ୧୫୮୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୩୦୫, ଝାରସୁଗୁଡା ଜିଲ୍ଲାରେ ୦୩୯, କଳାହାଣ୍ଡି ଜିଲ୍ଲାରେ ୧୧୬୦, କନ୍ଧମାଳ ୨୦୦୬, କେନ୍ଦ୍ରାପଡା ଜିଲ୍ଲାରେ ୧୩୮୫, କେନ୍ଦୁଝର ଜିଲ୍ଲାରେ ୧୫୯୩, ଖୋର୍ଧା ଜିଲ୍ଲାରେ ୧୩୩୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୨୯୮୫ , ମାଲକାନଗିରି ଜିଲ୍ଲାରେ ୨୦୯୩, ମୟୁରଭଂଜ ଜିଲ୍ଲାରେ ୨୫୦୬. ନବରଙ୍ଗପୁର ଜିଲ୍ଲାରେ ୯୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ନୟାଗଡ ଜିଲ୍ଲାରେ ୨୫୬୧, ନୂଆପଡା ଜିଲ୍ଲାରେ ୩୪୦ , ପୁରୀ ଜିଲ୍ଲାରେ ୨୯୬୫, ରାୟଗଡା ଜିଲ୍ଲାରେ ୩୫୬୬. ସମ୍ବଲପୁର ଜିଲ୍ଲାରେ ୨୨୭୦. ସୁବର୍ଣ୍ଣପୁର ଜିଲ୍ଲାରେ ୫୩୧ ଓ ସୁନ୍ଦରଗଡ ଜିଲ୍ଲାରେ ୪୦୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଦିନକରେ ୯୭ କରୋନା ପଜିଟିଭ୍ ଚିହ୍ନଟ
# ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୧୭୫କୁ ବୃଦ୍ଧି

ବାଲେଶ୍ୱର,୨୬।୮(): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୨ ଲକ୍ଷ ଅତିକ୍ରମ କରିଥିବା ବେଳେ ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୩୩୭୧ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୭,୬୦୨ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୪୪୧ଛୁଇଁଛି । ସେହିଭଳି ବାଲେଶ୍ୱରରେ ଗତ ୨୪ ଘଣ୍ଟା ମଧ୍ୟରେ ୯୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୭୫ରେ ପହଞ୍ଚିଛି । ଅଦ୍ୟାବଧି ୨୧୨୬ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା୧୦୩୫ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଜିଲ୍ଲାର କରୋନା ରୋଗୀଙ୍କର ମୃତ୍ୟୁ ସଂଖ୍ୟା ଏବେ ୯ରେ ସ୍ଥିର ରହିଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୯୭ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୪୬ ଜଣ ଥିବା ଜଣାପଡ଼ିଛି । ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଚଳିତ ଅଗଷ୍ଟ ମାସରେ ବାଲେଶ୍ୱର ଜିଲ୍ଲାରେ ବୃଦ୍ଧି ପାଇଥିବା ରେକର୍ଡ୍ ସଂଖ୍ୟକ ସଂକ୍ରମଣ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଗତ ଏପ୍ରିଲ ମାସ ୧୭ ତାରିଖରୁ ଚଳିତ ଅଗଷ୍ଟ ମାସ ୨୪ ତାରିଖ ମଧ୍ୟରେ ଜିଲ୍ଲାରେ ୧୬୮୪ ଜଣ ସଂକ୍ରମିତ ହୋଇଥିବା ବେଳେ କେବଳ ଅଗଷ୍ଟମାସ ୧୫ ତାରିଖରୁ ଆଜି ପର୍ଯ୍ୟନ୍ତ ଅର୍ଥାତ ୧୨ ଦିନରେ ୧୪୯୧ ଜଣ ସଂକ୍ରମିତ ହେବା ପ୍ରଶାସନ ଚିନ୍ତା ବଢ଼ାଇ ଦେଇଛି ।ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

## ଘୁ.ଉଦୟଗିରିରେ ଯୋଗ ଦେଲେ ନୂଆ ଏସଡିପିଓ ଡି.ତୁରୁପତି ରାଓ ପଟ୍ଟନାୟକ

କନ୍ଧମାଳ,୨୬ଅଗଷ୍ଟ (ହି.ସ.)- କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଏସଡିପିଓ ଭାବରେ ଡି ତିରୁପତ୍ତୁ ରାଓ ଯୋଗ ଦେଇଛନ୍ତି । ଫୁଲବାଣୀ ଜିଲ୍ଲା ପୋଲିସ ଅଫିସରେ ଏହାପୁର୍ବରୁ ସେ ଡିଏସପି ଭାବରେ କାର୍ଯ୍ୟ ରତ ଥିଲେ । ଘୁ.ଉଦୟଗିରି ଥାନା ଅଧିକାରୀ ଜୟକୃଷ୍ଣ ବେହେରାଙ୍କର ପଦୋନ୍ନତି ହେବାପରେ ତାଙ୍କୁ ନବରଙ୍ଗପୁର ଜିଲ୍ଲାକୁ ବଦଳି ହେବାପରେ ତାଙ୍କ ସ୍ଥାନରେ ଯୋଗ ଦେଇଛନ୍ତି ଶ୍ରୀ ପଟ୍ଟନାୟକ । ଯୋଗ ଦେବାପରେ ସେ ସେହି ଅଂଚଳରେ ଆଇନ ସୃଙ୍ଖଳା ପରିସ୍ଥିତି ସମେତ କରୋନା ସଂକ୍ରମଣକୁ ରୋକିବା ନିମନ୍ତେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

# ବୈତରଣୀ ନଦୀ ବିପଦ ସଂକେତ ଉର୍ଦ୍ଧ୍ୱରେ, ମୁତୟନ ହେଲେ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍






ଭଦ୍ରକ,୨୬।୮ : ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇ ବିପଦ ସଂକେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଆଖୁଆପଦା ଠାରେ ବୈତରଣୀ ନଦୀର ବିପଦ ସଂକେତ ୧୭.୮୩ ମିଟର ଥିବା ବେଳେ ଏଠାରେ ନଦୀ ସନ୍ଧ୍ୟା ୬ଟା ସମୟରେ ୧୮ ମିଟର ଉପରେ ପ୍ରବାହିତ ହେଉଛି । ଜଳପତ୍ତନରେ ଆହୁରି ବୃଦ୍ଧି ହୋଇ ଏହି ୧୯ କିମ୍ବା ଏହାଠାରୁ ଅଧିକ ହୋଇ ପାରେ ବୋଲି ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇଛନ୍ତି । ଯାହା ଫଳରେ ଭଣ୍ଡାରିପେଖରୀ, ଧାମନଗର ଏବଂ ଚାନ୍ଦବାଲି ବ୍ଲକର ତଳିଆ ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଛି । ଜିଲ୍ଲାପାଳ ଡ. ଦାସ ଆଖୁଆପଦା ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ବନ୍ୟା ପରିଚାଳନା ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ବନ୍ୟା ମୁକାବିଲା ତଥା ଉଦ୍ଧାର କାର୍ଯ୍ୟ ପରିଚାଳନା ପାଇଁ ଜିଲ୍ଲାରେ ପହଞ୍ଚିଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ଭଣ୍ଡାରିପୋଖରୀ ଏବଂ ଓଡ୍ରାଫ୍ ଟିମ୍‌କୁ ଧାମନଗର ବ୍ଲକକୁ ପଠା ଯାଇଛି । ଏହା ସହିତ ଧାମନଗର ଓ ଭଣ୍ଡାରିପୋଖରୀର ଅଗ୍ନିଶମ ବିଭାଗକୁମଧ ସଜାଗ ରଖା ଯାଇଛି । ଆବଶ୍ୟକ ସମୟରେ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ପାରେ । ଅନ୍ୟପକ୍ଷରେ ବନ୍ୟା ସ୍ଥିତି ମୁକାବିଲା ଓ ପରିଚାଳନା କରିବା ପାଇଁ ଧାମନଗର ବ୍ଲକ ଦାୟିତ୍ୱରେ ଥିବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଓ ଚାନ୍ଦବାଲି ତଳିଆ ଅଞ୍ଚଳ ପଞ୍ଚାୟତ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର ନିଜ ନିଜ ଅଞ୍ଚଳରେ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧରେ ଭଦ୍ରକରେ ୧୦୦.୨ ମିଲିମିଟିର ବର୍ଷା ହୋଇଥିବା ବେଳେ ବାସୁଦେବପୁରର ୧୫୮ ମିମି, ଭଣ୍ଡାରିପୋଖରୀରେ ୧୩୮, ବନ୍ତରେ ୧୦୬, ଚାନ୍ଦବାଲିରେ ୧୧୧.୬, ଧାମନଗରରେ ୮୦, ତିହିଡିରେ ୧୨୦.୪ ମିମି ବର୍ଷା ହୋଇଛି । ଏହିପରି ଜିଲ୍ଲାରେ ମୋଟ ୮୧୯.୨ ମିଲିମିଟର ବର୍ଷା ହୋଇଥିବା ବେଳେ ଜିଲ୍ଲାର ହାରାହାରି ବର୍ଷା ୧୧୭.୦୨ ମିମି ବୋଲି ରେକର୍ଡ କରାଯାଇଛି । ସନ୍ଧ୍ୟା ସୁଦ୍ଧା ତୁହାକୁ ତୁହା ବର୍ଷା ଲାଗି ରହିଥିବା ଦେଖିବାକୁ ମିଳିଛି ।

## ଟୋକା ଗଣେଶ ମଣ୍ଡପ ପ୍ରତିଷ୍ଠାତାଙ୍କ ପରଲୋକ

ଭଦ୍ରକ, ୨୬ ଅଗଷ୍ଟ (ହି.ସ.) - ଭଦ୍ରକ ସହରର ବିଶିଷ୍ଟ ବ୍ୟବସାୟୀ, ସମାଜସେବୀ ତଥା ପୁରୁଣାବଜାର ସ୍ଥିତ ଟୋକା ଗଣେଶ ପୂଜା ମଣ୍ଡପର ପ୍ରତିଷ୍ଠାତା କାଳନ୍ଦୀ ଚରଣ ନନ୍ଦୀଙ୍କର ପରଲୋକ ହୋଇ ଯାଇଛି । ପୁରୁଣାବଜାର ସ୍ଥିତ ତାଙ୍କ ବାସ ଭବନରେ ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁରେ ପୁରୁଣା ବଜାର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ଖବର ପାଇ ବହୁ ବୁଦ୍ଧିଜୀବୀ ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ତାଙ୍କର ପରୋପକାରିତା ଗୁଣ ପାଇଁ ସେ ବେଶ୍ ଜନାଦୃତ ହୋଇ ପାରିଥିଲେ ।

# ମରଣ ଯନ୍ତା ପାଲଟିଛି ବାଙ୍ଗି ଛକ ରାସ୍ତା, ପ୍ରଶାସନ ନୀରବଦ୍ରଷ୍ଟା




ଗୁଣପୁର : ଗୁଣପୁର ଉପଖଣ୍ଡ ଅନ୍ତର୍ଗତ ରାମନାଗୁଡ଼ା ବ୍ଲକ୍‌ର ବାଙ୍ଗୀ ଛକ ରାସ୍ତା ଯେଉଁ ରାସ୍ତା କି ରାୟଗଡ଼ା ଜିଲ୍ଲାକୁ ସଂଯୋଗ କରୁଛି । ଏହି ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟୟ ହୋଇ ପଡ଼ି ମରଣ ଯନ୍ତା ପାଲଟିଯାଇଛି । ସେହି ରାସ୍ତାଦେଇ ଦିନକୁ ହଜାର ହଜାର ଗାଡ଼ି ମୋଟର ସାଇକେଲ୍ ଯାଆ ଆସ କରୁଛି । ନେତା, ମନ୍ତ୍ରୀ, ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଦୈନିକ ଏହି ରାସ୍ତା ଦେଇ ଯିବାଆସିବା କରନ୍ତି । ଦୈନିକ ଆମ୍ବୁଲାନ୍ସ ଯିବା ଆସିବା ବେଳେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଭାରିଯାନ ସବୁ ଏଡି ମରଣଯନ୍ତାରେ ଛନ୍ଦି ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ବର୍ଷ ହେଲା ଏହି ରାସ୍ତା କାହିଁକି ନିର୍ମାଣ ହୋଇ ପାରୁନି ଏହା ସାଧାରଣରେ ପ୍ରଶ୍ନବାଚୀ । ଅତିଶୀଘ୍ର ଏହି ରାସ୍ତା ନିର୍ମାଣ ନ ହେଲେ ଜିଲ୍ଲା ସଦରକୁ ଯାତାୟତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ । ଆଜି ସକାଳେ କେତୋଟି ଗାଡ଼ି ପୁରା ଅଟକି ରହିଥିଲା ଏବଂ ରାସ୍ତା ସମ୍ପୂର୍ଣ୍ଣ ପୁରା ବନ୍ଦ ହୋଇଯାଇଥିଲା, ପରେ ବାଙ୍ଗିରୋଡ୍‌ର ଦୁର୍ଦ୍ଦଶା ଖବର ପାଇ ଆଜି ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ରାୟଗଡ଼ା ଜିଲ୍ଲାପାଳ ଏବଂ ପୂର୍ତ୍ତ ବିଭାଗ ସହ କଥାବାର୍ତ୍ତା କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ରାମାନାଗୁଡ଼ା ତହସିଲଦାର ଯାଇ ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ । ଆଉ ଖାଲଖମାକୁ ତିଆରି କରିବା ଏବଂ ଯେଉଁ ମାନଙ୍କର ଜମି ଯାଇଛି ସେମାନଙ୍କର ଆକଳନ କରାଯିବ ବୋଲି ସୂଚନା ମିଳିଛି । ଏବେ ମଧ ଆଲୋଚନା ଜାରି ରହିଛି ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ଯଥାଶୀଘ୍ର ଦୃଷ୍ଟି ଦେବାକୁ ଜିଲ୍ଲାବାସୀ ଦାବି କରିଛନ୍ତି ।

# ଲୋକଙ୍କ ଜୀବନ ଜିବିକାର ସୁରକ୍ଷା ଓ ସରକାରୀ ନିତୀ ବିରୁଧରେ ସିପିଏମ୍‌ର ବିକ୍ଷୋଭ

ଜଳେଶ୍ୱର, ୨୬/୮ (ନି.ପ୍ର) : ମହାମାରୀ କୋଭିଡ୍-୧୯ର ମୁକାବିଲା ବେଳେ ଲୋକଙ୍କ ଜିବନ ଜୀବିକାକୁ କେନ୍ଦ୍ର ସରକାର ଅଣଦେଖା କରି ଲକ୍‌ଡାଉନ୍ ସମୟରେ ପ୍ରଚଳିତ ଆଇନ୍ ସଂଶୋଧନ କିମ୍ବା ବାତିଲକୁ ବିରୋଧ କରିଛି ସିପିଏମ୍‌ର ଆଂଚଳିକ କମିଟି । ଖାଦ୍ୟାଭାବ ବେକାରୀ, ଦରବୃଦ୍ଧି, ଯୋଗୁଁ ଦେଶବାସୀ ହସ୍ତସନ୍ତ ହେଉଥିବାବେଳେ ସରକାର ଧନି ପୁଞ୍ଜିପତି ଓ କର୍ପୋରେଟ ମାନଙ୍କ ସ୍ୱାର୍ଥରକ୍ଷାର ପ୍ରହରୀ ସାଜିଛନ୍ତି । ସମଗ୍ର ଦେଶରେ ଅଗଷ୍ଟ ୨୦ରୁ ୨୬ ପର୍ଯ୍ୟନ୍ତ ସିପିଏମ୍ ପ୍ରତିବାଦ ଦିବସ ପାଳନ କରିବା ଅବସରରେ ଜଳେଶ୍ୱରରେ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଆୟକର ଦେଉନଥିବା ପରିବାରକୁ ୭୫୦୦ଟଙ୍କାଏ ୬ମାସ ଲାଗି ଦେବା, ପ୍ରତି ପରିବାରକୁ ୧ କିଲୋଚାଉଳ କିମ୍ବା ଗହମ ଯୋଗାଇବା, ଡାଲି, କିରୋସୀନି ମାଗଣାରେ ଦେବା, ପ୍ରତି ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା, ଆନ୍ତାରାଜ୍ୟପ୍ରବାସୀ ଶ୍ରମିକ ଆଇନ୍ ୧୯୭୯କୁ ଉଚ୍ଛେଦ ନ କରିବା, ଧାନର ସହାୟକ ମୂଲ୍ୟ ୩ହଜାର ଟଙ୍କା କରିବା, ପ୍ରଚଳିତ ଶ୍ରମ ଆଇନ୍ ସଂଶୋଧନକୁ ବାତିଲ କରିବା, ଭାରତୀୟ ରେଳ, ବିଦ୍ୟୁତ୍, ପେଟ୍ରୋଲିୟମ, କୋଇଲା, ବ୍ୟାଙ୍କକୁ ଘରୋଇକରଣ ନ କରିବା, ପ୍ରଧାନମନ୍ତ୍ରୀ କେୟାର ଫଣ୍ଡରେ ଜମା ଅର୍ଥକୁ ମହାମାରୀ ଲାଗି ଖର୍ଚ୍ଚ କରିବା, କୃଷକ ଓ କୃଷକଙ୍କ ଋଣ ଛାଡ କରିବା, ଜାମୁ କାଶ୍ମିରରୁ ୨୦୧୯ ଅଗଷ୍ଟରୁ ଗିରଫ ହୋଇଥିବା ସମସ୍ତ ବନ୍ଦିକୁ ଖଲାସ କରିବା ଇତ୍ୟାଦି ୧୬ ଦଫା ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଜଳେଶ୍ୱର ଥାନାର ଆଇଆଇସି ଏବଂ ମଧ୍ୟସ୍ଥ ମାନଙ୍କର ନିରପେକ୍ଷ ତଦନ୍ତ କରି ଦୋଶୀଙ୍କୁ ଗିରଫ, ଜଳେଶ୍ୱର ଥାନାରୁ ଦଲାଲ ମୁକ୍ତ , ନିଶା ବେପାରକୁ ବନ୍ଦ କରିବା ଇତ୍ୟାଦି ଦାବି ନେଇ ଷ୍ଟେସନବଜାରଠାରେ ଦିଲ୍ଲୀପ କୁମାର ଗିରି, ଶିଶିର କୁମାର ହୁଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି ବିକ୍ଷୋଭ । ଅନ୍ୟମାନଙ୍କ ମଧ୍ୟରେ ସୀତାଂଶୁ ସେନାପତି, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ତାପସୀ ପ୍ରହରାଜ, ଦିଲ୍ଲିପ ପରିଡା, ଜୀବନ ପରିଡା, ସେକ୍‌ଅବଦୁଲ ଦାଦିକ, ଜତିନ୍ ଜେନା, ଗଣେଶ ଭୂୟାଁ, ସବିତା ଭୂୟାଁ, ମଦନ ମହାଲି, ଭାଗବତ ପ୍ରଧାନ, କୁମାରକୃଷ୍ଣ କର, କଳ୍ପିତା କର, ସେକ୍‌ଅବଦୁଲ ରହିମ, ରବିନ୍ଦ୍ର ଜେନା, ଅଚ୍ୟୁତାନନ୍ଦ ଘୋଷ, ଚନ୍ଦନ ଶତପଥୀ, ରାଜକୁମାର ଆଚାର୍ଯ୍ୟ, କାହ୍ନୁ ସିଂ, କାଦ ହେମ୍ବ୍ରମ, ଚତୁର୍ଭୁଜ ମଲ୍ଲିକ, ରାମ ମହାନ୍ତି, ପରେଶ ନନ୍ଦି, ଅରୁଣ ରାୟ ପ୍ରମୁଖ ମଧ୍ୟ ଏଥିରେ ଭାଗ ନେଇଥିଲେ ।

# ସମ୍ବଲପୁର ରେଳ ମଣ୍ଡଳରେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜିତ

ସମ୍ବଲପୁର, ୨୬ ଅଗଷ୍ଟ (ହି.ସ.)- ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ପୂର୍ବତଟ ରେଳପଥ, ସମ୍ବଲପୁର ମଣ୍ଡଳ ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶାରୀରିକ ଓ ମନସିକ ସ୍ତରରେ ସୁସ୍ଥ ରଖିବା ପାଇଁ ୧୫ ଅଗଷ୍ଟରୁ ୨ ଅକ୍ଟୋବର ୨୦୨୦ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ଆୟୋଜନ କରାଯାଉଅଛି । ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସରଳ ପଦକ୍ଷେପ ଗ୍ରହଣ କରି ନିଜକୁ ସୁସ୍ଥ ରଖିବା ପାଇଁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍‌ରେ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରାଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ତତ୍ୱାବଧାନରେ ୨୬ ଅଗଷ୍ଟ ୨୦୨୦ରେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ ଆୟୋଜିତ ହୋଇଥିଲା । ଏହି ରନ୍ ରେଳବାଇ ଷ୍ଟାଡିୟମ୍‌ରୁ ବାହାରି ରେଳନଗର ଗେଟ୍ ପର୍ଯ୍ୟନ୍ତ ଯାଇ ପୁଣି ରେଳବାଇ ଷ୍ଟାଡିୟମକୁ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ଅବସରରେ ଡିଆରଏମ ପ୍ରଦୀପ କୁମାର କହିଲେ ଯେ, ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ କର୍ମଚାରୀ ଓ ସେମାନଙ୍କର ପରିବାର ସଦସ୍ୟଙ୍କ ଶରୀର ଏବଂ ମନର ସୁସ୍ଥତାକୁ ବଜାଇ ରଖିବା ପାଇଁ ସଚେତନତା ସୃଷ୍ଟି କରିବା । ଏହି ଅବସରରେ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁର ଅଧକ୍ଷା ଶ୍ରୀମତୀ ଇଷା ମଲ୍ଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏ.ଭି. ଏସ.ଏସ. ପାତ୍ରୁଡୁ, ମହିଳା କଲ୍ୟାଣ ସଂଗଠନର ସଦସ୍ୟା, ରେଳ ଅଧିକାରୀ, ରେଳ ସୁରକ୍ଷା ଜଜ୍, କ୍ରୀଡ଼ାବିତ୍ ତଥା ବହୁ ସଂଖ୍ୟାରେ କର୍ମଚାରୀ ଓ ସେମାନଙ୍କର ପରିବାର ଯୋଗଦାନ କରିଥିଲେ । ସାମାଜିକ ଦୂରତା ବଜାୟ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ; ଜଣେ ମୃତ ଦୁଇ ଗୁରୁତର



ବାରିପଦା(ଆପ୍ର)ତା-୨୫/୦୮- ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପଳାଶବଣି ରାସ୍ତାରେ ମଙ୍ଗଳବାର ପୂର୍ବାହ୍ନ ସମୟରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ମୃତ ଏବଂ ଦୁଇ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା । ସୂଚନାଯୋଗ୍ୟ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଭେଲୁଡିହି ଗ୍ରାମର ସେକ୍ ନାସିର ବାଇକ୍ ଯୋଗେ ଗୋରୁମହିଷାଣୀରୁ ରାଇରଙ୍ଗପୁର ଅଭିମୁଖେ ଯିବା ସମୟରେ ବିଶୋଇ ଥାନା ଅନ୍ତର୍ଗତ ଭାତଛତର ଗ୍ରାମର ମୁରଲି ମହାକୁଡ଼ ଏବଂ ଗୋବିନ୍ଦ ମହାକୁଡ଼ ବିଶୋଇରୁ ଗୋରୁ ମହିଷାଣୀ ଯାଉଥିବା ବେଳେ ଉଭୟ ବାଇକ୍ ଦୁର୍ଘଟଣାରେ ଶିକାର ହୋଇଥିଲେ । ରାଇରଙ୍ଗପୁର ହସ୍ପିଟାଲରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅଛନ୍ତି । ପୋଲିସ ବାଇକ ଜବତ କରି ତଦନ୍ତ କରୁଛି ।

# ୧ଲକ୍ଷରୁ ଉର୍ଦ୍ଧ୍ୱ ସର୍ବାଧିକ ଜାହାଜ ଚାଳକ ଦଳ ପରିବର୍ତ୍ତନରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର



ପାରାଦ୍ୱୀପ ତା୨୫/୦୮ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଭାରତୀୟ ବନ୍ଦର ମାନଙ୍କରେ ଆବଶ୍ୟକତା ଦୃଷ୍ଟିରୁ ଜାହାଜ ଚାଳକ ଦଳଙ୍କୁ ପରିବର୍ତ୍ତନ କରାଇ ବିଶ୍ୱାରେ ପ୍ରଥମ ଦେଶ ଭାବେ ପରିଗଣିତ ହୋଇଛି ଭାରତ । ସଂପ୍ରତି କୋରୋନା ସଂକ୍ରମଣ ଓ ଏହାର ପ୍ରତିବନ୍ଧକ ଯୋଗୁଁ ସରା ବିଶ୍ୱ ଓ ଦେଶରେ ସାମୁଦ୍ରିକ ତଥା ବିମାନ ସେବା ଉପରେ ଏହାର ଘୋର ପ୍ରଭାବ ଦେଖାଦେଇଥିଲା । ଜାହାଜ ମାନଙ୍କରେ କର୍ମଚାରୀ ପରିବର୍ତ୍ତନ ବା ସାଇନ୍ ଅଫ୍ ଓ ସାଇନ୍ ଅନ୍ ଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଏହି କୋରୋନା ସଂକ୍ରମଣ ପ୍ରଭାବରେ ଏହି ପ୍ରକ୍ରିୟା ଉପରେ ଘୋର ପ୍ରଭାବ ଦେଖିବାକୁ ମିଳିଥିଲା । ସମୁଦ୍ର ମଧରେ ଓ ବିଭିନ୍ନ ବନ୍ଦରରେ ଚାଳକ ଦଳ ଓ କର୍ମଚାରୀ ମାନେ ଦୀର୍ଘଦିନ ଅଟକି ରହିବାକୁ ପଡିଥିଲା । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ରାଜ୍ୟ ଜାହାଜ ଚଳାଚଳ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭିୟାଙ୍କ ନିର୍ଦ୍ଦେଶ କ୍ରମେ ଡିଜି ସିପିଙ୍ଗ ସମସ୍ତ କୋଭିଡ୍-୧୯ ନିୟମ ଅନୁଯାୟ ଜାହାଜ ଚାଳକ ଦଳଙ୍କୁ ପରିବର୍ତ୍ତନ କରାଇ ସାମୁଦ୍ରିକ ସେବା ପ୍ରକ୍ରିୟା ସ୍ୱାଭାବିକ କରିଥିଲେ । ପ୍ରକାଶଥାଉକି ଦେଶର ଅର୍ଥନୈତିକ ପ୍ରଗତୀ ଏହି ସାମୁଦ୍ରିକ ବ୍ୟବସାୟ ଉପରେ ଅନେକାଂଶରେ ନିର୍ଭରଶୀଳ । ତେବେ ଡିଜି ସିପିଙ୍ଗରେ ଏହି ସଫଳତା ପାଇଁ ମନ୍ତ୍ରୀ ମାଣ୍ଡିଭୟା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

## ଶେଷରେ ବଦଳି ହେଲେ ବହୁଚର୍ଚ୍ଚିତ ଗ୍ରାମରକ୍ଷୀ : ଯୋର ଧରିଛି ଆଲୋଚନା

ଜଳେଶ୍ୱର, ୨୬/୮ (ନି.ପ୍ର) : ଗତ କିଛିବର୍ଷ ଧରି ୫୭ ରାଜ୍ୟ ରାଜପଥର ଆମ୍ବଲିଅଠା ତନଖି ଫାଟକ ଓ ୬୦ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ତନଖି ଫାଟକଠାରେ ୨ଜଣ ଗ୍ରାମରକ୍ଷୀ କାର୍ଯ୍ୟ କରି ଆସୁଥିଲେ । ଇତି ମଧ୍ୟରେ ୩ଜଣ ପୁଲସ୍ ଇନିସ୍‌ପେକ୍ଟର ବଦଳି ହୋଇଥିବା ବେଳେ ଏବଂ ୨ଟି ତନଖି ଫାଟକ ଉଚ୍ଛେଦ ହୋଇଥିବା ମଧ୍ୟ ସେହି ୨ଜଣ ଗ୍ରାମରକ୍ଷୀ ସେଠାରେ ମୁତୟନ ରହୁଥିଲେ । ୬୦ନଂ ଜାତୀୟ ରାଜପଥର ତନଖି ଫାଟକ ଠାରେ ଅନନ୍ତ କୁମାର ମଣ୍ଡଳ ଏବଂ ୫୭ ରାଜ୍ୟରାଜପଥର ଆମ୍ବଲିଅଠା ତନଖି ଫାଟକଠାରେ ବୀର ଭଂଜ ନାମକ ଗ୍ରାମରକ୍ଷୀର କେବେ ବଦଳି ହେଉନଥିଲା । ନିକଟରେ ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁଙ୍କ ବଦଳି ପରେ ଭାରପ୍ରାପ୍ତ ଅଧିକାରୀ ନଗରଦୀପ ସେଠୀ ଅନନ୍ତ କୁମାର ମଣ୍ଡଳଙ୍କୁ ସେଠାରୁ ବଦଳି କରିଛନ୍ତି । କିନ୍ତୁ ଏହି ଦୁଇ ଗ୍ରାମରକ୍ଷୀଙ୍କର ନିଜ ଗ୍ରାମରେ କର୍ତ୍ତବ୍ୟ ସାଧନ କରୁନଥିବା ବେଳେ ସେମାନଙ୍କୁ କାହିଁକି ଏହି ଦୁଇ ଉପାନ୍ତ ତନଖି ଫାଟକ ନିକଟରେ ମୁତୟନ କରାଯାଇଥିଲା ତାହା ନେଇ ଜଳେଶ୍ୱରର ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଥିଲା । ଏମାନଙ୍କର ବହୁ ଆୟ ବହିର୍ଭୁତ ସମ୍ପତ୍ତି ଥିବାର ଅନୁମାନ କରାଯାଏ । ତେଣୁ ଏମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ହେବାକୁ ବହୁ ଲୋକ ଦାବି କରିଛନ୍ତି ।

# ଜୀବନ ବିନ୍ଦୁ ଅଭିଯାନରୁ ସଦର ସଂଯୋଜକଙ୍କ ଇସ୍ତଫା




ବାଲେଶ୍ୱର,୨୬।୮(): ରାଜ୍ୟରେ ରକ୍ତର ଅଭାବ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଜୀବନ ବିନ୍ଦୁ ଅଭିଯାନର ସଦର ଶାଖା ସଂଯୋଜକ ସଲିମ ରାଜା ନିଜ ପଦବୀରୁ ଇସ୍ତଫା ଦେଇଥିବା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଗତ କିଛିଦିନ ପୂର୍ବରୁ ନୂଆ ଭାବେ ନିଯୁକ୍ତ ହୋଇଥିବା ଜିଲ୍ଲା ସଂଯୋଜକଙ୍କର ତାଙ୍କ ପ୍ରତି ବଢ଼ି ଚାଲିଥିବା ସହିଷ୍ଣୁତା କାରଣରୁ ଏହି ସେବା ଅନୁଷ୍ଠାନରୁ ଦୂରେଇଯିବାକୁ ସେ ନିଷ୍ପତି ନେଇଥିବା ସ୍ପଷ୍ଟ କରିଛନ୍ତି । ପୂର୍ବ ଜିଲ୍ଲା ସଂଯୋଜକ ଆଶିଷ ଘୋଷଙ୍କ ସହ ସମନ୍ୱୟ ରକ୍ଷା କରି ସେ ବିଗତ ଦିନରେ ୧୦ ହଜାରରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ କରି ଜିଲ୍ଲା ରକ୍ତଭଣ୍ଡାରକୁ ଦେଇଛନ୍ତି । ଏମିତିକି କରୋନା ଭଳି ସଙ୍ଗୀନ ସ୍ଥିତିରେ ବି ସେ ରକ୍ତଦାନ ଶିବିର ଆୟୋଜନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ । ମାତ୍ର ନିକଟ ଅତୀତରେ ନିଯୁକ୍ତ ହୋଇଥିବା ଜିଲ୍ଲା ସଂଯୋଜକଙ୍କ ତାଙ୍କୁ ଅଣଦେଖା କରି ଚାଲିବା ତାଙ୍କ ସ୍ୱାଭିମାନକୁ ଆଘାତ ଦେଇଥିବା ସେ କହିଛନ୍ତି । ରକ୍ତଦାନ ଭଳି ମହତ କାର୍ଯ୍ୟ ପାଇଁ ସେ ଜୀବନ ବିନ୍ଦୁ ଅଭିଯାନରେ ଯୋଡ଼ି ହୋଇଥିଲେ । ମାତ୍ର ଏଠାରେ ଏବେ ଆତ୍ମିୟତା କିମ୍ବା ଅନୁଶାସନର ଘୋର ଅଭାବ ଦେଖାଦେଇଥିବା ବେଳେ ସେ ବାଧ୍ୟ ହୋଇ ନିଜ ପଦବୀରୁ ଇସ୍ତଫା ଦେଇଥିବା ପ୍ରକାଶ କରିଛନ୍ତି । ତେବେ ଆଗାମୀ ଦିନରେ ପୂର୍ବଭଳି ବିଜୁ ଜନତା ଦଳର ଜଣେ ସକ୍ରିୟ ସଦସ୍ୟ ହୋଇ ରହିବେ ଓ ଦଳର ଆଦର୍ଶ ତଥା ଅନୁଶାସନ ପ୍ରତି ଗୁରୁତ୍ୱ ଦେଇ ଦଳୀୟ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟ କରିବେ ବୋଲି ସେ ସୂଚନା ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo